ବର୍ଷ-୨୬, ସଂଖ୍ୟା-୨୮୮
ଭୁବନେଶ୍ୱର
ଅକ୍ଟୋବର, ୨୮, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 288
Bhubaneswar
October, 28, 2026, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଅଭିଷେକଙ୍କ ଧମାକା




# ଦୁର୍ନୀତି କରି ୪୧ ସରକାରୀ କର୍ମଚାରୀ ବହିଷ୍କୃତ

## ସଙ୍କୋଚତା ଓ ସାଧୁତାର ଶପଥ ପାଠ କରାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୧୦(ମହାଭାରତ): 'ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୪୧ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି ଏବଂ ୯୧ ଜଣ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନସନ ବନ୍ଦ କରାଯାଇଛି।' ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଏ କଥା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଚେତାବନୀ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ପୂର୍ବ ପରି ଶାସନ ଆଇଭରି ଟାୱାରରୁ ଚାଲୁ ନାହିଁ। ସରକାର ଲୋକଙ୍କ ପାଖକୁ ଯାଉଛନ୍ତି। ଲୋକଙ୍କ କଥା ଶୁଣୁଛନ୍ତି। ଆମ ସରକାରଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ତୃଣମୂଳସ୍ତରରେ ଦୁର୍ନୀତିକୁ ରୋକିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଜନଶୁଣାଣି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନେ ତାଙ୍କ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ସମ୍ମୁଖୀନ ହେଉଥିବା ଦୁର୍ନୀତି ବିଷୟରେ ଅବଗତ କରାଉଛନ୍ତି ଓ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉଛି।

ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟର ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ପଦାଧିକାରୀ ଓ ଅତିଥିମାନଙ୍କୁ ଦୁର୍ନୀତି ବିରୁଦ୍ଧରେ ସାଧୁତାର ଶପଥ ପାଠ କରାଇ କହିଥିଲେ ଯେ ଭିଜିଲାନ୍ସ ବିଭାଗ ହେଉଛି ଗୁଡ୍ ଗଭର୍ଣ୍ଣାନ୍ସର ଆଖି ଓ କାନ। ଗୁଡ୍ ଗଭର୍ଣ୍ଣାନ୍ସ ମାନେ କେବଳ ନୀତି ଓ ଯୋଜନା ପ୍ରଣୟନ କରିବା ନୁହେଁ, ଏହାର ପ୍ରକୃତ ଅର୍ଥ ହେଉଛି ଦୁର୍ନୀତିକୁ ସମ୍ପୂର୍ଣ୍ଣ ଭାବେ ରୋକାଯାଇ ଉଦ୍ଦିଷ୍ଟ ଅର୍ଥ ଯେଉଁ କାରଣ ପାଇଁ ପ୍ରାବଧାନ କରାଯାଇଛି, ଯାହାଙ୍କ ପାଇଁ କରାଯାଇଛି, ତାଙ୍କ ପାଖରେ ପହଞ୍ଚିବାକୁ ଶତପ୍ରତିଶତ ସୁନିଶ୍ଚିତ କରିବା। ତେଣୁ, ରାଜ୍ୟର ପ୍ରଗତି ସହିତ ତାଳ ମିଳାଇ ଆମ ସରକାର ଓଡିଶା ଭିଜିଲାନ୍ସକୁ ଅଧିକ ଦକ୍ଷ ଓ ଶକ୍ତିଶାଳୀ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଔଇଗ ବ୍ୟବସ୍ଥା ପାଇଁ ତାଙ୍କୁ ଧନ୍ୟବାଦ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି




ଟେକ୍ନୋଲୋଜିକୁ ବ୍ୟବହାର କରି ମୋଦୀଜୀ ତୃଣମୂଳ ସ୍ତରରେ ଦୁର୍ନୀତିକୁ ସମ୍ପୂର୍ଣ୍ଣ ମୂଳପ୍ରାଟନ କରିଛନ୍ତି। ବାଟମାରଣା ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଏହି ବ୍ୟବସ୍ଥା ଗରିବଙ୍କ ପାଇଁ ଭଗବାନଙ୍କ ବରଦାନ ଠାରୁ କିଛି କମ୍ ନୁହେଁ।

ଦୁର୍ନୀତି ବିରୁଦ୍ଧରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦୁର୍ନୀତି ମୁକାବିଲା ପାଇଁ ଆମ ସରକାର ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି, ଇଣ୍ଟେଲିଜେନ୍ସ ଆଧାରରେ ପଦ, କାର୍ଯ୍ୟକାଳ ନିର୍ବିଶେଷରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଦୁର୍ନୀତି ପାଇଁ ଗିରଫ ହୋଇଥିବା ଅଧିକାରୀଙ୍କ ଦଣ୍ଡ ବିଧାନ ଭଳି ତିନୋଟି ରଣକୌଶଳ ଆପଣାଇଛନ୍ତି। ଭିଜିଲାନ୍ସ ବିଭାଗ ଏହି ରଣକୌଶଳକୁ ନିର୍ଭିକତାର ସହିତ ଏବଂ ବୃତ୍ତିଗତ ଭାବେ କାର୍ଯ୍ୟକାରୀ କରୁଥିବା ଦର୍ଶାଇ ସେ ସନ୍ତୋଷ ବ୍ୟକ୍ତ କରିଥିଲେ।

ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୪୧ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରୀରୁ ବରଖାସ୍ତ କରାଯାଇଛି ଏବଂ ୯୧ ଜଣ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନସନ ବନ୍ଦ କରାଯାଇଛି। ୨୦୨୫ରେ କନ୍‌ଭିକ୍ସନ ରେଟ୍ ୫୦ ପ୍ରତିଶତ ଥିବା ବେଳେ ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ସର୍ବାଧିକ ୬୫ ପ୍ରତିଶତରେ ପହଞ୍ଚିଛି। ଦୁର୍ନୀତି କ୍ଷେତ୍ରରେ ଏଭଳି ଉଚ୍ଚ ଦଣ୍ଡବିଧାନ ହାର ପାଇଁ ଓଡିଶା ଭିଜିଲାନ୍ସ ରାଜ୍ୟ ଭିତରେ ଓ ବାହାରେ ପ୍ରଶଂସିତ ହେଉଛି।ଦୁର୍ନୀତି ନିୟନ୍ତ୍ରଣ କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟବହାର ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏ କ୍ଷେତ୍ରରେ ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗ ପାଇଁ ଓଡ଼ିଶା ଆଇଟି ପଲିସି ଅନୁମୋଦନ କରାଯାଇଛି। ଓଡିଶା ଭିଜିଲାନ୍ସରେ ଏକ ପ୍ରିଭେଣ୍ଟିଭ୍ ଭିଜିଲାନ୍ସ ରିସର୍ଚ୍ଚ ୱିଂଗ ଗଠନ କରାଯାଉଛି। ଏହାଦ୍ୱାରା ଦୁର୍ନୀତି ହେଉଥିବା ସ୍ଥାନ ଓ ଦୁର୍ନୀତିଗ୍ରସ୍ତଙ୍କୁ ଚିହ୍ନଟ କରାଯାଇ ଶାସନ ବ୍ୟବସ୍ଥାକୁ ଆହୁରି ସ୍ୱଚ୍ଛ ଓ ପାରଦର୍ଶୀ କରାଯିବ।

ଦୁର୍ନୀତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ଅଢେଇ ବର୍ଷ ମଧ୍ୟରେ ଓଡିଶା ଭିଜିଲାନ୍ସ ପକ୍ଷରୁ ଜଣେ ଆଇ.ଏ.ଏସ୍, ୮ ଜଣ ମୁଖ୍ୟ ଯନ୍ତ୍ରୀ ପାହ୍ୟାର ଅଧିକାରୀ, ୨ ଜଣ ବିଭାଗୀୟ ବନ ଅଧିକାରୀ, ଅବକାରୀ ଏବଂ ଏସ୍.ଟି.ଏ ର ଯୁଗ୍ମ କମିଶନର, ୩ ଜଣ ଖଣି ଉପନିର୍ଦ୍ଦେଶକ, ୫ ଜଣ ତହସିଲଦାର, ୪ ଜଣ ବିଡିଓ ଏବଂ ଅନେକ ସରକାରୀ ପଦାଧିକାରୀଙ୍କ ବିରୁଦ୍ଧରେ ଦୃଢ ପଦକ୍ଷେପ ଗ୍ରହଣ କରାଯାଇଛି।

ମୁଖ୍ୟମନ୍ତ୍ରୀ ଚଳିତ ବର୍ଷର ପ୍ରସଙ୍ଗ 'ସାଧୁତାରୁ ସମୃଦ୍ଧି' ବିଷୟରେ ବର୍ଣ୍ଣନା କରି କହିଥିଲେ ଯେ, ଦୃଢ ନୈତିକତା, ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ସାଧୁତା ହେଉଛି ଆମର ଏହି ଦୁର୍ନୀତି ବିରୋଧୀ ଲଢେଇର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର। ସରକାରୀ କର୍ମଚାରୀମାନଙ୍କୁ ଆଚରଣରେ ସାଧୁତା ଓ ନିଷ୍ଠା ପ୍ରଦର୍ଶନ କରିବା ସହିତ ସମସ୍ତେ ସାଧୁତାକୁ ନିଜର ବିଶ୍ୱାସ ଓ ନିଷ୍ଠାକୁ ଜୀବନର ଏକ ଶୈଳୀ ଭାବେ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୦୨୫ ବର୍ଷ ପାଇଁ ଶ୍ରେଷ୍ଠ ଭିଜିଲାନ୍ସ ଡିଭିଜନ ଭାବେ କୋରାପୁଟ ଡିଭିଜନ, ଶ୍ରେଷ୍ଠ ୟୁନିଟ ଭାବେ ଅନୁଗୋଳ ୟୁନିଟ, ଶ୍ରେଷ୍ଠ ଆଇ.ଓ ଭାବେ ମାଲକାନଗିରି ଭିଜିଲାନ୍ସ ଡିଏସପି ସଦାନନ୍ଦ ପାଣି, ଶ୍ରେଷ୍ଠ ମହିଳା ଆଇ.ଓ ଭାବେ ଭୁବନେଶ୍ୱର ଡିଭିଜନର ବୈଭବମାଳା ସ୍ୱାଇଁ ଏବଂ ଶ୍ରେଷ୍ଠ ପବ୍ଲିକ ପ୍ରୋସିକ୍ୟୁଟର ଭାବେ ଭୁବନେଶ୍ୱର ଭିଜିଲାନ୍ସ ସ୍ପେଶାଲ ଜଜ୍ କୋର୍ଟର ସଲିଳ କୁମାର ପ୍ରଧାନଙ୍କୁ ପୁରସ୍କୃତ କରିଥିଲେ।

## ଟ୍ରମ୍ପଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଲେ ମଡେଲ

ୱାଶିଂଟନ୍, ୨୭।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଛନ୍ତି ପୂର୍ବତନ ମିସ୍ ସ୍ୱିଜରଲାଣ୍ଡ ତଥା ମଡେଲ୍ ବିଟ୍ରିସ୍ କିଉଲ୍। ୧୯୯୩ ମସିହାରେ ଆମେରିକାର ନ୍ୟୁୟର୍କସ୍ଥିତ ପ୍ଲାଜା ହୋଟେଲରେ ଟ୍ରମ୍ପ ତାଙ୍କୁ ଦୁଷ୍କର୍ମ କରିଥିବା ସେ ଅଭିଯୋଗ କରିଛନ୍ତି। ଆମେରିକା ପ୍ରତିନିଧି ସଭାର ନ୍ୟାୟିକ କମିଟିର ଡେମୋକ୍ରାଟ୍ ସଦସ୍ୟମାନେ ଅକ୍ଟୋବର ୨୬ରେ ପ୍ରକାଶ କରିଥିବା ୫୩ ପୃଷ୍ଠାର ଏକ ରିପୋର୍ଟରେ ଏହି ଅଭିଯୋଗ ସ୍ଥାନ ପାଇଛି। ତେବେ ହ୍ୱାଇଟ୍ ହାଉସ୍ ଏହି ଅଭିଯୋଗକୁ ମିଥ୍ୟା ଓ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି କହି ଖଣ୍ଡନ କରିଛି। ରିପୋର୍ଟ ଅନୁଯାୟୀ, ୧୯୯୩ ନଭେମ୍ବରରେ ଏକ ସୌନ୍ଦର୍ଯ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଯୋଗଦେବା ସମୟରେ ୨୪ ବର୍ଷୀୟା କିଉଲ୍‌ଙ୍କ ସହ ଟ୍ରମ୍ପଙ୍କ ପରିଚୟ ହୋଇଥିଲା। ସେତେବେଳେ ଟ୍ରମ୍ପ ନ୍ୟୁୟର୍କର ପ୍ଲାଜା ହୋଟେଲର ମାଲିକ ଥିଲେ। କିଉଲ୍‌ଙ୍କ ଅଭିଯୋଗ ଅନୁସାରେ, ଟ୍ରମ୍ପ ତାଙ୍କୁ ଆମେରିକାର ଭିସା କରାଇଦେବା ଏବଂ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବାରେ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇ ଦ୍ରୁତ ବିକାଶ ପଥରେ ଓଡ଼ିଶା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୧୦(ମହାଭାରତ): ଆସନ୍ତା ଅକ୍ଟୋବର ୩୧ ତାରିଖରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗୁଜରାଟର ଏକତା ନଗରସ୍ଥିତ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ନିକଟରେ ଅନୁଷ୍ଠିତ ହେବାକୁଥିବା ଜାତୀୟ ପ୍ୟାରେଡ୍‌ରେ ଯୋଗଦେବା ପାଇଁ ଆଜି ଭୁବନେଶ୍ୱର ନୂଆ ରେଳ ଷ୍ଟେସନରୁ ଏକ ସ୍ୱତନ୍ତ୍ର ଟ୍ରେନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି।

ରାଜ୍ୟର ୧୯ଟି ନକ୍ସଲମୁକ୍ତ ଜିଲ୍ଲାରୁ ପ୍ରାୟ ଏକ ହଜାର ଜଣ ପ୍ରତିନିଧି ଏହି



ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜରାଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି, ଯେଉଁମାନେ କି ଏକତା ନଗରରେ ଶାନ୍ତି, ସୁରକ୍ଷା ଏବଂ ପ୍ରଗତିର ପ୍ରତୀକ ଭାବେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଏହି ଶୁଭାରମ୍ଭ ଅବସରରେ ଗଣମାଧ୍ୟମକୁ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଯେ ଏକ ଅସାଧାରଣ ନେତୃତ୍ୱ ଓ ଦୃଢ଼ ସଂକଳ୍ପ ବଳରେ ସର୍ଦ୍ଦାର ପଟେଲ ଦେଶର ୫୫୦ରୁ ଅଧିକ ଦେଶୀୟ ରାଜ୍ୟକୁ ଏକତ୍ରିତ କରି ଆଜିର ଅଖଣ୍ଡ ଭାରତ ଗଠନ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମସିହାରେ କ୍ଷମତାକୁ ଆସିବା ପରେ ପ୍ରତିବର୍ଷ ତାଙ୍କ ଜନ୍ମଦିବସକୁ 'ରାଷ୍ଟ୍ରୀୟ ଏକତା ଦିବସ' ଭାବେ ପାଳନ କରି ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିଆସୁଛନ୍ତି। ଚଳିତ ବର୍ଷର ଏହି ଜାତୀୟ ସ୍ତରୀୟ ଏକତା ପ୍ୟାରେଡ୍ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଭାରତର ଚିତ୍ରକୁ ପ୍ରତିଫଳିତ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦୃଢ଼ ନେତୃତ୍ୱ ଏବଂ ଦେଶ ତଥା ରାଜ୍ୟର ସୁରକ୍ଷା ବାହିନୀଙ୍କ ପ୍ରଚେଷ୍ଟା ଫଳରେ ଦେଶ ଏବଂ ଓଡ଼ିଶା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇ ଦ୍ରୁତ ଗତିରେ ବିକାଶ ପଥରେ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଭିତ୍ତିଭୂମି ନିର୍ମାଣ ସହିତ ସାମାଜିକ ଓ ଅର୍ଥନୈତିକ ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ବିଶେଷ କରି ୧୦ଟି ପ୍ରଭାବିତ ଜିଲ୍ଲାରେ 'ଗ୍ରାମୋଦୟ ପ୍ଲସ୍' ଯୋଜନା ଜରିଆରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ସମନ୍ୱିତ ଭାବେ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଯାଉଛି, ଯାହାଫଳରେ ସେମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ଏକ୍ ଭାରତ୍, ଶ୍ରେଷ୍ଠ ଭାରତ୍' କଳ୍ପନାକୁ ସାକାର କରିବା ପାଇଁ ଦେଶର

# ଆଇଏଏସ୍ତରରେ ବଡଧରଣର ଅଦଳବଦଳ

ଭୁବନେଶ୍ୱର, ୨୭।୧୦(ମହାଭାରତ): ରାଜ୍ୟ ସରକାର ଆଜି ନିର୍ଦ୍ଦେଶକ ପାହ୍ୟାର ବରିଷ୍ଠ ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଉପାଧ୍ୟକ୍ଷ ଦାୟିତ୍ୱରୁ ୨୦୧୪ ବ୍ୟାଚ୍ ଆଇଏଏସ୍ ଚଂଚଳ ରାଣାଙ୍କୁ ମୁକ୍ତ କରାଯାଇଛି। ତାଙ୍କ ସ୍ଥାନରେ ୨୦୧୩ ବ୍ୟାଚ୍ ଆଇଏଏସ୍ ଶୁଭମ ସାକସେନାଙ୍କୁ ବିଡିଏ ଉପାଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି। ଆଗାମୀ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ତଥା ରାଜଧାନୀ ଭୁବନେଶ୍ୱରରେ ସହରାଂଚଳ ସେବା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ଲକ୍ଷ୍ୟରେ ଚଂଚଳଙ୍କୁ କେବଳ ଭୁବନେଶ୍ୱର ମହାନଗର ନିଗମର କମିଶନର ଦାୟିତ୍ୱ ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ୨୦୧୩ ବ୍ୟାଚ୍ ଆଇଏଏସ୍ ଶୁଭମ୍ ସାକସେନାଙ୍କୁ ବିଡିଏ ଉପାଧ୍ୟକ୍ଷ ଭାବେ ବଦଳି କରାଯାଇଛି। ସେହିପରି କେନ୍ଦ୍ରୀୟ ଡେପୁଟେସନ ଅବଧି ସରିବା ପୂର୍ବରୁ ରାଜ୍ୟ କ୍ୟାଡ଼ରକୁ ଫେରାଇ ଦିଆଯାଇଥିବା ୨୦୧୩ ବ୍ୟାଚ୍ ଆଇଏଏସ୍ ଡାକ୍ତର ପରାଗ ହର୍ଷଦ ଗାଭାଲୀଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନର 'ମିଶନ ନିର୍ଦ୍ଦେଶକ' ଭାବେ ଅବସ୍ଥାପିତ କରାଯାଇଛି।

କେନ୍ଦ୍ର ସରକାର ତାଙ୍କର କେନ୍ଦ୍ରୀୟ ଡେପୁଟେସନ ଅବଧି ସରିବା ପୂର୍ବରୁ ଚଳିତମାସ ୭ତାରିଖରେ ତାଙ୍କୁ ରାଜ୍ୟ କ୍ୟାଡ଼ରକୁ ଫେରାଇ ଦେଇଥିଲେ। ଏବେ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚଏମ)ର ରାଜ୍ୟ ନିର୍ଦ୍ଦେଶିକା ଭାବେ ୨୦୧୦ ବ୍ୟାଚ୍ ଆଇଏଏସ୍ ବୃନ୍ଦା ଡି ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ବୃନ୍ଦାଙ୍କୁ ରାଜ୍ୟ ସରକାର ଗତ କିଛିମାସ ତଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ଦେଇଥିଲେ। ତାଙ୍କୁ ଏବେ ଏନଏଚଏମର ଅତିରିକ୍ତ ଦାୟିତ୍ୱରୁ ମୁକ୍ତ କରାଯାଇଛି।

ସେହିପରି ରାଜ୍ୟର ପ୍ରମୁଖ ଦୁଗ୍ଧ ସମବାୟ ସଂସ୍ଥା 'ଓମ୍‌ଫେଡ'ର ପରିଚାଳନା ନିର୍ଦ୍ଦେଶକ ଭାବେ ୨୦୧୪ ବ୍ୟାଚ୍ ଆଇଏଏସ୍ ତଥା ଗୃହ ବିଭାଗର ଅତିରିକ୍ତ ସଚିବ ପ୍ରଣତି ଛୋଟରାୟଙ୍କୁ ବଦଳି କରାଯାଇଛି। ରାଜ୍ୟ ପ୍ରାଣୀସମ୍ପଦ ଓ ପଶୁଚିକିତ୍ସା ସେବା ନିର୍ଦ୍ଦେଶକ ୨୦୧୩ ବ୍ୟାଚ୍ ଆଇଏଏସ୍ ବିଜୟ ଅମୃତ କୁଲାଙ୍ଗେ ଏବେ ଓମଫେଡର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ପ୍ରଣତିଙ୍କ ନିଯୁକ୍ତି ସହ କୁଲେଙ୍ଗଙ୍କୁ ଅତିରିକ୍ତ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି।

୨୦୧୨ ବ୍ୟାଚ୍ ଆଇଏଏସ୍ ପୋମା ଟୁଡୁଙ୍କୁ ରାଜ୍ୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶିକା ଭାବେ ନିଯୁକ୍ତି ମିଳିଛି। ପୋମା ଏବେ ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ତଥା ଖାଦ୍ୟ ସୁରକ୍ଷା କମିଶନର ଭାବେ କାର୍ଯ୍ୟରତ ଅଛନ୍ତି।

ସେହିପରି ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗର ନିର୍ଦ୍ଦେଶକ ୨୦୧୪ ବ୍ୟାଚ୍ ଆଇଏଏସ୍ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କୁ ରାଜ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି।

## ମତ୍ସ୍ୟଜୀବୀଙ୍କୁ ସୁରକ୍ଷା

ପାରାଦୀପ, ୨୭।୧୦: ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀଙ୍କ ସୁରକ୍ଷା ପାଇଁ ବଡ଼ ପଦକ୍ଷେପ ନେଇଛି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ। ପ୍ରତିକୂଳ ପାଣିପାଗ ମଧ୍ୟରେ ୩୦୫ ଜଣ ମତ୍ସ୍ୟଜୀବୀଙ୍କୁ ୩୫ଟି ମାଛଧରା ଡଙ୍ଗା ସହ ବନ୍ଦର ଭିତରେ ଆଶ୍ରୟ ଦିଆଯାଇଛି। ସୂଚନା ଅନୁସାରେ, ସୋମବାର ସନ୍ଧ୍ୟାରୁ ଏହି ଡଙ୍ଗାଗୁଡ଼ିକ ବନ୍ଦର ଭିତରେ ରହିଛି। ମତ୍ସ୍ୟଜୀବୀଙ୍କୁ ଇଷ୍ଟର୍ଣ୍ଣ କ୍ୱେ-୧ (ଇଷ୍ଟ-୧) ବର୍ଥରେ ରଖାଯାଇଛି, ଯାହାଦ୍ୱାରା ଖରାପ ପାଗ ସମୟରେ ସେମାନେ ସୁରକ୍ଷିତ ରହିପାରିବେ। ବାତ୍ୟା ଭଳି ପ୍ରତିକୂଳ ପରିସ୍ଥିତିରେ ସମୁଦ୍ରକୂଳରେ ରହୁଥିବା ମତ୍ସ୍ୟଜୀବୀଙ୍କ ଜୀବନ ଓ ଜୀବିକାର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ। ଏହି ଉଦ୍ଦେଶ୍ୟରେ ବନ୍ଦର କର୍ତ୍ତୃପକ୍ଷ ଆଗୁଆ ପଦକ୍ଷେପ ନେଇଛନ୍ତି। ମଙ୍ଗଳବାର 'ଏକ୍ସ'ରେ ଏକ ପୋଷ୍ଟ କରି ଏହି ସୂଚନା ଦେଇଛି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ। ମତ୍ସ୍ୟଜୀବୀଙ୍କ ସୁରକ୍ଷା ଓ ସହଯୋଗ ପ୍ରତି ନିଜର ପ୍ରତିବଦ୍ଧତା ଦୋହରାଇବା ସହ "ସୁରକ୍ଷା ପ୍ରଥମ, ପ୍ରସ୍ତୁତି ସବୁବେଳେ" ବାର୍ତ୍ତା ଦେଇଛନ୍ତି।

# ମଧ୍ୟରାତ୍ରରେ ତାଣ୍ଡବ ରଚିଲା ଅର୍ଣ୍ଣବ

ଭୁବନେଶ୍ୱର, ୨୭।୧୦: ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ' ଆଜି ବିଳମ୍ବିତ ରାତିରେ ସ୍ଥଳ ଭାଗ ଛୁଇଁଛି। ପୂର୍ବରୁ ପୂର୍ବାହ୍ନରେ ସ୍ଥଳଭାଗ ଛୁଇଁବା ନେଇ ପୂର୍ବରୁ ଆକଳନ କରାଯାଇଥିଲା। ତେବେ ଏହା ଅପେକ୍ଷାକୃତ ଶୀଘ୍ର ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ଏହି ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା। ଆନ୍ଧ୍ରପ୍ରଦେଶର ବାପଟାଲା ଓ ବିଶାଖାପାଟଣା ମଧ୍ୟରେ ସ୍ଥଳଭାଗ ଛୁଇଁଛି। ବାତ୍ୟା 'ଅର୍ଣ୍ଣବ' ଲଗାତାର ଦୁର୍ବଳ ହେବାରେ ଲାଗିଛି ବୋଲି ଜଣାପଡ଼ିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଏହା ଧୀରେ ଧୀରେ ଦୁର୍ବଳ ହେଉଛି। 'ଅର୍ଣ୍ଣବ'ର ଆଖି ମେଲିବା ସହ ଫାଟିବା ଆରମ୍ଭ ହୋଇଛି। ବାତ୍ୟାର ବାହ୍ୟ ବଳୟ ସ୍ଥଳଭାଗ ଛୁଇଁବା ଆରମ୍ଭ କରିଛି।

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ଏବେ ଭୀଷଣ ରୂପ ଧାରଣ କରି ସ୍ଥଳଭାଗ ଆଡ଼କୁ ମାଡ଼ି ଆସିଥିଲା। ଏହାର ପ୍ରଭାବରେ ରାଜ୍ୟରେ ଲଗାଣ ବର୍ଷା ଲାଗି ରହିଥିବାବେଳେ ଦକ୍ଷିଣ ଓଡ଼ିଶାରେ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ଉପକୂଳ ଓଡ଼ିଶାରେ ଲଗାଣ ବର୍ଷା ଜାରି ରହିଛି। ସମ୍ଭାବ୍ୟ ପରିସ୍ଥିତିକୁ ଆକଳନ କରି ରାଜ୍ୟ ସରକାର ଜିରୋ କାଜୁଆଲିଟି ଲକ୍ଷ୍ୟରେ ଏପର୍ଯ୍ୟନ୍ତ ମୋଟ ୪୮୦୧୦ ଜଣ ଲୋକଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିଛନ୍ତି।

ଭାରତୀୟ ପାଣିପାଗ ବିଭାଗ(ଆଇଏମଡି)ର ସୂଚନା ଅନୁସାରେ, ସାଢେ ୨ଟା ସୁଦ୍ଧା ଏହି ଭୀଷଣ ବାତ୍ୟା କାକିନାଡ଼ାଠାରୁ ଦକ୍ଷିଣ-ପୂର୍ବରେ ୧୪୦ କିମି, ବିଶାଖାପାଟଣାରୁ ଦକ୍ଷିଣରେ ୧୭୦ କିମି, ମଛିଲିପଟ୍ଟନମରୁ ପୂର୍ବରେ ୨୩୦ କିମି, ବାପଟଲାରୁ ପୂର୍ବ-ଉତ୍ତରପୂର୍ବରେ ୩୦୦କିମି ଓ ଓଡ଼ିଶାର ଗୋପାଳପୁରଠାରୁ ଦକ୍ଷିଣ-ଦକ୍ଷିଣପଶ୍ଚିମ ଦିଗରେ ପ୍ରାୟ ୩୮୦ କିମି ଦୂରରେ କେନ୍ଦ୍ରୀଭୂତ ରହିଛି। ଲ୍ୟାଣ୍ଡଫଲ୍ ସମୟରେ ପବନର ସର୍ବାଧିକ ବେଗ ଘଣ୍ଟାପ୍ରତି ୧୨୫ରୁ ୧୩୫ କିମି ଓ ଝଟକା ପବନ ୧୫୦ କିମି ପର୍ଯ୍ୟନ୍ତ ରହିବ।ଏହି ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ଓ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ସହିତ ଘଣ୍ଟାପ୍ରତି ୬୦ରୁ ୮୦ କିମି ଓ ଝଟକା ପବନ ୯୦କିମି ପର୍ଯ୍ୟନ୍ତ ବୋହିବାର ଆଶଙ୍କା ଥିବାରୁ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି।

ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ନିମନ୍ତେ ଭୁବନେଶ୍ୱରସ୍ଥିତ ରାଜୀବ ଭବନ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷଠାରେ ରାଜସ୍ୱ ଓ



ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ପ୍ରଭାବିତ ୮ଟି ଜିଲ୍ଲା ଯଥା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡିକୁ ୧୯ କୋଟି ଟଙ୍କାର ଆଗୁଆ ଆର୍ଥିକ ସହାୟତା ପାଣ୍ଠି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି) ଯୋଗାଇ ଦେଇଛନ୍ତି।

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ୪୮୦୧୦ ଜଣ ଲୋକଙ୍କୁ ସ୍ଥାନାନ୍ତର ସହ ସେମାନଙ୍କ ରହଣି ପାଇଁ ମୋଟ ୪୬୬ଟି ସ୍ୱତନ୍ତ୍ର ବାତ୍ୟା ଆଶ୍ରୟସ୍ଥଳୀର ବ୍ୟବସ୍ଥା ହୋଇଛି। ନବରଙ୍ଗପୁର ଜିଲ୍ଲାରେ ୧୧୨୭୦ ଜଣଙ୍କ ପାଇଁ ୧୩୪ଟି, ଗଜପତିରେ ୧୧ହଜାରଙ୍କ ପାଇଁ ୧୭୫ଟି, ମାଲକାନଗିରିରେ ୯୮୫୦ ଜଣଙ୍କ ପାଇଁ ୩୫ଟି, ଗଞ୍ଜାମରେ ୬୫୦୦ ଜଣଙ୍କ ପାଇଁ ୩୭ଟି, କୋରାପୁଟରେ ୫ହଜାର ଲୋକଙ୍କ ପାଇଁ ୪୭ଟି, କଳାହାଣ୍ଡିରେ ୨୪୧୫ ଜଣଙ୍କ ପାଇଁ ୧୪ଟି, ନୂଆପଡ଼ାରେ ୧୬୭୫ ଜଣଙ୍କ ପାଇଁ ୧୭ଟି ଓ ରାୟଗଡ଼ାରେ ୩୦୦ ଜଣଙ୍କ ପାଇଁ ୭ଟି ଆଶ୍ରୟସ୍ଥଳୀରେ ସମସ୍ତ ପ୍ରକାର ଆନୁସଙ୍ଗିକ ସୁବିଧା କରାଯାଇଛି।

ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ତୁରନ୍ତ ସହାୟତା ପ୍ରଦାନ ନିମନ୍ତେ ଗଞ୍ଜାମରେ ୯ଟି ଓଡ୍ରାଫ, ୨ଟି ଏନଡିଆରଏଫ ଓ ୨୪ଟି ଅଗ୍ନିଶମ ଟିମ୍ ମୁତୟନ ଥିବାବେଳେ ଗଜପତିରେ ୬ଟି ଓଡ୍ରାଫ, ୧ଟି ଏନଡିଆରଏଫ ଓ ୮ଟି ଅଗ୍ନିଶମ ଟିମ୍ ନିୟୋଜିତ ଅଛନ୍ତି। ସେହିପରି ରାୟଗଡ଼ାରେ ୩ଟି ଓଡ୍ରାଫ୍, ଗୋଟିଏ ଏନଡିଆରଏଫ, ୧୧ଟି ଅଗ୍ନିଶମ ଟିମ୍, କୋରାପୁଟରେ ୩ଟି ଓଡ୍ରାଫ୍, ଗୋଟିଏ ଏନଡିଆରଏଫ, ୧୪ଟି ଅଗ୍ନିଶମ ଟିମ୍, ମାଲକାନଗିରିରେ ୩ଟି ଓଡ୍ରାଫ୍, ଗୋଟିଏ ଏନଡିଆରଏଫ, ୯ଟି ଅଗ୍ନିଶମ ଟିମ୍ ଓ ନବରଙ୍ଗପୁରରେ ୩ଟି ଓଡ୍ରାଫ୍ ସହ ୧୨ଟି ଅଗ୍ନିଶମ ଟିମ୍ କାର୍ଯ୍ୟକ୍ଷମ ରହିଛନ୍ତି। ଏହାସହ ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାରେ ମଧ୍ୟ ଆବଶ୍ୟକୀୟ ଅଗ୍ନିଶମ ବାହିନୀ ସଜାଗ ରହିଛନ୍ତି।

ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଂଚଳଗୁଡ଼ିକର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ରଖାଯିବା ସହ ଜିଲ୍ଲାପାଳ ଓ ଗୁରୁତ୍ୱପୂର୍ଣ୍ଣ ଅଧିକାରୀଙ୍କ ଛୁଟି ବାତିଲ କରି ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥିତି ଉପରେ କଡ଼ା ନଜର ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାଗୁଡ଼ିକରେ ମନ୍ତ୍ରୀ ଓ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ମୁତୟନ କରାଯାଇଛି। ଜିଲ୍ଲାଗୁଡ଼ିକରେ ୨୪ ଘଣ୍ଟିଆ ଜରୁରୀକାଳୀନ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ ରହିଛି। ଗର୍ଭବତୀ ମହିଳା ଓ ନବଜାତ ଶିଶୁଙ୍କ ନିମନ୍ତେ ମୋବାଇଲ ସ୍ୱାସ୍ଥ୍ୟ ଟିମ୍, ଅତ୍ୟାବଶ୍ୟକୀୟ ଔଷଧ ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରସ୍ତୁତ ରଖାଯାଇଛି ଓ ପ୍ରଭାବିତ ଅଂଚଳରେ ପଶୁଧନଙ୍କ ନିମନ୍ତେ ଗୋଖାଦ୍ୟ ବଣ୍ଟନର ବ୍ୟବସ୍ଥା ହୋଇଛି।

ସମୁଦ୍ର ଅତ୍ୟନ୍ତ ଅଶାନ୍ତ ଥିବାରୁ ଓଡ଼ିଶାର ସମସ୍ତ ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ ଜାରି କରାଯାଇ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଜନସାଧାରଣ କୌଣସି ପ୍ରକାର ଗୁଜବ ପ୍ରତି ଧ୍ୟାନ ନଦେଇ କେବଳ ପ୍ରଶାସନର ମାର୍ଗଦର୍ଶିକା ପାଳନ କରିବା ସହ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବାକୁ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି।

## ଦୁଷ୍କର୍ମ-ହତ୍ୟା ଅଭିଯୁକ୍ତର ପୁଲିସ ଏନକାଉଣ୍ଟର୍‌ରେ ମୃତ୍ୟୁ

କୋଲକାତା, ୨୭।୧୦(ଏଜେନସି): ପଶ୍ଚିମବଙ୍ଗରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗରେ ଗିରଫ ଅଭିଯୁକ୍ତର ସୋମବାର ବିଳମ୍ବିତ ରାତିରେ ପୁଲିସ ଏନକାଉଣ୍ଟରରେ ମୃତ୍ୟୁ ହୋଇଛି। ପୁଲିସ ଅଧିକାରୀମାନେ ତାକୁ ଅପରାଧ ଘଟଣାର ପୁନର୍ନିର୍ମାଣ ପାଇଁ ଘଟଣାସ୍ଥଳକୁ ନେଇଥିବା ବେଳେ ସେ ପୁଲିସ ହାତରୁ ସର୍ଭିସ୍ ରିଭଲଭର ଛଡ଼ାଇ ନେଇ ଗୁଳି ଚଳାଇବାକୁ ଉଦ୍ୟମ କରିଥିବା ପୁଲିସ କହିଛି।

ପୁଲିସର ସୂଚନା ଅନୁଯାୟୀ, ଏହି ମାମଲାରେ ଗିରଫ ଅଭିଯୁକ୍ତ ପ୍ରହ୍ଲାଦ ଦାସଙ୍କୁ ଗୈଘାଟା ନିଆଯାଇଥିଲା। ସେଠାରେ ସେ ପୁଲିସ ହାତରୁ ବନ୍ଧୁକ ଛଡ଼ାଇ ପୁଲିସ ଉପରକୁ ଗୁଳି ଚଳାଇବାକୁ ଉଦ୍ୟମ କରିଥିଲା। ଆତ୍ମରକ୍ଷା ପାଇଁ ପୁଲିସ ତା' ଉପରକୁ ଗୁଳି ଚଳାଇଥିଲା। ଏଥିରେ ପ୍ରହ୍ଲାଦ ଗୁରୁତର ଆହତ ହୋଇଥିଲା। ତାକୁ ଚିକିତ୍ସା ପାଇଁ ଚାନ୍ଦପଡ଼ା ଗ୍ରାମୀଣ ହସ୍ପିଟାଲକୁ ନିଆଯାଇଥିଲା। ତେବେ ଡାକ୍ତରମାନେ ସେଠାରେ ତାକୁ ମୃତ ଘୋଷଣା କରିଥିଲେ। ତା' ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହି ଗୁଳିମାଡ଼ରେ କୌଣସି ପୁଲିସ କର୍ମଚାରୀ ଆହତ ହୋଇନଥିବା ପୁଲିସ ସ୍ପଷ୍ଟ କରିଛି।

ଅଭିଯୁକ୍ତର ମୃତ୍ୟୁ ପରେ ତାଙ୍କ ପରିବାର ସଦସ୍ୟ ହସ୍ପିଟାଲରେ ପହଞ୍ଚି ହୋହଲ୍ଲା କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ହସ୍ପିଟାଲ ନିକଟରେ ବିପୁଳ ସଂଖ୍ୟାରେ ପୁଲିସ ମୁତୟନ କରାଯାଇଥିଲା। ଗତ ୩ ମାସ ମଧ୍ୟରେ ପଶ୍ଚିମବଙ୍ଗରେ ଏହା ଦ୍ୱିତୀୟ ଏଭଳି ଘଟଣା। ଏହା ପୂର୍ବରୁ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ବରୁଇପୁରରେ ଜଣେ ୧୧ ବର୍ଷୀୟା ଶିଶୁଙ୍କୁ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ପ୍ରଭାସ ମଣ୍ଡଳର ମଧ୍ୟ ପୁଲିସ ଏନକାଉଣ୍ଟରରେ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ, ଗୈଘାଟା ଦୁଷ୍କର୍ମ ଓ ହତ୍ୟା ମାମଲାରେ ପୁଲିସ ଏନକାଉଣ୍ଟରକୁ ପଶ୍ଚିମବଙ୍ଗର ପଞ୍ଚାୟତ ମନ୍ତ୍ରୀ ଦିଲୀପ ଘୋଷ ଯଥାର୍ଥ ବୋଲି କହିଛନ୍ତି। ଆଇନଶୃଙ୍ଖଳାର ଉଲ୍ଲଙ୍ଘନ କରୁଥିବା ବ୍ୟକ୍ତି ଏହାର ପରିଣାମ ଭୋଗିବେ ବୋଲି ସେ କହିଛନ୍ତି।

## ପେଣ୍ଠ ନିକଟରେ ଧସିଲା ଘେରିବନ୍ଧ

ରାଜନଗର, ୨୭।୧୦: ବାତ୍ୟା ଅର୍ଣ୍ଣବ ପ୍ରଭାବରେ ବଙ୍ଗୋପସାଗର ଅଶାନ୍ତ ହୋଇପଡିଛି। ଫଳରେ କେନ୍ଦ୍ରାପଡ଼ାଜିଲ୍ଲା ରାଜନଗରର ପେଣ୍ଠ ନିକଟରେ ଜୁଆର ମାଡ଼ରେ ସମୁଦ୍ର କୂଳରେ ନିର୍ମାଣ ହୋଇଥିବା ଲୁଣା ଘେରି ବନ୍ଧର ପ୍ରାୟ ୨୦୦ ଫୁଟ ଧସି ଯାଇଛି। ସମୁଦ୍ର ଦାଉରୁ ରକ୍ଷା କରିବା ପାଇଁ ଏହି ଲୁଣା ଘେରି ବନ୍ଧ ନିର୍ମାଣ କରାଯାଇଥିଲା। ଏତେ ଲମ୍ବର ବନ୍ଧ ଧସି ଯାଇଥିବାରୁ ସ୍ଥାନୀୟ ଅଞ୍ଚଳ ବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଅପରପକ୍ଷରେ, କେନ୍ଦ୍ରାପଡା ଜିଲ୍ଲା ପାଇଁ ବାତ୍ୟା ସେଭଳି ପ୍ରଭାବ ପକାଇବନି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତଥାପି, କାଳେ ବାତ୍ୟା ଗତିପଥ ବଦଳାଇବ ଓ ପ୍ରଭାବ ପଡିବ ସେଥିପାଇଁ ପ୍ରଶାସନ ତାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ଗତକାଲି (ସୋମବାର) କେନ୍ଦ୍ରାପଡା ଜିଲ୍ଲାପାଳ ବିଭିହନ ବାତ୍ୟା ଆଶ୍ରୟସ୍ଥଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ଅସଜଡା ଥିବା ପେଣ୍ଠ ବାତ୍ୟା ଆଶ୍ରୟସ୍ଥଳ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ରାଜସ୍ୱ ମନ୍ତ୍ରୀ ଏନେଇ ତାଗିଦ କରିଥିଲେ। ଆଜି ବିଡିଓ ଅଶୋକ କୁମାର ମହାନ୍ତି ଓ ତହସିଲଦାର ଯୀଶୁକ୍ରୀଷ୍ଟ ଦାସ ବଗପାଟିଆ , ପେଣ୍ଠ ଓ ଅନ୍ୟ ବାତ୍ୟା ଆଶ୍ରୟସ୍ଥଳ ଗୁଡିକ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ, ୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି, ୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



ଖବର

# ସକାଳ ଜଳଖିଆ ଖାଉନାହାଁନ୍ତି କି ତେବେ ହୋଇଯାଆନ୍ତୁ ସାବଧାନ

ସାରା ଦିନର ଆହାରରେ ସକାଳର ଜଳଖିଆ ସବୁଠାରୁ ଅଧିକ ଜରୁରୀ ହୋଇଥାଏ । କିନ୍ତୁ କିଛି ଲୋକ ଏହାକୁ ଏଡାଇ ଯାଆନ୍ତି । କିନ୍ତୁ ଜଣାଇବାକୁ ଚାହିଁବୁ ଯେ ଜଳଖିଆ ହେଉଛି ଆମ ଖାଦ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୋଜନ । ଅନ୍ୟପଟେ, ଯଦି ଆପଣ ସକାଳେ ଜଳଖିଆ ନକରନ୍ତି, ତେବେ ଆପଣଙ୍କର ଗୁରୁତର ସମସ୍ୟା ହୋଇପାରେ । ସାରା ଦିନର ଆହାରରେ ସକାଳର ଜଳଖିଆ ସବୁଠାରୁ ଅଧିକ ଜରୁରୀ ହୋଇଥାଏ । କିନ୍ତୁ କିଛି ଲୋକ ଏହାକୁ ଏଡ଼ାଇ ଦିଅନ୍ତି । । ଜଳଖିଆ ନଖାଇବା ଦ୍ୱାରା ଆପଣଙ୍କ ହୃତପିଣ୍ଡ ଭଲ ଭାବରେ କାମ କରେ ନାହିଁ । ଯେଉଁଥିପାଇଁ ଆପଣଙ୍କ ହୃଦୟ ସହିତ ଜଡିତ ସମସ୍ୟା ମଧ୍ୟ ହୋଇପାରେ । ତେବେ ଆସନ୍ତୁ ଜାଣିବା ଜଳଖିଆ ସ୍କିପ୍ କଲେ ଏହା ଆପଣଙ୍କ



ଶରୀର ଉପରେ କଣ ପ୍ରଭାବ ପକାଇବ ।

**ଓଜନ ବୃଦ୍ଧି:**

ଯଦି ଆପଣ ଜଳଖିଆ ଖାଉ ନାହାନ୍ତି, ତେବେ ଆପଣ ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନରେ ଅଧିକ ଭୋକିଲା ଅନୁଭବ କରନ୍ତି ଏବଂ ଆପଣ ଅଧିକ ପରିପୂର୍ଣ୍ଣ ଚର୍ବି, କ୍ୟାଲୋରୀ ଏବଂ ମିଠା ଜାତୀୟ ଖାଦ୍ୟ ଖାଇବା ଆରମ୍ଭ କରନ୍ତି । ଯେଉଁ କାରଣରୁ ଆପଣଙ୍କ ଓଜନ ଦ୍ରୁତ ଗତିରେ ବଢିବା ଆରମ୍ଭ କରେ ।

**ମଧୁମେହ:**

ଯଦି ଆପଣ ଜଳଖିଆକୁ ଅଣଦେଖା କରନ୍ତି, ତେବେ ଏହା ମଧୁମେହ ହେବାର ସମ୍ଭାବନା ବଢାଇଥାଏ । କାର୍ଯ୍ୟରତ ଲୋକ ମାନଙ୍କ ସହିତ ଏହି ସମସ୍ୟା ଅଧିକ ହୋଇଥାଏ ।

**ଇମ୍ୟୁନିଟୀ:**

ମାନସିକ ସ୍ତରରେ, ଯଦି ଆପଣ ସକାଳେ ଜଳଖିଆ ନ କରନ୍ତି, ତେବେ ଆପଣ ଦିନସାରା କ୍ଲାନ୍ତ ଅନୁଭବ କରିବେ ଏବଂ ଆପଣଙ୍କ ମନୋବଳ ମଧ୍ୟ ଠିକ ରହିବ ନାହିଁ ।

**ହୃଦୟ ସମସ୍ୟା:**

ଯେଉଁ ଲୋକମାନେ ସକାଳେ ଜଳଖିଆ କରନ୍ତି ନାହିଁ, ସେମାନଙ୍କର ରକ୍ତଚାପ ସାଧାରଣ ଅପେକ୍ଷା ଅଧିକ ରହିବାକୁ ଲାଗେ, ଯାହା ଧମନୀ ରକ୍ତ ପ୍ରବାହକୁ ପ୍ରଭାବିତ କରିଥାଏ । ସେଥିପାଇଁ ଭୁଲ୍ରେ ମଧ ଜଳଖିଆ ସ୍କିପ କରିବା ଉଚିତ୍ ନୁହେଁ ।

**କ୍ୟାନସର ହେବାର ଆଶଙ୍କା:**

ଯଦି ଆପଣ ଜଳଖିଆ ସହିତ ଦିନ ଆରମ୍ଭ ନକରନ୍ତି, ତେବେ ଆପଣଙ୍କୁ ଅନେକ ଗମ୍ଭୀର ସମସ୍ୟାର ସାମ୍ନା କରିବାକୁ ପଡିପାରେ । ଏହାର ଅର୍ଥ ଆପଣ ମଧ କ୍ୟାନସର ରୋଗର ଶିକାର ହୋଇପାରନ୍ତି । ସେଥିପାଇଁ ଜଳଖିଆକୁ କେବେବି ସ୍କିପ କରିବା ଉଚିତ୍ ନୁହେଁ ।

**ଅଧକପାଳୀ:**

ଯେତେବେଳେ ଆପଣ ଜଳଖିଆ ନ ଖାଆନ୍ତି, ସେହି ସମୟରେ ଆପଣଙ୍କ ରକ୍ତରେ ଶର୍କରା ସ୍ତର କମ୍ ହୋଇଥାଏ ଏବଂ ଏହା ଉଚ୍ଚ ରକ୍ତଚାପ ଏବଂ ମୁଣ୍ଡବିନ୍ଧା ବା ଅଧକପାଳୀର କାରଣ ହୋଇପାରେ । ତେଣୁ ଜଳଖିଆ ଖାଇବାକୁ ଭୁଲନ୍ତୁ ନାହିଁ।

# ଘରର ମାର୍ବଲ୍ ଚଟାଣ କଳା ପଡୁଥିଲେ, ଆପଣାନ୍ତୁ ଏସବୁ ଉପାୟ

ଘର ତିଆରି ସମୟରେ ସମସ୍ତେ ମାର୍ବଲ କିମ୍ବା ଟାଇଲ ପକାଇବାକୁ ପସନ୍ଦ କରୁଛନ୍ତି । ଏଥିପାଇଁ ଅନେକ ଟଙ୍କା ଖର୍ଚ୍ଚ ମଧ୍ୟ କରୁଛନ୍ତି। ଚଟାଣରେ ପଡିଥିବା ସୁନ୍ଦର ସୁନ୍ଦରର ମାର୍ବଲ ଘରର ସୌନ୍ଦର୍ଯ୍ୟକୁ ଆହୁରି ବି ବଢାଇଦିଏ । ଏହାସହ ନିୟମିତ ବ୍ୟବଧାନରେ ଏହାକୁ ସଫା ନକଲେ, ଏହା ହଳଦିଆ ଓ କଳା ପଡିଯାଇଥାଏ । ଯାହା କି ଅସୁନ୍ଦର ଦେଖାଦେଇଥାଏ। ତେବେ ଏଥିପାଇଁ ଯଦି ଆପଣ ଚିନ୍ତା କରୁଛନ୍ତି, ତେବେ ଆମେ ଆଜି ଆପଣଙ୍କୁ ମାର୍ବଲ ଚଟାଣ ସଫା କରିବା ପାଇଁ କିଛି ଟିପ୍ସ କହିବୁ । ଯାହାକୁ ପ୍ରୟୋଗ କରିବା ପରେ ଆପଣଙ୍କ ଘରର ମାର୍ବଲ ପୂର୍ବ ପରି ଚକଚକ୍ କରିପାରିବେ।

ଆସନ୍ତୁ ଜାଣିବା ମାର୍ବଲ୍ ସଫା କରିବା ପାଇଁ କିଛି ଘରୋଇ ଟିପ୍ସ।



ପ୍ରତ୍ୟେକ ଦିନ ଗରମ ପାଣିରେ ମାର୍ବଲ ଚଟାଣକୁ ପୋଛା ଲଗାନ୍ତୁ । ଏହାଦ୍ୱାରା ମାର୍ବଲ ଉପରେ ଜମିଥିବା ମଇଳା ସଫା ହୋଇଯିବ ।

ଡାର୍ବଲ ସଫା କରିବା ସମୟରେ ଯଦି କୌଣସି କ୍ଲିନର ବ୍ୟବହାର କରୁଥିଲେ ଏହାର ପିଏଚ ସାତରୁ ଅଧିକ ରଖନ୍ତୁ ନାହିଁ।

ଭିନେଗାର କିମ୍ବା ଲେମ୍ବୁ ଭଳି ଅମ୍ଳ ଜାତୀୟ ଜିନିଷ ବ୍ୟବହାର କରି ମାର୍ବଲ କେବେ ବି ସଫା କରରନ୍ତୁ ନାହିଁ । ଏହାଦ୍ୱାରା ଚଟାଣରେ ଦାଗ ପଡିଯାଏ ।

ଚଟାଣରେ ଲାଗିଥିବା ଅପରିଷ୍କାର ଜିନିଷକୁ ନରମ କପଡା କିମ୍ବା ସ୍ପଞ୍ଜ ସହାୟତାରେ ସଫା କରନ୍ତୁ । ମାର୍ବଲ ପଥର ବହୁତ ନରମ ହୋଇଥାଏ ।

ରୁହା ବ୍ରସ ସହାୟତାରେ ଏହାକୁ ସଫା କଲେ ମାର୍ବଲ ଉପରେ ଦାଗ ପଡିପାରେ କିମ୍ବା ଆବଡା ଖାବଡା ହୋଇପାରେ ।

ଖାଇବା ସୋଡା ବ୍ୟବହାର କରି ମାର୍ବଲ ଚଟାଣକୁ ସହଜରେ ସଫା କରିପାରିବେ । ଏପରି କଲେ ସହଜରେ ମାର୍ବଲରୁ ଦାଗ ଛାଡିଯାଏ ।

# ପିତ୍ତଳ ବାସନର ଚମତ୍କାରୀ ଲାଭ

ପିତ୍ତଳ ବାସନ ଓ ପାତ୍ର ଘରେ ରଖିବା ଖୁବ ଶୁଭ ବୋଲି ମାନ୍ୟତା ରହିଛି। ଉତ୍ତମ ସ୍ୱାସ୍ଥ୍ୟ ଦୃଷ୍ଟି କୋଣରୁ ପିତ୍ତଳ ପାତ୍ରରେ ପ୍ରସ୍ତୁତ ଭୋଜନ ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟ ପାଇଁ ଖୁବ ହିତକାରକ। ଏହା ଶରୀରକୁ ଆରୋଗ୍ୟ ରଖିବା ସହ ଆବଶ୍ୟକ ପରିମାଣରେ ଶକ୍ତି ପ୍ରଦାନ କରିଥାଏ। ଅନ୍ୟ ବାସନ ତୁଳନାରେ ଏହି ବାସନ ଖୁବ ଶକ୍ତ। ପିତ୍ତଳ କଳସରେ ରଖାଯାଇଥିବା ଜଳ ଶରୀରକୁ ଖୁବ ଶକ୍ତି ପ୍ରଦାନ କରିବା ସହ ସୁସ୍ଥ ରଖିବାରେ ବେଶ ସହାୟକ ହୋଇଥାଏ। ପିତ୍ତଳ ବାସନ ମଧ୍ୟରେ ଥାଳି, ପାତ୍ର, ଗ୍ଲାସ, ଲୋଟା, ଦେବାଦେବୀଙ୍କ ମୂର୍ତ୍ତି, ସିଂହାସନ, ଘଣ୍ଟ, ବିଭିନ୍ନ ବାଦ୍ୟଯନ୍ତ୍ର ଆଦି ରହିଛି। ଜାଣନ୍ତୁ ପିତ୍ତଳ ବାସନ ସହ ଜଡିତ କିଛି ସରଳ ଉପାୟ ବିଷୟରେ.



■ ଭାଗ୍ୟରେ ସୁପରିବର୍ତ୍ତନ ପାଇଁ ପିତ୍ତଳର ଏକ ପାତ୍ରରେ ଚଣା ବତୁରାଇ ରାତି ସାରା ନିଜ ମୁଣ୍ଡରେ ନିକଟରେ ରଖନ୍ତୁ। ସକାଳେ ଏହି ଚଣାରେ କିଛି ଗୁଡ ମିଶାଇ ଗାଈଙ୍କୁ ଖାଇବାକୁ ଦିଅନ୍ତୁ।

■ ଧନସମ୍ପତ୍ତି ବୃଦ୍ଧି ଓ ଧନର ଅଭାବ ଦୂର ପାଇଁ ପୂର୍ଣ୍ଣିମା ଦିନ କଳସରେ ଦେଶୀ ଘିଅ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ଅର୍ପଣ କରିବା ପରେ ସେହି ଘିଅକୁ ଅସହାୟଙ୍କୁ ଦାନ କରନ୍ତୁ।

■ ମା'ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ପାଇଁ ବୈଭବ ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିବା ସହ ପିତ୍ତଳର ଦୀପରେ ଶୁଦ୍ଧ ଘିଅ ବ୍ୟବହାର କରି ମା'ଙ୍କ ନିକଟରେ ଦୀପ ଲଗାନ୍ତୁ।

■ ଦୁର୍ଭାଗ୍ୟରୁ ମୁକ୍ତି ପାଇବା ପାଇଁ ପିତ୍ତଳର ଏକ ପାତ୍ରରେ ଦହି ଭର୍ତ୍ତି କରି ଉକ୍ତ ଦହି ପାତ୍ର ସହ ଅଶ୍ୱ ବୃକ୍ଷ ନିକଟରେ ରଖନ୍ତୁ।

■ସୌଭାଗ୍ୟ ପ୍ରାପ୍ତି ପାଇଁ ପିତ୍ତଳର କଳସରେ ଚଣାଡାଲି ଭର୍ତ୍ତି କରି ଭଗବାନ ବିଷ୍ଣୁଙ୍କୁ ମନ୍ଦିରରେ ଅର୍ପଣ କରନ୍ତୁ।

# ସୁନେଲୀ ରଙ୍ଗର ତ୍ୱଚ୍ଚ ପାଇଁ

ସାଧାରଣତଃ ସୁନ୍ଦର ଓ ଚିକ୍କଣ ତ୍ୱଚ୍ଚ ପାଇବା ପାଇଁ ସମସ୍ତଙ୍କର ଇଚ୍ଛା ଥାଏଫ ଏଥିପାଇଁ ଲୋକେ ଅନେକ ଉପାୟ ଆପଣାଇ ଥାଆନ୍ତିଫ ହେଲେ କାହାକୁ ସୁଫଳ ମିଳେ ତ ପୁଣି ଆଉ କାହାର ବିଭିନ୍ନ ସାମଗ୍ରୀର ବ୍ୟବହାର କରିବା ଦ୍ୱାରା ପ୍ରତିକ୍ରିୟା ସୃଷ୍ଟି ହୋଇ ବିପରୀତ ଫଳ ମିଳିଥାଏ। ତେବେ ଏପରି କିଛି ଘରୋଇ ଉପାୟ ରହିଛି ଯାହାକୁ ଆପଣାଇବା ଦ୍ୱାରା ବିନା କୌଣସି ପାର୍ଶ୍ୱ ପ୍ରତିକ୍ରିୟାରେ ତ୍ୱଚା ଉଜ୍ୱଳ ଓ ଚିକ୍କଣ ହୋଇଥାଏ। ଚାଲନ୍ତୁ ଜାଣିବା ସେହି ସବୁ ଉପାୟ ବିଷୟରେ:

ଯଦି ଆପଣଙ୍କ ତ୍ୱଚ୍ଚ ତେଲିଆ ଓ ମୁହଁରେ ବ୍ରଣ ହେଉଛି, ପାଚିଲା ଅମୃତଭଣ୍ଡା ବଟା, ଚନ୍ଦନ ପାଉଡର କିମ୍ବା ମୁଲତାନି ମାଟି, ମହୁକୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ୨୦ ମିନିଟ୍ ରଖିବା ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ସପ୍ତାହକୁ ଥରେ ଏହି ପ୍ୟାକ୍ ବ୍ୟବହାର କରିବାଦ୍ୱାରା ଆପଣଙ୍କ ତ୍ୱଚ୍ଚର ତେଲିଆ ପଣ କମିଯିବ, ବ୍ରଣ ସମସ୍ୟା ଦୂର ହେବ ଏବଂ ମୁହଁ ଉଜ୍ୱଳ ଦେଖାଯିବ। ମୁହଁ ପାଇଁ ମହୁ ଖୁବ୍ ଲାଭଦାୟକ ହୋଇଥାଏ। ମାତ୍ର ଗୋଟିଏ ବୁନ୍ଦା ମହୁ ଆଣି ସେଥିରେ ସାମାନ୍ୟ



ଗୋଲାପ ଜଳ ମିଶ୍ରଣ କରି ତାହାକୁ ମୁହଁରେ ଦୀର୍ଘ ସମୟ ପର୍ଯ୍ୟନ୍ତ ମାଲିସ କରନ୍ତୁ। ଦେଖିବେ ଆପଣଙ୍କ ମୁହଁ ସଫା ରହିବା ସହ ନରମ ମଧ ଲାଗିବ। ହଳଦୀ ମଧ ତ୍ୱଚା ପାଇଁ ବହୁତ ଉପକାରୀୟ ଆପଣ ସାମାନ୍ୟ ହଳଦୀଗୁଣ୍ଡ ହାତରେ ନିଅନ୍ତୁ। ସେଥିରେ ଟିକେ ମହୁ ଓ ପାଣି ମାଶାଇ ମିଶ୍ରଣ କରି ମୁହଁରେ ଲେପ ଦିଅନ୍ତୁ। ଲେପ ଶୁଖିଯିବା ପରେ ମୁହଁକୁ ଧୋଇ ଦିଅନ୍ତୁ। ଏହା ଚେହେରାରେ ଔଜଲ୍ୟ ଆଣିଥାଏ। ଘରେ ଯଦି ମରା ନଡ଼ିଆ ତେଲ ଅଛି ତେବେ ଖୁବ୍ ଭଲ। ମରା ନଡ଼ିଆ ତେଲକୁ ମୁହଁରେ ଦୈନିକ ମାଲିସ୍ କରିବା ଦ୍ୱାରା ମୁହଁର ଚମକ ବଢ଼ିଥାଏ। ଦୈନିକ ଘିକୁଆଁରୀ ରସକୁ ମୁହଁରେ ଲଗାଇଲେ ତ୍ୱଚ୍ଚ ନରମ ହେବା ସହ ମୁହଁରେ ଥିବା ଧୂଳି କଣିକା ସବୁ ବାହାରି ଯାଇଥା'ନ୍ତି। ଏହା ଆମେ ସମସ୍ତେ ଜାଣନ୍ତି ଯେ ପାଣି ପିଇବା ସ୍ୱାସ୍ଥ୍ୟ ପ୍ରତି ବିଶେଷ କରି ତ୍ୱଚ୍ଚ ପାଇଁ ବହୁତ ଜରୁରୀ। ଯିଏ ଆବଶ୍ୟକ ମାତ୍ରାର ପାଣି ପିଅନ୍ତି ତାଙ୍କ ତ୍ୱଚ୍ଚ ଚିକ୍କଣ ହୋଇଥାଏ। ବ୍ରଣ ସମସ୍ୟା ମଧ ପାଖ ପଶେ ନାହିଁ। ଫଳ, ପରିବା, ଦୁଗ୍ଧ ଜାତୀୟ ଖାଦ୍ୟ ନିଶ୍ଚୟ ଖାଆନ୍ତୁ। ଫଳରେ ତ୍ୱଚ୍ଚ ଚିକ୍କଣ ଦେଖାଯିବ। ଦୂରରୁ ମଧ ଆପଣଙ୍କ ଚେହେରା ଚମକିବ। କଲରା, ଲାଉ ଏବଂ ଗାଜର ରସ ପିଇବା ମଧ ତ୍ୱଚା ପାଇଁ ଖୁବ୍ ଲାଭଦାୟକ। ଚ଼, କଫି କିମ୍ବା ଫାଷ୍ଟଫୁଡ୍ରୁ ନିଜକୁ ଦୂରେଇ ରଖନ୍ତୁୟ ମନେ ରଖନ୍ତୁ ଫାଷ୍ଟଫୁଡ୍ ପ୍ରିୟ ଲୋକଙ୍କ ମଧ୍ୟରେ ଖୁବ୍ କମ୍ ବୟସରେ ବାର୍ଦ୍ଧକ୍ୟର ଛାପ ସ୍ପଷ୍ଟ ବାରି ହୋଇପଡ଼େ। ମଝିରେ ମଝିରେ ଗରମ ପାଣିରେ ମୁହଁକୁ ବାମ୍ଫ ଦିଅନ୍ତୁୟ ଫଳରେ ଆପଣଙ୍କ ମୁହଁରେ ଥିବା ଧୂଳିକଣିକା ବାହାରିଯିବ ଏବଂ ଆପଣଙ୍କ ମୁହଁ ପୂର୍ବପେକ୍ଷା ଉଜ୍ୱଳ ଦିଶିବୟ ଅତିକମରେ ସପ୍ତାହକୁ ଥରୁଟିଏ ଏହି ବାମ୍ଫ ଦିଅନ୍ତୁ। ଖରାରେ ଯାଉଥିଲେ ସନସ୍କ୍ରିନ ଲୋସନ ନିଶ୍ଚୟ ଲଗାନ୍ତୁ। ନଚେତ ସୂର୍ଯ୍ୟକିରଣ ମୁହଁରେ ବାଜି ମୁହଁର ଉଜ୍ୱଳତା ହ୍ରାସ ପାଇବା ସହ ଯୁବାପଣ କ୍ଷୟ ହୋଇଥାଏ। ଅଧିକରୁ ଅଧିକ ଥର ମୁହଁ ଧୁଅନ୍ତୁ। ଥଣ୍ଡା ପାଣିରେ ମୁହଁ ଧୋଇଲେ ବେଶି ଭଲ। ବ୍ରଣ, ଦାଗ କିମ୍ବା ଛଉ ଆଦି ସମସ୍ୟା ପାଖ ପଶେ ନାହିଁୟ ଦୁଇ ଚାମଚ ଘିକୁଆଁରି, ଅଳ୍ପ ହଳଦୀଗୁଣ୍ଡ, ଏକ ଚାମଚ ଲେଖାଏଁ ମହୁ ଏବଂ କ୍ଷୀରକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ମୁହଁ ଏବଂ ବେକରେ ଭଲ ଭାବେ ଲଗାନ୍ତୁ। ୨୦ ମିନିଟ୍ ରଖିବା ପରେ ନଖଉଷୁମ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ଦୁଇଥର ଏପରି କରିବା ଦ୍ୱାରା ତ୍ୱଚ୍ଚର ପ୍ରାକୃତିକ ଉଜ୍ୱଳତା ଆସିଥାଏୟ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଦୁଇ ତିନି ବୁନ୍ଦା ଅଲିଭ୍ ଅଏଲ୍ ନେଇ ମୁହଁରେ ମାଲିସ କରନ୍ତୁ। ମୁହଁରେ ଗୋଲାକାରରେ ତଳୁ ଉପରକୁ ୨-୩ ମିନିଟ୍ ମସାଜ କରିବା ପରେ ଏକ ଟାୱେଲକୁ ଉଷୁମ ପାଣିରେ ବୁଡାଇ ଚିପୁଡି ମୁହଁରେ ୩୦-୪୦ ସେକେଣ୍ଡ ପର୍ଯ୍ୟନ୍ତ ବାମ୍ଫ ଦିଅନ୍ତୁ। ଏହାଦ୍ୱାରା ତ୍ୱଚ୍ଚରେ ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ଏହା ତ୍ୱଚ୍ଚର ଶୁଷ୍କତା ଦୂର କରିବା ସହ ଉଜ୍ୱଳ ମଧ କରିଥାଏ।

# ଆତ୍ମା ହିଁ ସ୍ୱର୍ଗର ନନ୍ଦନ ବନ

ଭଗବାନ ମହାବୀର ନିଜ ଉପଦେଶରେ ଆତ୍ମାର ଶୁଦ୍ଧି ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି । ସେ ତାଙ୍କ ଶିଷ୍ୟମାନଙ୍କୁ କହିଥିଲେ ଅହିଂସା, ସଂଯମ, ତପ, କ୍ଷମା ଓ ସ୍ୱାଧ୍ୟାୟ ଦ୍ୱାରା ଆତ୍ମା ଶୁଦ୍ଧ ହୋଇଥାଏ । ଆତ୍ମାକୁ ଚିହ୍ନିବା ପାଇଁ ତିନୋଟି ସାଧନ



ରହିଛି, ସମ୍ୟକ ଜ୍ଞାନ, ସମ୍ୟକ ଦର୍ଶନ ଓ ସମ୍ୟକ ଚରିତ୍ର । ଯିଏ ରାଗ-ଦ୍ୱେଷ, ମୋହ-ମଦ, ଆଦି ବିକାର ଉପରେ ବିଜୟ ଲାଭ କରିଥାଏ, ସେ ଆତ୍ମାରୁ ପରମାତ୍ମାରେ ପରିଣତ ହୋଇଥାଏ । ମହାବୀର କହିଛନ୍ତି, ସଦାଚାର ଓ ସଂଯମ ହିଁ ଆତ୍ମାକୁ ଶୁଦ୍ଧ କରିବାରେ ସମର୍ଥ ହୋଇଥାଏ । ସଦାଚାରୀ ଏବଂ ସଂଯମୀ ବ୍ୟକ୍ତିର ଆତ୍ମ ଶକ୍ତି ଏତେ ପ୍ରବଳ ଯେ ସେ କୌଣସି ପ୍ରକାର ସଂକଟରେ ଭୟଭୀତ ହୋଇନଥାଏ । ଏପରିକି କାଳ ମଧ ତା'କୁ ଭୟଭୀତ କରିପାରିନଥାଏ । ଭଲ ମାର୍ଗରେ ଚାଲୁଥିବା ଲୋକ ନିଜର ହିତୈଷୀ ହୋଇଥାଏ, ମନ୍ଦ ମାର୍ଗରେ ଧାଉଁଥିବା ବ୍ୟକ୍ତି ନିଜେ ହିଁ ନିଜର ଶତ୍ରୁ ହୋଇଥାଏ । ସମସ୍ତ ପ୍ରକାରର ଦୁର୍ଗୁଣ ଏବଂ ଦୁର୍ବ୍ୟସନର ପରିତ୍ୟାଗ କରୁଥିବା ବ୍ୟକ୍ତି ଇହଲୋକ ଓ ପରଲୋକରେ ସୁଖ ପ୍ରାପ୍ତି କରିଥାଏ । ମହାବୀର କହିଛନ୍ତି ଆତ୍ମା ହିଁ ନର୍କର ବୈତରଣୀ । ଆତ୍ମା ହିଁ ସ୍ୱର୍ଗର ନନ୍ଦନ ବନ । ଆତ୍ମା ହିଁ ଇଚ୍ଛାପୂର୍ତ୍ତି କରୁଥିବା ଧରିତ୍ରୀର କାମଧେନୁ । ସେଥିପାଇଁ ପ୍ରଥମେ ଆତ୍ମାକୁ ଚିହ୍ନିବା ଉଚିତ। ଆତ୍ମାକୁ ଶୁଦ୍ଧ ରଖିବା ନିମନ୍ତେ ସଦାଚାର-ସଂଯମକୁ ଜୀବନରେ ସଂକଳ୍ପ ଭାବେ ଗ୍ରହଣ କରିବା ଉଚିତ। ଭଗବାନ ମହାବୀର ନିଜ ଶିଷ୍ୟମାନଙ୍କୁ କହିଛନ୍ତି ଦୟା ସମାନ ଧର୍ମ ନାହିଁ, ଅନ୍ନଦାନ ସମାନ କରୁଣା ନାହିଁ, ସତ୍ୟ ସମାନ କୀର୍ତ୍ତି ନାହିଁ ଏବଂ ଶୀଳ ସମାନ ଶୃଙ୍ଗାର ନାହିଁ । କ୍ରୋଧ, ଲୋଭ, ମୋହ, ଭୟ ଓ ପାଞ୍ଚ ଇନ୍ଦ୍ରିୟକୁ ଜିତିନେଇଥିବା ଲୋକ ହିଁ ଆତ୍ମଜୟୀ ହୋଇଥାଏ ।

# ବାତ୍ୟା ପାଇଁ କୃଷି ବିଭାଗର କଂଟ୍ରୋଲ ରୁମ୍ ଓ ଟୋଲ ଫ୍ରି ନମ୍ବର

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ସମ୍ଭାବ୍ୟ ବାତ୍ୟା ଓ ଅବପାତ ଜନିତ ମାତ୍ରାଧିକ ବୃଷ୍ଟିପାତର ପରିଚାଳନା ସମୀକ୍ଷା ଶନିବାର କୃଷି ଭବନ ସ୍ଥିତ କୃଷି ସମୀକ୍ଷା କେନ୍ଦ୍ରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ସମସ୍ତ ଅଧିକାରୀଙ୍କୁ ନିଜ ନିଜ ମୁଖ୍ୟ କାର୍ଯ୍ୟାଳୟରେ ନିଶ୍ଚିତ ଭାବେ ଉପସ୍ଥିତ ରହି ଏହି ଦୁର୍ଦ୍ଦିନରେ ଚାଷୀଭାଇମାନଙ୍କ ପାଖରେ ଠିଆ ହେବାକୁ ପରାମର୍ଶ ଦେଇଛନ୍ତି। ଏବେ ଫସଲ ଅମଳ ସମୟ ହୋଇଥିବାରୁ ଚାଷୀମାନେ ଭୟଭୀତ ନ ହୋଇ ନିକଟସ୍ଥ କୃଷି ଅଧିକାରୀଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରନ୍ତୁ ଏବଂ ନିଜ ଫସଲର ସୁରକ୍ଷା କରନ୍ତୁ।

ଏହି ସମୀକ୍ଷା ବୈଠକରେ କୃଷି ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଜାଧଭ, ଓୟୁଏଟି କୁଳପତି ଡ଼ ପ୍ରଭାତ କୁମାର ରାଉଳ, ଭାରତୀୟ ପାଣିପାଗ ନିର୍ଦ୍ଦେଶକ ଡ଼ ମନୋରମା ମହାନ୍ତି, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ଶ୍ରୀ ସୁବ୍ରତ କୁମାର ପଣ୍ଡା ଯୋଗଦେଇଥିଲେ। ବୈଠକରେ ରାଜ୍ୟର ସମସ୍ତ ଜିଲ୍ଲାର କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ ଏବଂ ମୃତିକା ସଂରକ୍ଷଣ ଅଧିକାରୀ ଆଭାସି ମାଧ୍ୟମରେ ଯୋଗଦେଇଥିଲେ।




ସମ୍ଭାବ୍ୟ ବାତ୍ୟା ପରିସ୍ଥିତି ଉପରେ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ନଜର ରଖାଯାଇଛି ଏବଂ ଆବଶ୍ୟକୀୟ ପ୍ରସ୍ତୁତି ମଧ୍ୟ ଜାରି ରହିଛି। ସମସ୍ତ କୃଷି ଅଧିକାରୀଙ୍କୁ ଜିଲ୍ଲା ମୁଖ୍ୟାଳୟ ଛାଡ଼ି ନ ଯିବାକୁ ପରାମର୍ଶ ଦିଆଯିବା ସହ ସେମାନଙ୍କ ଛୁଟି ଆସନ୍ତା ୨୫ ଅକ୍ଟୋବର ଠାରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି। ପରିସ୍ଥିତି ଉପରେ କଡ଼ା ନଜର ରଖିବା ଏବଂ ଚାଷୀମାନଙ୍କର ବିଭିନ୍ନ ପ୍ରଶ୍ନ ଓ ସମସ୍ୟାର ସମାଧାନ ପାଇଁ କୃଷି ବିଭାଗ ତରଫରୁ ଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର କଂଟ୍ରୋଲ ରୁମ୍ ଓ ଟୋଲ୍ ଫ୍ରି ନମ୍ବର ୧୫୫୩୩୩ ବ୍ୟବସ୍ଥା କରାଯାଇଛି।

ଏହି ନମ୍ବର ଆସନ୍ତାକାଲି ଠାରୁ କାର୍ଯ୍ୟକ୍ଷମ ରହିବ। ଚାଷୀ ଭାଇଭଉଣୀ ମାନେ ଫସଲ ସମ୍ବନ୍ଧୀୟ ଆବଶ୍ୟକ ପରାମର୍ଶ ସକାଳ ୮ ଠାରୁ ସନ୍ଧ୍ୟା ୮ ଟା ମଧ୍ୟରେ ଉପରୋକ୍ତ ନମ୍ବରରେ କଲ୍ କରି ଜାଣିପାରିବେ। ବାତ୍ୟା ତଥା ଅବପାତ ପରବର୍ତ୍ତୀ କ୍ଷୟକ୍ଷତି ଅନୁଧ୍ୟାନ ପାଇଁ କୃଷି ଅଧିକାରୀ ମାନେ ତୁରନ୍ତ ସହାୟତା କରିବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ଅଧିକାରୀଙ୍କୁ ପରିସ୍ଥିତି ପ୍ରତି ସତର୍କ ରହିବାକୁ, କୃଷି-ପରାମର୍ଶର ବ୍ୟାପକ ପ୍ରଚାର ପ୍ରସାର କରିବାକୁ ଏବଂ ବିଭାଗ ଦ୍ୱାରା ଦିଆଯାଇଥିବା ସମସ୍ତ ନିର୍ଦ୍ଦେଶାବଳୀ ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଅବଗତ କରାଇବାକୁ କୃଷି ସଚିବ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ପାଣିପାଗ ବିଭାଗ ନିର୍ଦ୍ଦେଶକ ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ସେ କହିଥିଲେ ଯେ ବର୍ତ୍ତମାନର ସ୍ଥିତି ଅନୁସାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପବନର ବେଗ ଘଣ୍ଟାପ୍ରତି ୬୦ରୁ ୮୦ କିଲୋମିଟର ମଧ୍ୟରେ ସୀମିତ ରହିବ। କୁଳପତି, ଓୟୁଏଟି, ପ୍ରବଳ ବର୍ଷା ଏବଂ ପବନର ପ୍ରତିକୂଳ ପ୍ରଭାବରୁ ଧାନ ଏବଂ ଅଣ-ଧାନ ଫସଲକୁ ସୁରକ୍ଷା ଦେବା ପାଇଁ କୃଷି-ପରାମର୍ଶ ପଦକ୍ଷେପଗୁଡ଼ିକ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ।

# କୋଟିଆରେ ନିର୍ବାଚନ ପାଇଁ ଉଦ୍‌ବେଗ

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ଅଶୋକ ନଗର ସ୍ଥିତ ଉତ୍କଳ ସମ୍ମିଳନୀ କାର୍ଯ୍ୟାଳୟରେ କୋଟିଆରେ ଆନ୍ଧ୍ରର ନିର୍ବାଚନ ପରିପ୍ରେକ୍ଷୀରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ରୀୟ ଓ ଶାଖା କର୍ମକର୍ତ୍ତାଙ୍କ ସହିତ ଆଜୀବନ ସଦସ୍ୟମାନେ ଉପସ୍ଥିତ ରହି କୋଟିଆରେ ଆନ୍ଧ୍ରର ଅନୁପ୍ରବେଶକୁ ନିନ୍ଦା କରିଥିଲେ। କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିଲେ ମଧ୍ୟ ଆମରାଜ୍ୟରେ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଆନ୍ଧ୍ର ପ୍ରଦେଶ ପ୍ରଶାସନ ବାରମ୍ବାର ଅନୁପ୍ରବେଶ କରି ନିର୍ବାଚନ କରିବା ସହିତ ତାଙ୍କର ସ୍ଥିତିଜାହିର କରିବା ପାଇଁ ପ୍ରୟାସକରୁଛି। ୨୦୦୬ ମସିହାମାର୍ଚ୍ଚ ୩୦ ତାରିଖ ଦିନ ଭାରତରସର୍ବୋଚ୍ଚ ଅଦାଲତ କୋଟିଆ ଉପରେ ସ୍ଥିତାବସ୍ଥାଜାରି କରିକହିଥିଲେ ଯେ ସୀମାବିବାଦ ସଂକ୍ରାନ୍ତୀୟ ସମସ୍ୟା କେବଳ ସଂସଦରେ ହିଁ ସମାଧାନ ହୋଇପାରିବ, ଏହା ସୁପ୍ରିମକୋର୍ଟର ପରି ସରବାହାରେ ଅଛି। ଓଡ଼ିଶାର ସାଂସଦମାନେ ଏଥିପାଇଁ ଏକ ହୋଇ ଦିଲ୍ଲୀରେ ସ୍ୱରଉତ୍ତୋଳନ କରନ୍ତୁ, ଅତିଶୀଘ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ କୋଟିଆ ଗସ୍ତ କରନ୍ତୁ, କୋଟିଆରେ ରାଜ୍ୟ ସରକାରଙ୍କ ଏକ ସ୍ୱତନ୍ତ୍ର କ୍ୟାବିନେଟ ବୈଠକ ଡକାନ୍ତୁ, କୋଟିଆରେ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା କରାଯାଇ ସେଠାରେଭାଗବତ ଓ ସାରଳାମହାଭାରତ ପାଠକରାଯାଉ, ଭାଗବତଟୁଙ୍ଗୀରେ ପୁରାଣ ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇ ପାରିଶ୍ରମିକ ଦିଆଯାଉ, କୋଟିଆର ପ୍ରତ୍ୟେକ ଗ୍ରାମରେ ଗ୍ରାମସାଥୀ ଓ ସହାୟକ ନିଯୁକ୍ତିକରାଯାଇ ପ୍ରତ୍ୟେକ ଦିନର ରିପୋର୍ଟ ଜିଲ୍ଲାପାଳଙ୍କୁ ଦିଆଯାଉ ବୋଲି ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମାଙ୍କ ଆବାହକତ୍ୱରେ ଓ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦାବି କରାଯାଇଥିଲା। ଏହା ସହିତ ଆନ୍ଧ୍ର ସୀମାସିଲ୍ କରାଯାଇ କୋଟିଆରେ ପ୍ରବେଶ ପାଇଁ ଅନୁମତି ଦିଆ ନଯାଉ ଓ ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଆନ୍ଧ୍ରର ଏଜେଣ୍ଟ ଭାବରେ କୋଟିଆର ସରପଞ୍ଚ ପ୍ରାର୍ଥୀମାନଙ୍କୁ ତୁରନ୍ତ ଗିରଫ କରାଯାଉ।

# ମୋରପେନ୍ ରେକର୍ଡ ରାଜସ୍ୱ ୭୫୫ କୋଟି

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ମୋରେପେନ୍ ଲାବୋରେଟୋରିଜ୍ ଲିମିଟେଡ୍ ଆଜି ସେପ୍ଟେମ୍ବର ୩୦, ୨୦୨୬ ରେ ଶେଷ ହୋଇଥିବା ତ୍ରୈମାସିକ ଏବଂ ଅର୍ଦ୍ଧ ବର୍ଷ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରିଛି, ଯାହା କ୍ରମାଗତ ଦ୍ୱିତୀୟ ତ୍ରୟମାସରେ ରେକର୍ଡ ରାଜସ୍ୱ ଏବଂ ଆୟ ରିପୋର୍ଟ କରିଛି।

ସେପ୍ଟେମ୍ବର ୩୦, ୨୦୨୬ ରେ ଶେଷ ହୋଇଥିବା ଦ୍ୱିତୀୟ ତ୍ରୟମାସରେ କମ୍ପାନୀର ବିକ୍ରୟ ରାଜସ୍ୱ ୮୧ ପ୍ରତିଶତ ବୃଦ୍ଧି ପାଇ ୭୫୫ କୋଟି ଟଙ୍କା, ଇବିଆଇଟିଡିଏ ୨୭୩ ପ୍ରତିଶତ ବୃଦ୍ଧି ପାଇ ୧୩୨ କୋଟି ଟଙ୍କା ଏବଂ ଟିକସ ପରେ ଲାଭ (ପିଏଟି) ୧୧୭ ପ୍ରତିଶତ ବୃଦ୍ଧି ପାଇ ୮୯ କୋଟି ଟଙ୍କାରେ ପହଂଚିଛି। ତ୍ରୟମାସରେ ଇବିଆଇଟିଡିଏ ମାର୍ଜିନ ୧୭.୪୫ ପ୍ରତିଶତକୁ ବୃଦ୍ଧି ପାଇଛି।

ଏହି ପ୍ରଦର୍ଶନ ଉପରେ ମନ୍ତବ୍ୟ ଦେଇ ମୋରେପେନ୍ ଲାବୋରେଟୋରିଜ୍ ଲିମିଟେଡ୍ ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଶୀଲ ସୁରୀ କହିଛନ୍ତି: 'କ୍ୟୁ୨ ମୋରପେନର ପରିବର୍ତ୍ତନରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରେ। ସିଡିଏମ୍‌ଓ ଅର୍ଥପୂର୍ଣ୍ଣ ବାଣିଜ୍ୟିକ ସ୍କେଲକୁ ଗତି କରିଛି, ଆମର ଏପିଆଇ ପୋର୍ଟଫୋଲିଓ ଅଧିକ ବିଶ୍ୱସ୍ତରୀୟ ଏବଂ ଉଚ୍ଚ-ମୂଲ୍ୟର ହେବାରେ ଲାଗିଛି ଏବଂ ଚିକିତ୍ସା ଉପକରଣ ଦୃଢ଼ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ଏଚ୍୧ ଏଫ୍‌ୱାଇ୨୭ ଇବିଆଇଟିଡିଏ ୨୦୦ କୋଟି ଟଙ୍କା ଅତିକ୍ରମ କରିବା ଆମକୁ କ୍ଷମତା, ସାମର୍ଥ୍ୟ ଏବଂ ଭବିଷ୍ୟତ ଅଭିବୃଦ୍ଧିରେ ବିନିଯୋଗ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତିଶାଳୀ ଆଧାର ପ୍ରଦାନ କରେ।' ମୋରେପେନ୍ ଲାବୋରେଟୋରିଜ୍ ଲିମିଟେଡ୍ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଞ୍ଜୟ ସୁରୀ କହିଛନ୍ତି: ଗ୍ରାହକ କାର୍ଯ୍ୟକ୍ରମ ଅନୁଯାୟୀ ଆମେ ସିଡିଏମଓ ଅର୍ଡର କାର୍ଯ୍ୟକାରୀ କରୁଥିବାରୁ କ୍ଷମତା ସମ୍ପ୍ରସାରଣର ପ୍ରଥମ ପର୍ଯ୍ୟାୟ ନିର୍ଦ୍ଧାରିତ ସମୟ ପୂର୍ବରୁ ୬୧୪ କେଏଲରେ ଶେଷ ହୋଇଛି। ୮୦୦ କେଏଲ ଆଡକୁ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ସିଭିଲ କାର୍ଯ୍ୟ ଆରମ୍ଭ ହୋଇଛି, ଯାହା ଦ୍ୱିତୀୟ ଆର୍ଥିକ ବର୍ଷ ୨୮ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।'

# ଅର୍ବାନ କନକ୍ଲେଭ୍‌ରେ ନୀତିଗତ ସଂସ୍କାର ଓ ଅଭିନବ ଗୃହନିର୍ମାଣ ମଡେଲକୁ ଗୁରୁତ୍ୱ

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ସହରାଂଚଳରେ ଗୃହର ଚାହିଦା ଓ ଯୋଗାଣ ମଧ୍ୟରେ ଥିବା ବ୍ୟବଧାନ ଦୂର କରିବା ସହ ସମସ୍ତଙ୍କ ପାଇଁ ସୁଲଭ ଗୃହ ଉପଲବ୍ଧ କରାଇବା ଦିଗରେ ଓଡ଼ିଶା ସରକାରଙ୍କ ପଦକ୍ଷେପ ଦ୍ୱିତୀୟ ଜାତୀୟ ସହରାଂଚଳ ସମ୍ମିଳନୀ-୨୦୨୬ରେ ଉପସ୍ଥାପିତ ହୋଇଛି। ଭୁବନେଶ୍ୱରଠାରେ ଆୟୋଜିତ 'ସୁଲଭ ଗୃହନିର୍ମାଣ–ଚାହିଦା ଓ ଯୋଗାଣର ଗତିଶୀଳତା' ଶୀର୍ଷକ ଅଧିବେଶନରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ରାଜ୍ୟର ସମନ୍ୱିତ ଗୃହନିର୍ମାଣ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ 'ବନ୍ଧୁ' ପଦକ୍ଷେପ ଉପରେ ଆଲୋକପାତ କରାଯାଇଥିଲା। ଏହି ପଦକ୍ଷେପ ପାଇଁ ପାଂଚ ବର୍ଷରେ ୧,୬୧୫ କୋଟି ଟଙ୍କା ବରାଦ କରାଯାଇଛି। ଏହା ଗୃହନିର୍ମାଣ ପ୍ରକଳ୍ପକୁ ସହାୟତା, ନିର୍ମାଣ ଶ୍ରମିକଙ୍କୁ ପ୍ରୋତ୍ସାହନ ଏବଂ ଯୋଗ୍ୟ ପରିବାରଙ୍କ ପାଇଁ ଗୃହ ସହାୟତାର ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଛି। ଜମିହୀନ ଓ ଅନ୍ୟାନ୍ୟ ବଂଚିତ ପରିବାରଙ୍କ ପାଇଁ ସୁଲଭ ଗୃହ, ଭଡ଼ା ଗୃହ ଓ ଅସ୍ଥାୟୀ ଆଶ୍ରୟ ବ୍ୟବସ୍ଥାକୁ ମଧ୍ୟ ଏହା ଗୁରୁତ୍ୱ ଦେଉଛି।




ରାଜ୍ୟର ଗୃହନିର୍ମାଣ ମଡେଲ୍‌ରେ ହିତାଧିକାରୀଙ୍କ ନିଜସ୍ୱ ଉଦ୍ୟମରେ ଗୃହନିର୍ମାଣ, ସୁଲଭ ଗୃହ ପ୍ରକଳ୍ପ, ବସ୍ତିର ସ୍ଥାନୀୟ ପୁନର୍ବିକାଶ, ପୁନର୍ବାସ ଓ ଭଡ଼ା ଗୃହ ଅନ୍ତର୍ଭୁକ୍ତ। ସହରାଂଚଳରେ ହିତାଧିକାରୀଙ୍କ ନିଜସ୍ୱ ଉଦ୍ୟମରେ ପ୍ରାୟ ୧.୪ ଲକ୍ଷ ଘର ନିର୍ମାଣ ଶେଷ ହୋଇ ଲୋକମାନେ ସେଥିରେ ବସବାସ କରୁଛନ୍ତି। ଏଥିସହ 'ବନ୍ଧୁ' ଅଧୀନରେ ରାଉରକେଲା, ଢେଙ୍କାନାଳ, ପାରାଦୀପ ଓ ଝାରସୁଗୁଡ଼ାରେ ଭଡ଼ା ଗୃହର ପୁନରୁଦ୍ଧାର ପ୍ରକଳ୍ପକୁ ସହାୟତା ଦିଆଯାଉଛି। ସୁଲଭ ଗୃହନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ଷ୍ଟାମ୍ପ ଡ୍ୟୁଟି ଓ ପଞ୍ଜୀକରଣ ଶୁଳ୍କ ହ୍ରାସ, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ ଓ ନିମ୍ନ ଆୟ ବର୍ଗ ପାଇଁ ଗୃହ ବ୍ୟବସ୍ଥା, ଅତିରିକ୍ତ ଫ୍ଲୋର୍ ଏରିଆ ରେସିଓ ଓ ଟ୍ରାନ୍ସଫରେବଲ୍ ଡେଭଲପମେଂଟ ରାଇଟ୍ସ ଭଳି ନୀତିଗତ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହା ସହ ପ୍ରସ୍ତାବିତ 'ଭୂମି' ଢାଂଚା ସମ୍ପର୍କରେ ତଥ୍ୟ ଦିଆଯାଇଥିଲା। ଏଥିରେ ଗୃହନିର୍ମାଣ ଓ ସହରାଂଚଳ ଭିତିଭୂମି ବିକାଶ ପାଇଁ ଜମି ବ୍ୟାଙ୍କ, ଜିଆଇଏସ୍ ଆଧାରିତ ଜମି ତଥ୍ୟଭଣ୍ଡାର ଏବଂ ଜମି ଆବଂଟନ ବ୍ୟବସ୍ଥାର ପରିକଳ୍ପନା ରହିଛି। ଏହି ନୀତିର ଚିଠା ପ୍ରକ୍ରିୟାଧୀନ ଥିବାବେଳେ ଏହାକୁ ଅନୁମୋଦନ ପାଇଁ ରାଜ୍ୟ କ୍ୟାବିନେଟ୍ ରେ ଉପସ୍ଥାପନ କରିବାକୁ ପ୍ରସ୍ତାବ ରହିଛି। ଅଧିବେଶନକୁ ଭାରତ ସରକାରଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀ କୁମାର ରବିକାନ୍ତ ସିଂହ ସଂଚାଳନ କରିଥିଲେ। ଏଥିରେ ହରିୟାଣା ସରକାରଙ୍କ ହାଉସିଂ ଫର୍ ଅଲ୍ ବିଭାଗର କମିଶନର ତଥା ସଚିବ ଶ୍ରୀ ମହମ୍ମଦ ଶାୟିନ୍ ଙ୍କ ସମେତ ଗୃହନିର୍ମାଣ ଶିଳ୍ପ ଓ ନଗର ଉନ୍ନୟନ କ୍ଷେତ୍ରର ଅନ୍ୟ ବିଶେଷଜ୍ଞମାନେ ଯୋଗଦେଇଥିଲେ। ଓଡ଼ିଶାର ଏହି ଆଭିମୁଖ୍ୟ ହିତାଧିକାରୀଙ୍କୁ ସହାୟତା, ନୀତିଗତ ସଂସ୍କାର ଓ ଯୋଜନାବଦ୍ଧ ଜମି ଉପଲବ୍ଧତାକୁ ସମନ୍ୱିତ କରି ସୁଲଭ ଗୃହ ଯୋଗାଣ ବୃଦ୍ଧି ଏବଂ ସମାବେଶୀ ଓ ସ୍ଥାୟୀ ସହରୀ ବିକାଶକୁ ଆଗେଇ ନେବା ଉପରେ ଗୁରୁତ୍ୱ ଦେଇଛି।

# କୋଟିଆ ସମସ୍ୟାର ସମାଧାନ ପାଇଁ ମିଳିତ ଉଦ୍ୟମ ଆବଶ୍ୟକ

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ଓଡ଼ିଶା ଏବଂ ପ୍ରତ୍ୟେକ ଓଡ଼ିଆ ଜାତି ପାଇଁ କୋଟିଆ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଆମେ ସମସ୍ତେ ଜାଣିଛନ୍ତି। କୋଟିଆ ହେଉଛି ଓଡ଼ିଶାର ଅସ୍ମିତା, ସାର୍ବଭୌମତ୍ୱ ଓ ଅଖଣ୍ଡତାର ପରିଚୟ। ଓଡ଼ିଆ ଭାବେ କୋଟିଆକୁ ନେଇ ଦୀର୍ଘ ସମୟ ଧରି ଦେଖାଯାଇଥିବା ସୀମା ବିବାଦ ନିଶ୍ଚୟ ଭାବେ ଚିନ୍ତାଜନକ। ଦଳ ମତ ନିର୍ବିଶେଷରେ ଓଡ଼ିଶାର ସ୍ୱାର୍ଥ ପାଇଁ ସମସ୍ତେ ଏକାଠି ହୋଇ ମିଳିତ ଭାବେ ଏହାର ସମାଧାନ କରିବାର ଆବଶ୍ୟକତା ରହିଛି ବୋଲି ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ସେ ନିଜେ ଏପ୍ରିଲ ୨୦୧୮, ଫେବୃୟାରୀ ୨୦୧୯ ଏବଂ ଏପ୍ରିଲ ୨୦୨୩ରେ କୋଟିଆ ଗ୍ରାମକୁ ଗସ୍ତ କରି ସେଠାକାର ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଅଂଚଳରେ ଆନ୍ଧ୍ରପ୍ରଦେଶର ବାରମ୍ବାର ହସ୍ତକ୍ଷେପ ତଥା ସୀମା ବିବାଦକୁ ନେଇ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ସେ ନଭେମ୍ବର ୧୮, ୨୦୨୦ ଓ ଅକ୍ଟୋବର ୩୧, ୨୦୨୨ରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ



ସେପ୍ଟେମ୍ବର ୨୨, ୨୦୨୧ରେ ଆନ୍ଧ୍ରପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ।

ଏହି ଗୁରୁତ୍ୱପୂର୍ଣ୍ଣ ସୀମାନ୍ତ ଅଂଚଳର ସମସ୍ୟାର ସମାଧାନ କରିବା ପାଇଁ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉଚ୍ଚ ସ୍ତରରେ ସୌହାର୍ଦ୍ଦ୍ୟପୂର୍ଣ୍ଣ କଥାବାର୍ତ୍ତା ମାଧ୍ୟମରେ ଏକ ଅନୁକୂଳ ବାତାବରଣ ତିଆରି କରି ସମାଧାନର ସ୍ଥାୟୀ ବାଟ କାଢ଼ିବା ଆବଶ୍ୟକ। ଓଡ଼ିଶାର ଭୌଗୋଳିକ ସୀମାକୁ ସୁରକ୍ଷିତ ରଖିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର ଏବଂ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଭଳି ମହାପୁରୁଷମାନଙ୍କ ତ୍ୟାଗ ଓ ବଳିଦାନ କେବେହେଲେ ବ୍ୟର୍ଥ ଯିବ ନାହିଁ। ଓଡ଼ିଆ ଅସ୍ମିତା ପାଇଁ ଆମର ଏହି ନିରନ୍ତର ଲଢ଼େଇ ଜାରି ରହିବ। ଓଡ଼ିଶାର ଏକତା, ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ରକ୍ଷା କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

# ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ଓଜେସିରେ ଯୋଗଦାନ

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ବିଞ୍ଝାରପୁର ବ୍ଲକ୍ ର ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ପ୍ରଫୁଲ୍ଲ ଦାସ ବିଧିବଦ୍ଧ ଭାବେ ଓଡ଼ିଶା ଜନତା କଂଗ୍ରେସରେ ଯୋଗଦାନ କରିଛନ୍ତି। ପ୍ରଫୁଲ୍ଲ ରାଜ୍ୟ କାର୍ଯ୍ୟାଳୟଠାରେ ଓଜେସି ସଭାପତି ଇଂ ମହମ୍ମଦ ମୋକିମଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ମହମ୍ମଦ ମୋକିମ୍ ଦଳୀୟ ଉତରୀୟ ପିନ୍ଧାଇ ପ୍ରଫୁଲ୍ଲଙ୍କୁ ଦଳକୁ ସ୍ୱାଗତ କରିଥିଲେ। ପ୍ରଫୁଲ୍ଲ ପୂର୍ବରୁ ବିଞ୍ଝାରପୁର ବ୍ଲକ୍ ପ୍ରୀତିପୁର ପଂଚାୟତରେ ଦୁଇଥର ସରପଂଚ ଭାବେ ନିର୍ବାଚିତ ହୋଇଥିଲେ। ପ୍ରୀତିପୁର ସେବା ସମବାୟ ସମିତିର ସଭାପତି ଭାବେ ମଧ୍ୟ ସେ ପୂର୍ବରୁ ନିର୍ବାଚିତ ହୋଇଥିଲେ। ଏହାସହ ଜୁନାଭଦ୍ରା ମହାବିଦ୍ୟାଳୟ ପରିଚାଳନା କମିଟିର




ସଭାପତି ମଧ୍ୟ ମନୋନୀତ ହୋଇଥିଲେ। ଶ୍ରମିକ ସଂଗଠନ ଏସ୍.ୟୁ.ସି.ଆଇ.ର ଜୋନ୍ ସମ୍ପାଦକ ରୂପେ ଯାଜପୁର ଜିଲ୍ଲାରେ ଦୀର୍ଘ ୧୭ ବର୍ଷ ଧରି କାର୍ଯ୍ୟ କରିଛନ୍ତି।

ପ୍ରଫୁଲ୍ଲ ଓଜେସିରେ ସାମିଲ ହେବାନେଇ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ, କଂଗ୍ରେସ ସହ ଅନ୍ୟ ପ୍ରମୁଖ ଦଳମାନେ ଓଡ଼ିଶାର ସ୍ୱାର୍ଥ ରକ୍ଷା କରିବାରେ ବିଫଳ ହୋଇଛନ୍ତି। ଏମ୍.ଏମ୍.ଡି.ଆର ଆଇନକୁ ବିରୋଧ କରି ଓଜେସି ପ୍ରଥମ ଦଳଭାବେ ରାଜରାସ୍ତାକୁ ଓହ୍ଲାଇଥିଲା। ଖୁବ କମ୍ ସମୟ ମଧ୍ୟରେ ଓଜେସି ଓଡ଼ିଆ ଲୋକଙ୍କ ସ୍ୱର ହୋଇ ଲଢ଼େଇ କରୁଛି। ଏଥିରେ ପ୍ରଭାବିତ ହୋଇ ଏବଂ ମହମ୍ମଦ ମୋକିମଙ୍କ ବଳିଷ୍ଠ ସାଂଗଠନିକ ଦକ୍ଷତା ଉପରେ ଆସ୍ଥା ପ୍ରକଟ କରି ମୁଁ ଓଜେସିରେ ସାମିଲ ହୋଇଛି। ପ୍ରଫୁଲ୍ଲଙ୍କ ଯୋଗଦାନ ଓଜେସିକୁ ଯାଜପୁର ଓ ବିଞ୍ଝାରପୁର ଅଂଚଳରେ ଅଧିକ ଶକ୍ତିଶାଳୀ କରିବ ବୋଲି ମହମ୍ମଦ ମୋକିମ୍ ପ୍ରତିକ୍ରିୟା ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଓଜେସି ସାଧାରଣ ସମ୍ପାଦକ ନରେଶ ମହାନ୍ତି ଓ ଅନ୍ୟ ନେତୃତ୍ୱମାନେ ଉପସ୍ଥିତ ଥିଲେ।

# ଭୀମ୍ ପେମେଣ୍ଟସ୍ ଆପ୍ ବଞ୍ଚିତ ବର୍ଗର ପିଲାମାନଙ୍କ ଶିକ୍ଷାକୁ ସମର୍ଥନ

**କଟକ,୨୭।୧୦ (ମହାଭାରତ):** ଏନ୍ ପିସିଆଇ ଭୀମ୍ ଦ୍ୱାରା ବିକଶିତ ଭାରତର ନିଜସ୍ୱ ପେମେଣ୍ଟ ଆପ୍ ଭୀମ୍ ପେମେଣ୍ଟସ୍ ଆପ୍, ଏହାର 'ମିଠି ଦୀପାବଳି' ଅଭିଯାନର ତୃତୀୟ ସଂସ୍କରଣ ମାଧ୍ୟମରେ ପର୍ବପର୍ବାଣୀର ଆନନ୍ଦ ଓ ଆଲୋକ ବିସ୍ତାର କରୁଛି। ଅକ୍ଟୋବର ୧୯ରୁ ନଭେମ୍ବର ୮ ମଧ୍ୟରେ ଆପ୍ରେ ଜଣେ ବ୍ୟବହାରକାରୀଙ୍କ ଦ୍ୱାରା କରାଯାଉଥିବା ପ୍ରତ୍ୟେକ ସପ୍ତମ ଟ୍ରାଞ୍ଜାକ୍ସନ୍‌ରେ, ଶିକ୍ଷା ପାଇଁ ସହାୟତା ଆବଶ୍ୟକ କରୁଥିବା ପିଲାମାନଙ୍କୁ ସ୍କୁଲ୍ କିଟ୍ ଯୋଗାଇବାରେ ଭୀମ୍ ପେମେଣ୍ଟସ୍ ଆପ୍ ଅବଦାନ ଦେବ। ଏହି ଅଭିଯାନ ପାଇଁ ଭୀମ୍ ଆପ୍, ଗୁଞ୍ଜ ସହିତ ସହଭାଗିତା କରିଛି। ଗୁଞ୍ଜ ହେଉଛି ଏକ ସାମାଜିକ ଓ ବିକାଶମୂଳକ ସଂଗଠନ, ଯାହା ଶିକ୍ଷା, ସମୁଦାୟ ବିକାଶ ଏବଂ ବିପର୍ଯ୍ୟୟ ସମୟରେ ସହାୟତା ଭଳି କ୍ଷେତ୍ରରେ ସମଗ୍ର ଭାରତରେ ଦୀର୍ଘଦିନ ଧରି ଲୋକଙ୍କ ମର୍ଯ୍ୟାଦାକୁ ଗୁରୁତ୍ୱ ଦେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଆସୁଛି। ଏହି ଅଭିଯାନ ଗ୍ରାହକମାନଙ୍କୁ ଦୈନନ୍ଦିନ ଟ୍ରାଞ୍ଜାକ୍ସନ୍ ପାଇଁ ଭୀମ୍ ଆପ୍ ବ୍ୟବହାର କରିବାକୁ ଉତ୍ସାହିତ କରୁଛି ଏବଂ ଅଧିକ ପିଲାଙ୍କ ପାଖରେ ଶିକ୍ଷା ପାଇଁ ଆବଶ୍ୟକ ସାମଗ୍ରୀ ପହଞ୍ଚାଇବା ଲାଗି ଏକ ସାମୂହିକ ପ୍ରୟାସର ଅଂଶ ହେବାର ସୁଯୋଗ ଦେଉଛି। ଦୀପାବଳିର ଆନନ୍ଦ ଏକାଠି ହେବାର ମୁହୂର୍ତ୍ତ, ନୂଆ ଆରମ୍ଭର ଆଶା ଏବଂ ନିଜ ପରିସର ବାହାରେ ମଧ୍ୟ ଖୁସି ବାଣ୍ଟିବାରେ ରହିଛି। ଏହି ବର୍ଷ ଭୀମ୍ ଆପ୍ ଏହି ଉଷ୍ମତାକୁ ଶ୍ରେଣୀଗୃହ ପର୍ଯ୍ୟନ୍ତ ପହଞ୍ଚାଉଛି, ଯେଉଁଠାରେ ଏକ ସାଧାରଣ ସ୍କୁଲ୍ କିଟ୍ ଭଳି ସାମଗ୍ରୀ ମଧ୍ୟ ବଞ୍ଚିତ ବର୍ଗର ପିଲାମାନଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରେ। ଏହି ପଦକ୍ଷେପ ଦୈନନ୍ଦିନ ଜୀବନରେ ଡିଜିଟାଲ୍ ପେମେଣ୍ଟକୁ ଏକ ଅଂଶ ଭାବେ ଗ୍ରହଣ କରିବା ସହିତ ସାର୍ଥକ ପରିବର୍ତ୍ତନ ଆଣିବାର ସୁଯୋଗ ସୃଷ୍ଟି କରିବା ପ୍ରତି ଭୀମ୍ ଆପ୍ ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। 'ଭାରତ କା ଅପନା ପେମେଣ୍ଟସ୍ ଆପ୍' ପଛରେ ଥିବା ଚିନ୍ତାଧାରାକୁ ମଧ୍ୟ ଏହା ଆହୁରି ଦୃଢ଼ କରୁଛି ଯେ, ଏକ ସରଳ ଓ ପରିଚିତ କାର୍ଯ୍ୟ ମଧ୍ୟ ଏକ ବଡ଼ ଉଦ୍ଦେଶ୍ୟରେ ଯୋଗଦାନ ଦେଇପାରେ ଏବଂ ଦୀପାବଳିର ଆନନ୍ଦକୁ ଆହୁରି ଅଧିକ ଲୋକଙ୍କ ପାଖରେ ପହଞ୍ଚାଇପାରେ। ଏହି ପଦକ୍ଷେପ ସମ୍ପର୍କରେ ମତ ରଖି ଗୌରବ କୋଚ୍‌ଚର, ଚିଫ୍ ଅଫ୍ ବିଜନେସ୍, ଏନ୍ ପିସିଆଇ ଭୀମ୍ କହିଛନ୍ତି, "ଦୀପାବଳି ଆମକୁ ମନେ ପକାଇଦିଏ ଯେ, ଅନ୍ୟମାନଙ୍କ ଜୀବନରେ ଖୁସି ଆଣିବାରେ ହିଁ ଉତ୍ସବ ପାଳନର ପ୍ରକୃତ ଆନନ୍ଦ ରହିଛି।

# ବେଦାନ୍ତ ଆଇରନ ଆଣ୍ଡ ଷ୍ଟିଲର ଏବିଟଡାରେ ୫୪% ବୃଦ୍ଧି

**ଭୁବନେଶ୍ୱର,୨୭।୧୦ (ମହାଭାରତ):** ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସଏଲ)ର ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ର ପ୍ରଥମ ଛଅ ମାସରେ ଆର୍ଥିକ ପ୍ରଦର୍ଶନରେ ଉନ୍ନତି ହୋଇଛି। ଗତବର୍ଷର ସମାନ ଅବଧି ତୁଳନାରେ କମ୍ପାନିର ଏବିଟଡା ୫୪ ପ୍ରତିଶତ ବୃଦ୍ଧି ପାଇ ୫୯୮ କୋଟି ଟଙ୍କାରେ ପହଂଚିଛି। ଏହି ସମୟରେ କମ୍ପାନିର ରାଜସ୍ୱ ୮ ପ୍ରତିଶତ ବୃଦ୍ଧି ପାଇ ୬,୪୫୦ କୋଟି ଟଙ୍କା ହୋଇଛି। ଏବିଟଡା ମାର୍ଜିନ୍ ୨.୭୫ ପ୍ରତିଶତ ପଏଂଟ ବୃଦ୍ଧି ପାଇ ୯ ପ୍ରତିଶତରେ ପହଂଚିଛି। କମ୍ପାନିର କ୍ଷତି ୬୨୨ କୋଟି ଟଙ୍କାରୁ ୨୦୩ କୋଟି ଟଙ୍କାକୁ ହ୍ରାସ ପାଇଛି।

କମ୍ପାନିର ପ୍ରଥମ ଛଅ ମାସରେ ଇସ୍ପାତ ଉତ୍ପାଦନ ୪ ପ୍ରତିଶତ ବୃଦ୍ଧି ପାଇ ୧.୧୧୪ ନିୟୁତ ଟନ୍‌ରେ ପହଞ୍ଚିଛି। ପିଗ୍ ଆଇରନ୍ ଉତ୍ପାଦନ ୫.୬୮ ଲକ୍ଷ ଟନ୍‌ର ସର୍ବକାଳୀନ ସର୍ବାଧିକ ସ୍ତର ଛୁଇଁଛି ଯାହା ଗତବର୍ଷର ସମାନ ଅବଧି ତୁଳନାରେ ୪ ପ୍ରତିଶତ ଅଧିକ। ଲୁହାପଥର ଉତ୍ପାଦନ ୪.୨ ନିୟୁତ ଟନ୍ ରହିଛି। ଦ୍ୱିତୀୟ ତ୍ରୈମାସିକରେ ଓଡ଼ିଶାରେ ଲୁହାପଥର ଉତ୍ପାଦନ ୩୪ ପ୍ରତିଶତ ବୃଦ୍ଧି ପାଇ ୦.୯ ନିୟୁତ ମେଟ୍ରିକ୍ ଟନ୍ ହୋଇଥିବା ବେଳେ ଗୋଆରେ ଏହା ୨୨ ପ୍ରତିଶତ ବୃଦ୍ଧି ପାଇ ୦.୧ ନିୟୁତ ଟନ ହୋଇଛି।




ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ କମ୍ପାନିର ଏବିଟଡା ୫୬ ପ୍ରତିଶତ ବୃଦ୍ଧି ପାଇ ୮୩ କୋଟି ଟଙ୍କା ହୋଇଛି। ଏହି ଅବଧିରେ ପରିଚାଳନାଗତ ରାଜସ୍ୱ ୨,୭୮୮ କୋଟି ଟଙ୍କା ରହିଥିବା ବେଳେ ଏବିଟଡା ମାର୍ଜିନ୍ ୧.୧୨ ପ୍ରତିଶତ ପଏଂଟ ସୁଧାର ସହ ୩ ପ୍ରତିଶତରେ ପହଂଚିଛି। ଗତବର୍ଷର ଦ୍ୱିତୀୟ ତ୍ରୈମାସିକରେ ୪୭୭ କୋଟି ଟଙ୍କାର କ୍ଷତି ହୋଇଥିବା ବେଳେ ଏଥର ଏହା ୩୨୪ କୋଟି ଟଙ୍କାକୁ ହ୍ରାସ ପାଇଛି। କ୍ରେଡିଟ୍ ରେଟିଂ ସଂସ୍ଥା କ୍ରିସିଲ କମ୍ପାନିକୁ ଏଏ/ଷ୍ଟେବଲ ରେଟିଂ ପ୍ରଦାନ କରିଛି।

ଭିଆଇଏସଏଲର ସିଇଓ ଶ୍ରୀ ପଙ୍କଜ କୁମାର ଶର୍ମା କହିଛନ୍ତି ଯେ, 'ଉନ୍ନତ ଇସ୍ପାତ ମୂଲ୍ୟ ପ୍ରାପ୍ତି, ଅଧିକ ଇସ୍ପାତ ବିକ୍ରି ପରିମାଣ ଓ ନିରନ୍ତର ଦକ୍ଷତା ବୃଦ୍ଧି ପଦକ୍ଷେପ ଦ୍ୱାରା ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଭିଆଇଏସଏଲ ଗତ ବର୍ଷ ତୁଳନାରେ ବଳିଷ୍ଠ ପରିଚାଳନାଗତ କାର୍ଯ୍ୟଦକ୍ଷତା ହାସଲ କରିଛି। ଦ୍ୱିତୀୟାର୍ଦ୍ଧ ପାଇଁ ସମ୍ପତିର ନିର୍ଭରଯୋଗ୍ୟତା ସୁଦୃଢ଼ କରିବାକୁ ଏହି ତ୍ରୈମାସ ମଧ୍ୟରେ ଆମେ ବୋକାରୋ ଓ ଗୋଆ କାର୍ଯ୍ୟକ୍ଷେତ୍ରରେ ଯୋଜନାବଦ୍ଧ ସଟଡାଉନ୍ ସମ୍ପୂର୍ଣ୍ଣ କରିଛୁ। ସୁରକ୍ଷା, କାର୍ଯ୍ୟକ୍ଷମ ଶୃଙ୍ଖଳା ଓ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି ଉପରେ କଠୋର ଧ୍ୟାନ ବଜାୟ ରଖିବା ସହିତ ଆମେ ଆମର ବିକାଶ ପ୍ରକଳ୍ପ ଓ ଅକ୍ଷୟ ଶକ୍ତି ପଦକ୍ଷେପଗୁଡ଼ିକୁ ମଧ୍ୟ ଆଗକୁ ବଢ଼ାଇଛୁ।'' ଭିଆଇଏସଏଲର ସିଏଫ୍‌ଓ ଶ୍ରୀ ନବୀନ ଜାଜୁ କହିଛନ୍ତି ଯେ, '୨୦୨୬-୨୭ ଆର୍ଥିକ ବର୍ଷରେ ଏବିଟଡା ଗତ ବର୍ଷ ତୁଳନାରେ ୫୪% ବୃଦ୍ଧି ପାଇ ୫୯୮ କୋଟି ଟଙ୍କା ହୋଇଛି ଓ ମାର୍ଜିନ୍ ୨୭୫ ପଏଂଟ ପ୍ରତିଶତ ବୃଦ୍ଧି ପାଇ ୯% ରେ ପହଂଚିଛି। ଗତ ବର୍ଷର ସମାନ ଅବଧି ତୁଳନାରେ ଲାଭଦାୟକତାରେ ଉଲ୍ଲେଖନୀୟ ସୁଧାର ଆସିଛି। ଏବିଟଡାକୁ ନିଟ ଏକ ସୁସ୍ଥ ବାଲାନ୍ସ ସିଟ୍ ସ୍ଥିତିକୁ ଦର୍ଶାଉଛି। ଆମର ବିକାଶ ନିବେଶକୁ ଆଗକୁ ନେବା ସହିତ ଆମେ ଶୃଙ୍ଖଳିତ ପୁଂଜି ଆବଂଟନ, କାର୍ଯ୍ୟକାରୀ ପୁଞ୍ଜି ପରିଚାଳନା ଓ ନଗଦ ପ୍ରାବହ ଉପରେ ମନୋନିବେଶ କରୁଛୁ।'

# ଭାରତରେ ବିଦେଶୀ ପାଣ୍ଠି

ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଗୋଟିଏ ଦିନରେ ଶେଷ ହୋଇନାହିଁ। ପର୍ଯ୍ୟାୟକ୍ରମେ ଏହା ଚାଲିବ। ସିଇସି ପଦରୁ ଜ୍ଞାନେଶ କୁମାର ଇସ୍ତଫା ନଦେବା ପର୍ଯ୍ୟନ୍ତ ଏହି ଆନ୍ଦୋଂଳନ ଜାରି ରହିବ ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କହିଛନ୍ତି। ସିଜେପି ନେତା ଅଭିଜିତ ଦିପକେ ମଧ୍ୟ ସମାନ କଥା କହିଛନ୍ତି। ସିଜେପି ଏକ ରାଜନୈତିକ ଦଳ ନୁହେଁ, କିମ୍ବା ଏକ ପଞ୍ଜିକୃତ ସଙ୍ଗଠନ ନୁହେଁ। କିନ୍ତୁ ଅନେକ ଛାତ୍ର ଯୁବକ ଏଥିରେ ସାମିଲ ଅଛନ୍ତି। ଏହାକୁ କିଛି ବୈଦେଶିକ ସଂସ୍ଥା ଆର୍ଥିକ ସହାୟତା କରୁଥିବା ଅଭିଯୋଗ ହେଉଛି। ଅଭିଜିତ ମଧ୍ୟ କିଛି ବର୍ଷ ଆମେରିକାରେ ଥିଲେ ଏବଂ ଆମେରିକାରେ ଥିବା ବେଳେ ହିଁ ସେ ସିଜେପି ନାମକ ଏକ ସଙ୍ଗଠନକୁ ଅନଲାଇନ ମାଧ୍ୟମରେ ଗଠନ କଲେ। ଆମେରିକାରେ ଗତ କିଛି ବର୍ଷ ହେବ ଭାରତ ବିରୋଧୀ କାର୍ଯ୍ୟକଳାପ ବଢ଼ିଚାଲିଛି। ଭାରତର ବିକାଶରେ ସେମାନେ ଅସହିଷ୍ଣୁ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବଦନାମ କରିବା ଏବଂ ତାଙ୍କ ସରକାରକୁ ଗାଦିଚ୍ୟୁତ କରିବା ଲାଗି ବିଦେଶରୁ ରୀତିମତ ଷଡ଼ଯନ୍ତ୍ର ଚାଲିଛି। ସେହିମାନେ ହିଁ କିଛି ସଙ୍ଗଠନକୁ ଭାରତରେ ଏଭଳି ବିଶୃଙ୍ଖଳା ସୃଷ୍ଟି ପାଇଁ ଫଣ୍ଡିଂ କରୁଛନ୍ତି। ସିଏଏ ବିରୋଧୀ ଆନ୍ଦୋଳନ ଏବଂ କୃଷକ ଆନ୍ଦୋଳନ ବେଳେ ଠିକ ଏମିତି ବିଦେଶୀ ପାଣ୍ଠି ଭାରତକୁ ଆସୁଥିଲା। ଗ୍ରେଟା ଥନବର୍ଗ ଯିଏ କେବେ ଭାରତ ଦେଖି ନାହାଁନ୍ତି କିମ୍ବା ଭାରତ ସମ୍ପର୍କରେ କିଛି ଜାଣି ନାହାଁନ୍ତି ସେ ଭାରତରେ କୃଷକ ଆନ୍ଦୋଳନକୁ ସମର୍ଥନ କରି ବିବୃତି ଦେଲେ। ଏହା ନିହାତି ହାସ୍ୟାସ୍ପଦ। ସେମାନଙ୍କର ଉଦ୍ଦେଶ୍ୟ ହେଲା କେବଳ ଭାରତକୁ ଦୁର୍ବଳ କରିବା ଏବଂ ଭାରତୀୟଙ୍କ ମୁଣ୍ଡ ତଳକୁ କରିବା। ଏବେ ସିଜେପି ବା ଇଣ୍ଡିଆ ବ୍ଲକ ପକ୍ଷରୁ ଚାଲିଥିବା ଆନ୍ଦୋଳନ ପଛରେ ଠିକ ଏହି ଉଦ୍ଦେଶ୍ୟ ରହିଛି। ସିଇସି ପଦରେ ଜଣେ ବ୍ୟକ୍ତି ଅଛନ୍ତି। ତାଙ୍କ ବିରୋଧରେ ଏତେ ସଂଖ୍ୟକ ବ୍ୟକ୍ତି ଏବଂ ସଙ୍ଗଠନ ଲାଗିବା ବିସ୍ମୟଜନକ। ତାଙ୍କ ବିରୋଧରେ ଏସଆଇଆର ପ୍ରକ୍ରିୟାରେ ଗଡ଼ ବଡ଼ କରିବା ଅଭିଯୋଗ ଆସିଛି ଯାହାର କିଛି ପ୍ରମାଣ ନାହିଁ। ମୃତ ଲୋକଙ୍କୁ ଭୋଟର ତାଲିକାରୁ ବାଦ ଦେବା ତାଙ୍କର ଦୋଷ। ଯାହା ବି ହେଉ ଏହା ବିରୋଧରେ ସୁପ୍ରିମକୋର୍ଟରେ ମାମଲା ରଜୁ ହୋଇଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏହାର ବିଚାର କରିବେ। ମାମଲା କୋର୍ଟରେ ବିଚାରାଧିନ ଥିବା ବେଳେ ଏହାକୁ ନେଇ ରାସ୍ତାରେ ହଙ୍ଗାମା କରିବା, ରାଜଧାନୀରେ ଅରାଜକତା ସୃଷ୍ଟି କରିବା, ଦୋକାନ ବଜାର, ଗାଡ଼ି ମୋଟର ଚଳାଚଳରେ ବାଧାସୃଷ୍ଟି କରିବା ଏକ ପ୍ରକାର ଅନୈତିକ କାର୍ଯ୍ୟ କହିଲେ ଭୁଲ ହେବ ନାହିଁ। ସରକାରଙ୍କୁ ସମାଲୋଚନା କରିବା, ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା, ଦାବି କରିବାରେ କିଛି ଅସୁବିଧା ନାହିଁ। ସିଇସିଙ୍କ ଇସ୍ତଫା ଦାବିରେ କିଛି ଅସୁବିଧା ନାହିଁ। କିନ୍ତୁ ଏଥିପାଇଁ ତାଙ୍କୁ ବାଧ୍ୟ କରାଯାଇପାରିବ ନାହିଁ। କିଛି ଲୋକଙ୍କ ଇଚ୍ଛାନୁଯାୟୀ ସିଇସି ନିଜ ପଦ ଛାଡ଼ି ଦେବା ଗ୍ରହଣୀୟ ନୁହେଁ। ତାଙ୍କ ବିରୋଧରେ ବିରୋଧୀ ସଂସଦରେ ମହାଭିଯୋଗ ଆଣିପାରିବେ। କିନ୍ତୁ ସିଇସିଙ୍କ ଇସ୍ତଫା ଦାବି କରି ରାସ୍ତା ଅବରୋଧ କରିବାର କିଛି ମାନେ ନାହିଁ। ଜଣେ ସାଧାରଣ ବ୍ୟକ୍ତିଙ୍କୁ ଅସୁବିଧାରେ ପକାଇବାର ଅଧିକାର ରାହୁଲ, ଅଭିଜିତ କିମ୍ବା ନେହା ବୋରାଙ୍କର ନାହିଁ। ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ, ସେମାନେ ସରକାରରେ ପରିବର୍ତ୍ତନ ଚାହୁଁଛନ୍ତି। ସେ କଥା କହିବାର କ'ଣ ଆବଶ୍ୟକତା ଅଛି ? ସମସ୍ତେ ସେ କଥା ଜାଣନ୍ତି। କିନ୍ତୁ ଏଥିପାଇଁ ୨୦୨୯ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ନିର୍ବାଚନ ମାଧ୍ୟମରେ ସରକାର ବଦଳାଯାଏ, ରାସ୍ତାରେ ଅରାଜକତା ସୃଷ୍ଟି ଦ୍ୱାରା ନୁହେଁ। ଯେଉଁମାନେ ଅରାଜକତା ସୃଷ୍ଟି କରି ଭାରତକୁ ଦୁର୍ବଳ କରିବାକୁ ଚାହୁଁଛନ୍ତି, ମୋଦିଙ୍କୁ ବଦନାମ ଏବଂ ବିଜେପିକୁ କ୍ଷମତାଚ୍ୟୁତ କରିବାକୁ ଚାହୁଁଚନ୍ତି ସେମାନେ ଭୁଲ ବାଟରେ ଯାଉଛନ୍ତି। ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ସଂସଦରେ ବିତର୍କର ଆବଶ୍ୟକତା ରହିଛି। ରାସ୍ତା ରୋକ କରି ସଂସଦରେ ହଟ୍ଟଗୋଳ କରିବାର କିଛି ମାନେ ନାହିଁ। ବର୍ତ୍ତମାନର ଯୁଗ ହେଲା ମିଡିଆର ଯୁଗ।

# ଭିତରକନିକାର ଭିତିରି କଥା

**॥ ବାଦଲ ଭୂୟାଁ ॥**


“ ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି ।


ଭିତରକନିକାର ବିଶ୍ ପ୍ରସିଦ୍ଧ କୁମ୍ଭୀର, ଡ଼ଲଫିନ, ଅଲିଭ୍ ରିଡ଼ଲେ କଇଁଛ, ହେନ୍ତାଳବଣ, ବିସ୍ତୃତ ବେଳାଭୂମି ସହିତ ଜୀବଜନ୍ତୁ ଭରା ସବୁଜ ସୁନ୍ଦର ପରିବେଶ ଦେଶ ବିଦେଶର ପର୍ଯ୍ୟଟକ ଓ ଗବେଷକଙ୍କୁ ଆକୃଷ୍ଟ କରିଥାଏ । ବିଗତ ଏକ ଦଶନ୍ଧି ହେଲା, ମୁଁ ପ୍ରତି ବର୍ଷ ଭିତରକନିକା ଭ୍ରମଣ କରିବାକୁ ଯାଇଛି । ଏମିତି ଯିବା ଆସିବା ଭିତରେ ଅନେକ ଅନୁଭୂତିର କଥା ମଧ ଅଛି । ଗତ ବର୍ଷ ମୁଁ ଓ ମୋର ଛଅ ଜଣ ବନ୍ଧୁ ଭିତରକନିକା ବୁଲିବାକୁ ଯାଇଥିଲୁ । ଭିତରକନିକା ଅଭୟାରଣ୍ୟ ମଧରେ ବୋଟରେ ବୁଲିକି କୁମ୍ଭୀର, ପଶୁପକ୍ଷୀ ତଥା ହେନ୍ତାଳ ବଣ ଦେଖିବା ଅତି ଆକର୍ଷଣୀୟ । ବୋଟ ଚାଳକ କହିଲେ ବୋଟର କ୍ଷମତା ୨୦ ଜଣ, ଜଣେ ଲୋକ ଗଲେ ଯେତିକି ଟଙ୍କା ପଡିବ, ୨୦ ଜଣ ଗଲେ ମଧ ସେତିକି ଟଙ୍କା ଲାଗିବ । ତେଣୁ ଆମେ ଚିନ୍ତା କଲୁ ଯଦି ଆଉ କିଛି ପର୍ଯଟକ ଆମ ସହିତ ମିଶିକି ବୁଲନ୍ତେ ତେବେ ଟଙ୍କା ଭାଗକରି ଦେଲେ ଖର୍ଚ୍ଚ ପରିମାଣ କମିଯାଆନ୍ତା । ଯାହା ହେଉ ଆଉ ତିନି ଜଣ ପର୍ଯ୍ୟଟକ ମିଳିଗଲେ । ସେମାନଙ୍କ ମଧରେ ୨ ଜଣ ପୁରୁଷ ଓ ଜଣେ ମ୍ୟାଡାମ୍ ଥିଲେ ।

ବୋଟରେ ଯାତ୍ରା କରୁଥିବା ସମୟରେ ବିଭିନ୍ନ କଥା ଆଲୋଚନା ଚାଲିଥାଏ କିନ୍ତୁ ସେ ମ୍ୟାଡାମ୍ ଜଣକ ଚୁପଚାପ ଥାଅନ୍ତି । କିଛି ସମୟ ପରେ ମୋର ଜଣେ ବନ୍ଧୁ କହିଲେ ସମସ୍ତେ ମିଶିକି ଗୋଟେ ଫଟୋ ଉଠେଇବା । ତା'ପରେ ବନ୍ଧୁ ପଚାରିଲେ ମ୍ୟାଡାମ୍ ଆପଣ କେଉଁଠାରୁ ଆସିଛନ୍ତି ? କ'ଣ କରନ୍ତି ଆପଣ ? ମ୍ୟାଡାମ୍ ଟିକେ ରାଗିଲା ଭଳି କହିଲେ ମୋ ବିଷୟରେ ଜାଣିବାକୁ ଆପଣ କାହିଁକି ଏତେ ବ୍ୟସ୍ତ ? ଖବର କାଗଜ ଓ ଟିଭି ମାଧମରେ ଜାଣିବାକୁ ମିଳୁଛି । ପ୍ରତିଦିନ ଠକ ଓ ଚୋରମାନେ ନୂଆ ନୂଆ ପ୍ରକାରର କୌଶଳ ଅବଲମ୍ବନ କରି ଅନେକ ଝିଅ ଓ ମହିଳା ମାନଙ୍କୁ ଅସୁବିଧାରେ ପକାଉଛନ୍ତି । ତେଣୁ ଅଜଣା ଲୋକଙ୍କ ସହିତ ବେଶି ମିଶିବା, ସେମାନଙ୍କ ସହିତ ଫଟୋ ଉଠେଇବା ଓ ବ୍ୟକ୍ତିଗତ କଥା ସେୟାର କରିବା ଠିକ ନୁହେଁ । ଏପ୍ରକାର କଥା ଶୁଣି ମୁଁ କହିଲି ମ୍ୟାଡାମ୍ ଆପଣଙ୍କୁ ଆମେ ସବୁ ଚୋର ଆଉ ଠକ ଭଳି ଦେଖାଯାଉଛୁ କି ? ମ୍ୟାଡାମ୍ କହିଲେ ଅନେକ ଅଛନ୍ତି ଭଦ୍ରଲୋକ ପରି କଥା କୁହନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କର ପ୍ରକୃତ ରୂପ ଜଣାପଡେ, ସେତେବେଳକୁ ସେମାନଙ୍କ କବଳରୁ ରକ୍ଷା ପାଇବାର ଉପାୟ ନଥାଏ । ଆଜିକାଲି ଦୁନିଆରେ ଏମିତ ସବୁ ଘଟୁଛି ଯେ ଠକମାନେ ବିଭିନ୍ନ ଉପାୟରେ ବିଶ୍ୱାସ ଜିତିବାକୁ ଚେଷ୍ଟା କରିଥାନ୍ତି ତା'ପରେ ବ୍ଲାକମେଲ୍ କରିଥାନ୍ତି । ମନ୍ଦ ଉଦେଶ୍ୟ ରଖିଥିବା ବ୍ୟକ୍ତି ଯଦି କୌଣସି ଫଟୋ ପାଇଗଲେ ତାକୁ କମ୍ପୁଟର ମାଧମରେ ପରିବର୍ତ୍ତନ କରି ଫେକ ଆକାଉ ଖୋଲି ପୋଷ୍ଟିଂ କରିଥାନ୍ତି, ଆଜିକାଲି ଏଗୁଡା ନିତି ଦିନିଆ ହୋଇଗଲାଣି । ଦୟାକରି ମୋ କଥାକୁ ଖରାପ ଭାବନ୍ତୁନି । ଯାହା କହିଲି ଆଜିକାଲିର ପରିସ୍ଥିତିକୁ ଦେଖିକି କହିଛି, କିଛି ମନ୍ଦ ଲୋକଙ୍କ କାର୍ଯ୍ୟ ପାଇଁ ଭଲ ଲୋକମାନଙ୍କୁ ମଧ ବିଶ୍ୱାସ କରି ହଉନି । ଅବିଶ୍ୱାସର ବାତାବରଣ ମଧରେ ସବୁ କିଛି ଚାଲିଛି । ଆମେ ନାରୀମାନେ ଠକ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅସୁବିଧାରେ ପଡୁଛୁ । ମୁଁ କହିଲି ଆପଣ ଯାହା କହିଲେ ଠିକ୍ କଥା, ଆଜିକାଲିକା ପରିସ୍ଥିତି ବି ସେମିତି ହୋଇଗଲାଣି । ନିଜେ ସଚେତନ ହେଲେ, ଠକ ମାନଙ୍କ କବଳରୁ ବହୁ ପରିମାଣରେ ରକ୍ଷା ପାଇପାରିବା ।

ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି । ଯେମିତିକି ପୁଅଟି ଦେଖିବାକୁ କେମିତିକା, ତା'ର ବ୍ୟବହାର, ପୁଅର ଘରେ ସବୁ କିଏ କିଏ ଅଛନ୍ତି, ସେମାନେ କଣ କରୁଛନ୍ତି, ସେମାନଙ୍କ ବ୍ୟବହାର କେମିତିକା, ପୁଅ କେଉଁ ସାଙ୍ଗମାନଙ୍କ ସହିତ ମିଶୁଛି, ନିଶା ଖାଉଛି କି ନାହିଁ, କେଉଁ ଅନୁଷ୍ଠାନରେ ପଢୁଥିଲା, ଚାକିରି କରିଥିବା ଅନୁଷ୍ଠାନରେ ବୁଝନ୍ତି ପୁଅ ଚାକିରି କରିଛି କି ନାହିଁ, ସ୍ଥାୟୀ କି ଅସ୍ଥାୟୀ, କେତେ ଦରମା ପାଉଛି, ଏମିତି କେତେ କ'ଣ । ପୁଅଟି ସତ କହୁଛି କି ମିଛ କହୁଛି ତାହା ଜାଣିବା ପାଇଁ ଅନେକ ପ୍ରକାର ମାଧମ ଅବଲମ୍ବନ କରାଯାଇଥାଏ । ସେ ଝିଅମାନେ ସେ ବାବୁଙ୍କ ବିଷୟରେ ଏମିତି କ'ଣ ସବୁ ବୁଝିଲେ ଯେ ଗୋଟେ ପରେ ଗୋଟେ ବାହା ହୋଇପଡିଲେ ? ସାଧାରଣତଃ ଜଣେ ପରିବା କିଣିଲା ବେଳେ ପରିବାକୁ ହାତରେ ନେଇ ବାରମ୍ବାର ଦେଖିଥାଏ । ତା'ପରେ ମନ ନବୁଝିଲେ ଦୋକାନୀକୁ ପଚାରେ ବାଇଗଣ କେଉଁଠାରୁ ଆଣିଛ, ଶୁଖିଗଲାଣି, ଦେଶୀ ନା ବିଦେଶୀ ଏମିତି କେତେ କ'ଣ । ଯଦି ପରିବା କିଣିବାବେଳେ ଏତେ ସଚେତନ ତେବେ ଜୀବନସାଥୀ ବାଛିଲା ବେଳେ କେତେ ସଚେତନ ହେବା କଥା ? ମ୍ୟାଡାମ୍ କହିଲେ ଆପଣ ଯାହା କହୁଛନ୍ତି ସତ କଥା କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ମହିଳା ଜଣକ ନା ଘରେ ନା ବାହାରେ ନା କର୍ମକ୍ଷେତ୍ରରେ, ସେ କେଉଁଠି ବି ସୁରକ୍ଷିତ ନୁହେଁ । ସମାଜିକ ହିଂସା, ବଳାତ୍କାର, ଦୁଷ୍କର୍ମ, ଯୌତୁକ ହତ୍ୟା ଓ ଘରୋଇ ହିଂସାର ଶିକାର ହେଉଛନ୍ତି । ଆଜିବି ଜଣେ ଝିଅ ଦିନରେ ହେଉ ବା ରାତିରେ ହେଉ ରାସ୍ତାରେ ସୁରକ୍ଷିତ ନୁହେଁ । ମହିଳାଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାରର ଆଇନ ରହିଛି ତା'ପରେ ମଧ ଅନେକ ମହିଳା ବିଭିନ୍ନ ପ୍ରକାରର ଶୋଷଣର ଶିକାର ହେଉଛନ୍ତି । ଏଥିପାଇଁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର ଏବଂ ଦୋଷୀ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ଯାହା ଫଳରେ ଜଣେ ଖରାପ କାର୍ଯ୍ୟ କରିବା ପୂର୍ବରୁ ବାରମ୍ବାର ଚିନ୍ତା କରିବ । ମୁଁ କହିଲି ପରିସ୍ଥିତି ଏମିତି ହୋଇଗଲାଣି ଯେ ପ୍ରତିଦିନ ନୂଆ ନୂଆ ପ୍ରକାରର ଘଟଣା ଘଟୁଛି । ପ୍ରଥମେ ନିଜେ ସଚେତନ ହେଲେ ଓ ସତର୍କତା ଅବଲମ୍ବନ କଲେ, ଆମେ ନିଜକୁ ସୁରକ୍ଷିତ ରଖିପାରିବା।


ପଟାମୁଣ୍ଡାଇ, କେନ୍ଦ୍ରାପଡା

ମୋ : ୯୯୩୮୦୬୦୮୮୬


# ସ୍ୱାଧୀନତା ସଂଗ୍ରାମରେ ବିପ୍ଳବୀ ଆନନ୍ଦଚନ୍ଦ୍ର

**॥ ଡଃ ବାସୁଦେବ ଦାସ ॥**

ଊନବିଂଶ ଶତକର ସପ୍ତମ ଦଶକ ବେଳକୁ ନବଜାଗରଣ ଶୁଭଶଙ୍ଖ ନିନାଦିତ ହୁଏ। ଅଭିଜାତ ଶିକ୍ଷିତ ବର୍ଗ ନବ ଚେତନାରେ ମାତୃଭୂମି ଓ ମାତୃଭାଷା ସଂବଳୀ ସ୍ୱର ଉତୋଳନ କରନ୍ତି। ସେହି ସମୟ ଖଣ୍ଡ ମଧ୍ୟରେ ବହୁ ମାତୃ ଭକ୍ତଙ୍କର ଧରାବରଣ ହେବାର ଦେଖାଯାଏ। ଓଡିଶା ଏହି ନବଜାଗରଣକୁ ସ୍ୱାଗତ କରିଛି। ସତ୍ୟବାଦୀ ବକୁଳବନର ସାଧକ ମାନଙ୍କର ଆବିର୍ଭାବ ଓ ସେମାନଙ୍କ କର୍ମ ପରିସର ଏଜାତି ପାଇଁ ଥିଲା ଏକାନ୍ତ ଶୁଭପ୍ରଦ। ସେମାନଙ୍କର ସମସାମୟିକ ଥିଲେ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା। କେନ୍ଦ୍ରାପଡାର କନିକା ଅଂଚଳର ଡାଳିକାଏନ୍ଦା ଏକ ଅଖ୍ୟାତ ପଲ୍ଲୀ। ଏହି ଗ୍ରାମର ଜେନା ସାହିର ସୁଖ୍ୟାତି ଥିଲା। ଖଗେଶ୍ୱର ଜେନା ବଙ୍ଗ- ସରକାରଙ୍କ ଅଧୀନତାରେ ପୋଲିସ ଚାକିରି କରିଥିଲେ। ଖଗେଶ୍ୱର ଥିଲେ ସ୍ୱାଧୀନ ଚେତା। ତତକାଳୀନ କଂଗ୍ରେସ ନେତୃବୃନ୍ଦଙ୍କ ସହିତ ଖଗେଶ୍ୱରଙ୍କ ଘନିଷ୍ଠ ସଂପର୍କ ରହିଥିଲା। ସ୍ୱାଧୀନ ମତବ୍ୟକ୍ତ କରି ଖଗେଶ୍ୱର ଚାକିରିରୁ ବର୍ଖାସ୍ତ ହୋଇ ଜଗଦଳ ପୁରରେ ଏକ ଲୁହା ଲକଡି ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ଖଗେଶ୍ୱର ଓ ପତ୍ନୀ ସୁଷମାଙ୍କ କୁଳରେ ୧୮୮୪ ମସିହା ଜୁଲାଇ ୧୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ପୁତ୍ର ସଂତାନ। ତାଙ୍କର ସାତ ଝିଅ ପରେ ପୁତ୍ରଜାତ ହେତୁ ତାଙ୍କୁ "ଆନନ୍ଦ" ନାମ ରଖିଥିଲେ। ପିତା ଘରକୁ ଆସିଲେ ଆନନ୍ଦଙ୍କୁ ଶ୍ରୀ ଅରବିନ୍ଦ ଚିତରଂଜନ ଦାସ, ରାସବିହାରୀ ଘୋଷଙ୍କ ଭଳି ଜାତୀୟ ବୀର ମାନଙ୍କ କଥା କହିବା ସହ ଦେଶ ଜାତିର ଗୌରବ ସଂପର୍କରେ ପୁତ୍ର ଆନନ୍ଦ ଚନ୍ଦ୍ରଙ୍କୁ ଶୁଣାନ୍ତି।

ଡାଳିକାଏନ୍ଦା ଚାଟଶାଳୀର ପ୍ରାଥମିକ ଶିକ୍ଷାଲାଭ ପରେ ଆଳି ମାଇନର ସ୍କୁଲ ଓ ଚାନ୍ଦବାଲି ହାଇସ୍କୁଲରୁ ଏଂଟ୍ରାନ୍ସ ପାସ କରି ବାପାଙ୍କ ପାଖକୁ କଲିକତା ଯାତ୍ରା କରିଥିଲେ। ସେହି ସମୟରେ ୧୯୧୨ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ଆନନ୍ଦ ଚନ୍ଦ୍ର ବ୍ରିଟିଶ ସରକାରଙ୍କର ରୋଷର ଶିକାର ହୋଇ ମାତୃଭୂମିକୁ ପ୍ରତ୍ୟାବର୍ତନ କରିଥିଲେ। ୧୯୧୪ ମସିହାରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ଯୋଗଦାନ କରି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ଫକୀର ମୋହନଙ୍କ ସହିତ ପରିଚିତ ହୋଇ ପାରିଥିଲେ। ଏଠାରେ ସ୍ମରଣୀୟଯେ ୧୯୧୪-୧୯୧୮ ପ୍ରଥମ ବିଶ୍ୱଯୁଦ୍ଧରେ ବିଶ୍ୱ ସ୍ତବ୍ଧ କାତର ହୋଇଯାଇଥିଲା।

ଜାତୀୟ ସ୍ତରରେ ଆଉ ଏକ ଚେତନାର ମଳୟ ବହିଲା। ଜାତୀୟ କଂଗ୍ରେସର ପ୍ରଚାର ଓ ପ୍ରସାର ପାଇଁ ଅଂଟା ଭିଡିଲେ ନେତୃବୃନ୍ଦ। ଆନନ୍ଦ ଚନ୍ଦ୍ରଙ୍କୁ ଏହି ଆହ୍ୱାନ ଉଦବୁଦ୍ଧ କରି ସାରିଥିଲା। ୧୯୧୭ ମସିହାରେ ମହାତ୍ମାଗାନ୍ଧିଙ୍କୁ ସାକ୍ଷାତ କରିବାକୁ ଯାଇ ସେଠାରେ ଭାରତର ମୁକ୍ତି ଓ ସେବା ସଂପର୍କରେ ତିନିମାସ ଅତିବାହିତ କରି ଫେରିଥିଲେ। ମହାତ୍ମା ଗାନ୍ଧୀଙ୍କ ସାବରମତୀ ଆଶ୍ରମର ଓଡିଶାର ପ୍ରଥମ ଓଡିଆ ଛାତ୍ର ଭାବେ ପରିଗଣିତ ହୋଇଥିଲେ। ୧୯୧୯ରେ ପଂଜାବର ଜାଲିଓ୍ୱାନାଓ୍ୱାଲା ବାଗରେ ନୃଶଂସ ଡାୟାରର ଗୁଳିବର୍ଷଣରେ ବହୁ ଲୋକଙ୍କର ପ୍ରାଣହାନି ଭଳି ଲୋମହର୍ଷଣ କାରୀ ଘଟନା ଭାରତବାସୀଙ୍କ ମନରେ ବିଦ୍ରୋହର ବୀଜ ବପନ କରିଥିଲା।

କନିକା ଓଡିଶାର ଏକ ରାଜ ଶାସନ ଅଂଚଳ /ଜମିଦାର। ୧୯୦୪ ମସିହାରେ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ପ୍ରଜାପାଉତି ନୀତିର ଉଚ୍ଛେଦ କରିବା ଫଳ ପ୍ରଜାମେଳି ଆରମ୍ଭ ହୋଇଥିଲା, ଯାହାର ନେତୃତ୍ୱ ଗ୍ରହଣ କରିଥିଲେ ବର୍ତନୀର ଦୀନବନ୍ଧୁ ଖଣ୍ଡାୟତ ରାୟ। ତେଣୁ କନିକା ବାସୀଙ୍କ ପ୍ରତି ରାଜାଙ୍କର ଅବିଚାର ଆରମ୍ଭ ହୋଇ ଯାଇଥିଲା। ସେତେବେଳେକୁ ଆନନ୍ଦ ଚନ୍ଦ୍ର ଗଙ୍ଗାଧର ପଣ୍ଡାଙ୍କ ଘରେ ଏକ ସ୍କୁଲ ପ୍ରତିଷ୍ଠା କରି ଆନନ୍ଦ ମାଷ୍ଟ୍ରେ ଭାବେ ପରିଚିତ ହେଲେଣି। ତାଙ୍କୁ କେନ୍ଦ୍ରାପଡା ମ୍ୟୁନିସପାଲିଟି ମାସିକ ଦୁଇ ଟଙ୍କା ଗ୍ରାଂଟ ଦେଉଥିଲେ। ଯେଉଁ ଛାତ୍ର ତାଙ୍କ ପାଖରେ ଶିକ୍ଷା ଗ୍ରହଣ କରୁଥିଲେ, ସେମାନଙ୍କୁ ଇଂରେଜ ସରକାର ବିରୋଧରେ, ଭାରତକୁ ସ୍ୱାଧୀନ କରିବା ବିଷୟରେ ଶିକ୍ଷା ଦିଅନ୍ତି। ସନ୍ଧ୍ୟାରେ ତାଙ୍କ ପାଖରେ ଗାଁ ଲୋକେ ନୂଆ ନୂଆ ଖବର ଓ ଦେଶ ବିଷୟରେ ଜାଣିବାକୁ ଆସନ୍ତି। ୧୯୨୦ ଅଗଷ୍ଟ ୮ ତାରିଖରେ ନିଷ୍ପତି ହେଲା ବ୍ରିଟିଶ ସରକାରଙ୍କୁ କୌଣସି କ୍ଷେତ୍ରରେ ସହଯୋଗ କରାଯିବ ନାହିଁ। ବ୍ରିଟିଶ ଦ୍ରବ୍ୟ ବର୍ଜନର ଆହ୍ୱାନ ଗାନ୍ଧିଜୀ ଦେଇ ସାରିଥିଲେ। ଏହି ସମୟରେ ୧୯୨୨ ମସିହାରେ କନିକା ନରେଶ ୬୪ କର ଧାର୍ଯ୍ୟ କରିବା ଫଳରେ ପ୍ରଜା ଅସନ୍ତୋଷ ତୀବ୍ର ରୂପ ଧାରଣ କଲା। ଆନନ୍ଦ ଚନ୍ଦ୍ର ଜଣେ ସମାଜ ସଚେତନ କବି। ସେ ରାଜାଙ୍କର ୬୪ କର ଓ ଆଦାୟର ଉତପୀଡନକୁ କେନ୍ଦ୍ର କରି ଲେଖିଲେ "ଦୁଃଖିନୀ କନିକା"। ଅସୀ ଠାରୁ ମସୀ ଶକ୍ତିଶାଳୀ। ଏ ବହି ନୁହେଁ ବୋମା। ହାତକୁ ହାତ ଦୁଃଖିନୀ କନିକା ପ୍ରସାରିତ ହେବା ଦ୍ୱାରା ରାଜା ଏ ସଂପର୍କରେ ବ୍ରିଟିଶ ସରକାରଙ୍କ ଦୃଷ୍ଟିଗୋଚର ହେଲା। କବି ରାଧାନାଥ ରାୟଙ୍କ ମହାକାବ୍ୟ "ମହାଯାତ୍ରା" ବ୍ୟାଜ୍ୟାପ୍ତି ହେବା ପରେ "ଦୁଃଖିନୀ କନିକା" ବ୍ୟାନ ହେବାର ଗୋଟାଏ ଦୃଷ୍ଟାନ୍ତ ମହାତ୍ମା ଗାନ୍ଧିଙ୍କ ୟଙ୍ଗ ଇଣ୍ଡିଆ ସାପ୍ତାହିକ ପତ୍ରିକାରେ ପ୍ରକାଶ ପାଇଥିଲା। ଆନନ୍ଦ ଚନ୍ଦ୍ରଙ୍କର ଖ୍ୟାତି ଯେତିକି ବଢିଲା କନିକା ରାଜାଙ୍କର ତତୋଧିକ ଅକ୍ରୋସ ପଡିଲା ରାଜା ଅତ୍ୟାଚାରର ରୂପ "ଦୁଃଖିନୀ କନିକା"ରେ କିପରି ମର୍ମିତ ତାର କେତୋଟି ପଦରୁ ପାଠକ ଅବବଗତ ହୋଇପାରିବେ।

"ରୌଦ୍ରେ କେ ବସିଲା ଉଠିଲା, ପଥରେ ନାକ କେ ଘଷିଲା।
ବିବିଧ ମାଡ କେ ସହିଲା, କେ ଗଳେ ନାଗରା ବାନ୍ଧିଲା।
କେ କାଦୁଅରେ ପୋତା ଗଲା, କେ ବେତ ପ୍ରହାର ସହିଲା।
ପାଦରେ କେ ଦଳି ହୋଇଲା, କେ ସ୍ଥାନ ଛାଡି ପଳାଇଲା"

ଏହି ଆହ୍ୱାନର ଭୟାବହ ପରିଣିତ ସ୍ୱରୂପ - ପ୍ରଜାମାନେ ବର୍ଦ୍ଧିତ ଖଜଣା ଦେବାକୁ ରାଜି ହେଲେ ନାହିଁ। ରାଜ କର୍ମଚାରୀଙ୍କ ଜିଦ ଯେ ବର୍ଦ୍ଧିତ ହାରରେ ଖଜଣା ନେବେ। କେତେକ ପ୍ରଜା କେନ୍ଦ୍ରାପଡା ଟ୍ରେଜରୀରେ ଖଜଣା ଜମାଦେଲେ। ପ୍ରଜାବୃନ୍ଦଙ୍କର ଦାବିଥିଲା ସରକାରୀ ବନ୍ଦୋବସ୍ତ।

ସେ ସମୟର ବିହାର- ଓଡିଶା ଗଭର୍ଣ୍ଣର ସାର ହେନି ହୁଇଲର ବିଶ୍ୱାସ କଲେ ଯେ କଂଗ୍ରେସ ଆନ୍ଦୋଳନ କନିକାରେ ତୀବ୍ରତର ହେଉଛି।ଆନନ୍ଦ ଜେନାଙ୍କ ୪୨ ଏକର ସମ୍ପତିକୁ ବ୍ରିଟିଶ ସରକାର ବ୍ୟାଜ୍ୟାପ୍ତି କରିଥିଲେ। ତେଣୁ ପ୍ରଜାଆନ୍ଦୋଳନକୁ ଦମନ କରିବା ପାଇଁ କଟକରୁ ସଶସ୍ତ୍ର ପୋଲିସ ଆସି ରାଜକନିକାରେ ଅକଥନୀୟ ଅତ୍ୟାଚାର କଲେ ବୋଲି ବିପ୍ଳବୀ ପ୍ରଫୁଲ୍ଲ ଦାସ କହିଛନ୍ତି। ଶେଷକୁ ଏସ ପି ଶ୍ରୀକୃଷ୍ଣ ମହାପାତ୍ର ଆଦେଶରେ ଗୁଳି ଚଳାଇବା ଫଳରେ ବାସୁ ସେଠୀ ଓ ବିଶୁନି ମଢୁଆଳ ପ୍ରାଣ ହରାଇଥିଲେ। ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ "ବନ୍ଦୀର ଆତ୍ମକଥା"ରେ ଏହି ଚିତ୍ର ପ୍ରତିଫଳିତ ହୋଇଅଛି। ଆନନ୍ଦ ଚନ୍ଦ୍ରଙ୍କୁ ମାରିଦେବାର ଷଡଯନ୍ତ୍ର ହେବାର ଜାଣି ଘୋର ନିଶାର୍ଥରେ ବିପଦ ସଂକୁଳ ଖରସ୍ରୋତା ନଦୀ ପହଁରି ଆଳିରେ ଆଶ୍ରୟ ନେଇଥିଲେ। ସେଠାରୁ ତାଙ୍କୁ କେନ୍ଦ୍ରାପଡା ଆଣି କେନ୍ଦ୍ରାପଡାର କଂଗ୍ରେସ ନେତା ଯଦୁମଣି ମଙ୍ଗରାଜ, ବ୍ରହ୍ମାନନ୍ଦ ରାଉତ ଓ କେନ୍ଦ୍ରାପଡା ହାଇସ୍କୁଲର ଶିକ୍ଷକ ବାଳକୃଷ୍ଣ କର ହଜାରିବଗିଚା ଗ୍ରାମରେ ଥଇଥାନ କରାଇଥିଲେ। ଆନନ୍ଦ ଚନ୍ଦ୍ର ଜଣେ ଖ୍ୟାତ ନାମା କବି ଭାବେ ପରିଚିତ। କନିକା ବନ୍ଧୁ, ମାତୃଦେବୀ, ଭକ୍ତ ପ୍ରହ୍ଲାଦ, ମୃଢମତି, ବାର କଥା ଓ ଶତାଧିକ ଜାତୀୟ ସଂଗୀତ ରଚନା କରିଛନ୍ତି। ପ୍ରତ୍ୟେକ ରଚନାରେ ବୈପ୍ଳବିକ ଚେତନା ରହିଅଛି।

ଆନନ୍ଦ ଚନ୍ଦ୍ର୧୯୩୦ ମସିହା ଲବଣ ସତ୍ୟାଗ୍ରହ ୧୯୩୪ ଗାନ୍ଧୀଙ୍କ ହରିଜନ ପଦଯାତ୍ରା ଓ ୧୯୪୨ ଭାରତ ଛାଡ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ। କନିକା ମଣ୍ଡଳରୁ ସେ ୪୦୦୦ କଂଗ୍ରେସ ସଦସ୍ୟ କରି ବେଶ ଚର୍ଚ୍ଚିତ ହୋଇଥିଲେ। ମହାନ ବିପ୍ଳବୀଙ୍କୁ ରାଜ ଚକ୍ରାନ୍ତରେ କେନ୍ଦ୍ରାପଡାର ଏକ ବସାଘରେ ବିଷପାନ କରାଇ ମାରିଦିଆଗଲା ୧୯୪୬ ମସିହା ଜାନୁଆରୀ ୨୭ ତାରିଖରେ। ସୁଖର କଥା- ତାଙ୍କ ସ୍ମୃତିରେ କେନ୍ଦ୍ରାପଡା ହାଇସ୍କୁଲ ଛକରେ ଆନନ୍ଦ ଚନ୍ଦ୍ର ଜେନାଙ୍କର ଏକ ପ୍ରତିମୂର୍ତି ନିର୍ମିତ ହୋଇ ବିପ୍ଳବର ମାର୍ଗ ଦର୍ଶାଉଅଛି। ପ୍ରତିବର୍ଷ ଜୟନ୍ତୀ ଓ ଶ୍ରାଦ୍ଧ ପାଳନ କରାଯାଉଅଛି।


**ବଳଦେବ କଲୋନି, ଜୟୀପୁରା, କେନ୍ଦ୍ରାପଡା**


# ବଢୁଛି ହାଇପୋର୍ଥେମିଆ

**॥ ଡାକ୍ତର ବିଷ୍ଣୁପ୍ରସାଦ ମହାପାତ୍ର ॥**

ପ୍ରବଳ ଥଣ୍ଡା ଯୋଗୁ ମାନସିକ ଚାପ ସୃଷ୍ଟି ହୋଇପାରେ। ଯାହାକୁ ହାଇପୋର୍ଥେମିଆ ବା ଅଳ୍ପତାପ କୁହନ୍ତି। ଏହାର ଅନ୍ୟନାମ କୋଲ୍ଡ ଟ୍ରେସ ସିଣ୍ଡ୍ରୋମ। ଏଥିରେ ଜଣେ ରୋଗୀଙ୍କର ମାନସିକ ଓ ହୃଦୟ ପ୍ରଭାବିତ ହୋଇଥାଏ। କେତେକ କ୍ଷେତ୍ରରେ ରୋଗୀ କିଛି ଜାଣିପାରେ ନାହିଁ ଓ ପାଗଳ ଭଳି ବ୍ୟବହାର କରେ।

ଏକ ରିପୋର୍ଟ ଅନୁସାରେ ହାଇପୋର୍ଥେମିଆ ଯୋଗୁଁ ଆମେରିକାରେ ପ୍ରତିବର୍ଷ ଅତି କମରେ ୧୫୦୦ ମୃତ୍ୟୁ ହେଉଛି। ବୟସାଧିକ ଲୋକ ଓ ପୁରୁଷଙ୍କୁ ଏହି ରୋଗ ସାଧାରଣତଃ ଅଧିକ ହୁଏ। ସଠିକ ସମୟରେ ହାଇପୋର୍ଥେମିଆକୁ ଜାଣି ତାହାର ଉପଯୁକ୍ତ ଚିକିତ୍ସା କରାନଗଲେ ରୋଗୀର ଜୀବନ ଯିବାର ଆଶଙ୍କା ମଧ ରହିଥାଏ। ହାଇପୋର୍ଥେମିଆ ଶବ୍ଦ ଗ୍ରୀସ ଭାଷାରୁ ଆସିଛି। ଯାହାର ଅର୍ଥ ଶରୀର ଅଭ୍ୟନ୍ତରର ଉତ୍ତାପ ୩୫.୦ ଡିଗ୍ରୀ ସେଲସିୟସରୁ କମ ହେବା। ଏହାର ଲକ୍ଷଣ ତାପମାତ୍ରା ଉପରେ ନିର୍ଭର କରେ। ତିନି ପ୍ରକାରର ହୋଇପୋର୍ଥେମିଆ ରହିଥାଏ। ସାମାନ୍ୟ ହାଇପୋର୍ଥେମିଆ ହୋଇଥିଲେ କମ୍ପନ ଓ ଏନଜାଇଟି ଦେଖାଯାଏ। ମଧ୍ୟମ ହାଇପୋର୍ଥେମିଆ ହେଲେ କମ୍ପ ବନ୍ଦ ହୋଇଯାଏ ଓ ଏନଜାଇଟି ବୃଦ୍ଧି ପାଏ। ସାଙ୍ଘାତିକ ହାଇପୋର୍ଥେମିଆ ହେଲେ ପାରାଡ଼କ୍ସିକାଲ ଅନଡ୍ରେସିଙ୍ଗ ହୁଏ। ଅର୍ଥାତ ଜଣେ ନିଜ ମାନସିକ ସ୍ଥିତି ହରାଇ ବସେ। ଏହିଭଳି ପରିସ୍ଥିତିରେ ରୋଗୀ ନିଜ ଲୁଗା ଫିଙ୍ଗି ଦିଏ ଓ ଅତ୍ୟଧିକ ବ୍ୟଗ୍ର ହେତୁ ହୃଦସ୍ପନ୍ଦନ ଧୀର ହୋଇଯାଏ।

ହାଇପୋର୍ଥେମକିଆ ରୋଗର ଦୁଇଟି ମୁଖ୍ୟ କାରଣ ଥାଏ। ସ୍ୱାଭାବିକ ଭାବରେ ଅତ୍ୟଧିକ ଥଣ୍ଡା ସଂସ୍ପର୍ଶରେ ଆସିଲେ ଏହି ରୋଗ ହୁଏ। କୌଣସି କାରଣ ବଶତଃ ଦେହର ଉତ୍ତାପ ସୃଷ୍ଟି କମିଗଲେ ବା ଉତ୍ତାପ କ୍ଷୟ ହେଲେ ମଧ ଏହା ହୁଏ। ଅନ୍ୟାନ୍ୟ କାରଣ ମଧ୍ୟରେ ସାଧାରଣତଃ ଅତ୍ୟଧିକ ମଦନିଶା, ବୟସାଧିକ୍ୟ, ଅରୁଚି ଓ କମ ରକ୍ତଶର୍କରା ଥିଲେ ମଧ ହାଇପୋର୍ଥେମିଆ ହୋଇଥାଏ। ଦେହ ଉତ୍ତାପ ଥର୍ମୋରେଗୁଲେସନ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ମାନରେ ସ୍ଥିର ରହେ। ଦେହ ଉତ୍ତାପ ବଢ଼ାଇବା ନିମନ୍ତେ କମ୍ପ, ଅଧିକ ସ୍ୱେଚ୍ଛାକୃତ କର୍ମ କରିବା ଓ ଉଷୁମ ଲୁଗା ଘୋଡ଼ାଇ ହେବା ଆବଶ୍ୟକତା ହୋଇଥାଏ। ରୋଗୀର ଲକ୍ଷଣ ଓ ଅବସ୍ଥା ଦେଖି ବା ଦେହର ଆଭ୍ୟନ୍ତରୀଣ ଉତ୍ତାପ ମାପି ହାଇପୋର୍ଥେମିଆ ରୋଗ ନିର୍ଣ୍ଣୟ କରାଯାଏ।

ଲକ୍ଷଣ : ମାନସିକ ଚାପ ଓ ଅସ୍ଥିରତା କାରଣରୁ ରୋଗୀ ଅଧିକରୁ ଅଧିକ ସମୟ ଅନ୍ଧକାରରେ କାଟିବାକୁ ପସନ୍ଦ କରେ। ପରିବାର ଓ ସାଙ୍ଗସାଥୀଙ୍କ ସହ କଥାବାର୍ତ୍ତା ବନ୍ଦ କରିଦିଏ। ଏକ ପ୍ରକାରର ଅବସାଦକୁ ରୋଗୀ ଚାଲିଯାଏ। ଯଦି କେହି ରୋଗୀଙ୍କ ସହ କଥା ହେବାକୁ ଚେଷ୍ଟା କରିଥାନ୍ତି, ରୋଗୀ ତାଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତତି। ବେଳେ ଅତ୍ୟଧିକ ରାଗି ରୋଗୀ ଜିନିଷପତ୍ର ଫୋପାଡା ଫିଙ୍ଗା କରିଥାନ୍ତି। ହାଇପୋର୍ଥେମିଆ ହୋଇଥିଲେ ରୋଗୀ ଅଧିକ ଖାଦ୍ୟ ଖାଇଥାନ୍ତି। ଅନ୍ୟପକ୍ଷରେ କେତେକ ରୋଗୀ ଖାଦ୍ୟ ଖାଇବା ଛାଡ଼ି ଦେଇଥାନ୍ତି। ଫଳରେ ସେମାନଙ୍କର ସ୍ୱାସ୍ଥ୍ୟରେ ଅଚାନକ ଅବନତି ଘଟିଥାଏ। କୌଣସି ସ୍ଥାନରେ ବସିବା ସମୟରେ ରୋଗୀ ଆଖି ବନ୍ଦ କରି ବସିବାକୁ ପସନ୍ଦ କରିଥାନ୍ତି। ଏହିପରି ନକରିବାକୁ ବାରଣ କଲେ, ରୋଗୀ ବିରକ୍ତି ପ୍ରକାଶ କରେ। କେତେକ କ୍ଷେତ୍ରରେ ରୋଗୀର ହୃଦସ୍ପନ୍ଦନ ବୃଦ୍ଧି ପାଇଯାଏ ଓ ରକ୍ତଚାପ ଦେଖାଯାଏ।

ଉପଚାର : ଉଷୁମ ପାନୀୟ, ଗରମ କପଡ଼ା ଓ ଶାରୀରିକ କାର୍ଯ୍ୟ କରିବା ଏହି ରୋଗର ଉତ୍ତମ ଉପଚାର। ମଧ୍ୟମ ହାଇପୋର୍ଥେମିଆ ଥିଲେ ରୋଗୀକୁ ଉଷୁମ କମ୍ବଳ ଘୋଡେଇ ଗରମ ତେଲ ମାଲିସ କରାଯାଏ। ମଧ୍ୟମ ଓ ସାଙ୍ଘାତିକ ହୋଇଥିଲେ ଏକ୍ସଟ୍ରାକର୍ପୋରିଆଲ ମେମ୍ବ୍ରେନ ଅକ୍ସିଜେନେସନ କିମ୍ବା କାର୍ଡ଼ିଓପଲମୋନାରୀ ବାଇପାସ ଚିକିତ୍ସା ଉପକାରୀ ହୁଏ। ରୋଗୀ ହୃଦସ୍ପନ୍ଦନ ଧୀର ହୋଇଗଲେ ଉପରୋକ୍ତ ଉପଚାର ସହିତ କାର୍ଡ଼ିଓପଲମୋନାରୀ ରସସିଟେସନ କରାଯାଏ। ଏହି ବ୍ୟବସ୍ଥାକୁ ୩୨୦ ଡିଗ୍ରୀ ସେଲସିୟସ ଉତ୍ତାପ ବଢ଼ିବା ପର୍ଯ୍ୟନ୍ତ ଚାଲୁରହେ। ଯଦି ଏହି ଉପଚାର ଦ୍ୱାରା କିଛି ଉନ୍ନତି ନ ହୁଏ ବା ରକ୍ତ ପଟାସିଅମ ୧୨ ମି.ମୋଲ/ଲିଟରରୁ ଅଧିକ ରହେ ତେବେ ରିସସିଟେସନ ବନ୍ଦ କରିଦିଆଯାଏ। ଏ କ୍ଷେତ୍ରରେ ଡାକ୍ତରୀ ପରାମର୍ଶରେ ଚିକିତ୍ସା କରିବା ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ।


ସହଯୋଗୀ ପ୍ରଫେସର, ଆନେସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାର, ଏମକେଜି, ବ୍ରହ୍ମପୁର, ଦୂରଭାଷ : ୮୨୮୦୧୨୭୯୧୦

## ମତ୍ସ୍ୟଜିବିଙ୍କୁ ସମୁଦ୍ର ମନା



ପାରାଦୀପ, (ମହାଭାରତ): ଘୁର୍ଣ୍ଣିଝଡ଼ ଅର୍ଣ୍ଣବର ପ୍ରଭାବ ଧୀରେ ଧୀରେ ସମୁଦ୍ର ମଧ୍ୟରେ ବଢୁଥିବା ବେଳେ ପାରାଦୀପ ମାଛଧରା ବନ୍ଦର ମଧ୍ୟରୁ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ସମସ୍ତ ଯନ୍ତ୍ରଚାଳିତ ଡ଼ଙ୍ଗା ଓ ବୋଟ ଗୁଡିକ ସୁରକ୍ଷିତ ଭାବରେ ଫେରିଆସିଥିବା ନେଇ କହିଛନ୍ତି ଉପକୂଳ ଓଡିଶା ମତ୍ସ୍ୟ ବିଭାଗ ର ଯୁଗ୍ମ ନିର୍ଦ୍ଦେଶକ ଦୀପ୍ତି କୁମାର ମହାପାତ୍ର । ଗତ ୨୩ ତାରିଖ ରେ ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟା କୁ ଦୃଷ୍ଟି ରେ ରଖି ମତ୍ସ୍ୟ ବିଭାଗ ତରଫରୁ ସମସ୍ତ ମତ୍ସ୍ୟଜିବି ମାନଙ୍କୁ ମାଛଧାରା ବନ୍ଦର ମଧ୍ୟକୁ ଫେରି ଆସିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଯାହାକୁ ନେଇ ସମସ୍ତ ମାଲିକ ମାନେ ସେମାନଙ୍କ ବୋଟ ଗୁଡିକୁ ଫେରିଆସିବାକୁ କହିବା ପରେ ଆଜି ସକାଳ ସୁଦ୍ଧା ସମସ୍ତ ବୋଟ ଓ ଟାପା ଗୁଡିକ ପାରାଦୀପ ମାଛଧରା ବନ୍ଦର ମଧ୍ୟକୁ ଫେରିଆସିଥିବା ନେଇ ମତ୍ସ୍ୟ ବିଭାଗ ତରଫରୁ ସୂଚନା ମିଳିଛି । ସମ୍ଭାବ୍ୟ ଘୁର୍ଣ୍ଣିଝଡ଼ ପାଇଁ ସମସ୍ତ ମତ୍ସ୍ୟଜିବି ଓ ମାଛଧରା ବୋଟ ଗୁଡିକ କିଭଳି ସୁରକ୍ଷିତ ରହିବ ଏବଂ ପୁଣିଥରେ ବାତ୍ୟା ପରେ ସେମାନଙ୍କ କାର୍ଯ୍ୟ କରିବେ ଏ ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି । ବଙ୍ଗୋପସାଗର ରେ ବାରମ୍ବାର ଆସୁଥିବା ବାତ୍ୟା ଓ ଲଘୁଚାପ ଆଜି ବୋଟ ମାଲିକ ମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି । ଯେହେତୁ ସମୁଦ୍ର ଅଶାନ୍ତ ରହିଛି, ଏହାଦ୍ୱାରା ଉଭୟ ମତ୍ସ୍ୟଜିବି ଓ ବୋଟ ପ୍ରତି ବିପଦ ଥିବାରୁ ପ୍ରଶାସନ ର ନିର୍ଦ୍ଦେଶ କୁ ଆମେ ମାନିବାକୁ ବାଧ ବୋଲି କହିଛନ୍ତି ବୋଟ ମାଲିକ ଓ ମତ୍ସ୍ୟଜିବି ।

## ଅଙ୍ଗାରବନ୍ଧ ପଞ୍ଚାୟତରେ ମଦ ବନ୍ଦ ନେଇ ସଚେତନତା କାର୍ଯ୍ୟକ୍ରମ




ଅନୁଗୋଳ, (ମହାଭାରତ): ଅନୁଗୋଳ ବ୍ଲକ୍ ଅଙ୍ଗାରବନ୍ଧ ପଞ୍ଚାୟତର ବିଭିନ୍ନ ଗ୍ରାମରେ ମଦ ବିକ୍ରି ଓ ସେବନ ବଢ଼ିବା ଫଳରେ ଗ୍ରାମରେ ଅଶାନ୍ତି, ପାରିବାରିକ କଳହ, ଆର୍ଥିକ ସମସ୍ୟା ଏବଂ ସାମାଜିକ ପରିବେଶର ଅବନତି ଘଟୁଛି । ଏହାର କୁପ୍ରଭାବ ମହିଳା, ଶିଶୁ ଏବଂ ଯୁବପିଢ଼ି ଉପରେ ପଡୁଛି ।ତେଣୁ ମହାବୀର କ୍ଲବ, ବାରସିଂହା ଏବଂ ଅଙ୍ଗାରବନ୍ଧ ଗ୍ରାମବାସୀଙ୍କ ପକ୍ଷରୁ ଆପଣମାନଙ୍କ ମହିଳା ସଂଘକୁ ଅନୁରୋଧ କରୁଛୁ ଯେ, ଏହି ବିଷୟରେ ଏକ ସାଧାରଣ ବୈଠକ ଆହ୍ୱାନ କରି ଗ୍ରାମରେ ମଦ ବିକ୍ରି ଓ ସେବନ ବନ୍ଦ କରିବା ସମ୍ପର୍କରେ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଉ । ଗ୍ରାମର ଶାନ୍ତି, ସୁରକ୍ଷା ଏବଂ ସୁସ୍ଥ ସାମାଜିକ ପରିବେଶ ରକ୍ଷା ପାଇଁ ଆପଣମାନଙ୍କ ସହଯୋଗ ଏକାନ୍ତ କାମ୍ୟ ।ଅତଏବ, ଆମର ଏହି ନିବେଦନକୁ ସହାନୁଭୂତିର ସହ ବିଚାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିନମ୍ର ଅନୁରୋଧ ।ଅଙ୍ଗାରବନ୍ଧ ଗ୍ରାମରେ ମଦ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର କୁପ୍ରଭାବରୁ ପରିବାର, ଯୁବପିଢ଼ି ଓ ସମାଜକୁ ସୁରକ୍ଷା ଦେବା ସହିତ ଗ୍ରାମରେ ଶାନ୍ତି, ଶୃଙ୍ଖଳା ଓ ସୁସ୍ଥ ପରିବେଶ ବଜାୟ ରଖିବା ଉଦ୍ଦେଶ୍ୟରେ ଗ୍ରାମବାସୀ, ଗ୍ରାମ୍ୟ କମିଟି ଓ ମହିଳା ସଂଘଙ୍କ ଉପସ୍ଥିତିରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ନିମ୍ନଲିଖିତ ନିଷ୍ପତ୍ତି ଗ୍ରହଣ କରାଗଲା । ଗ୍ରାମରେ ମଦ ବିକ୍ରି ନିଷେଧ: ଅଙ୍ଗାରବନ୍ଧ ଗ୍ରାମ ମଧ୍ୟରେ କୌଣସି ବ୍ୟକ୍ତି ଅବୈଧ ଭାବେ ମଦ ବିକ୍ରି, ଗଚ୍ଛିତ କିମ୍ବା ବଣ୍ଟନ କରିପାରିବେ ନାହିଁ । ଆଇନସମ୍ମତ ଅନୁମତି ସମ୍ବନ୍ଧୀୟ ବିଷୟରେ ପ୍ରଚଳିତ ଆଇନ ଅନୁସରଣ କରାଯିବ ।ଜୋରିମାନା ସମ୍ପର୍କିତ ପ୍ରସ୍ତାବ: ଗ୍ରାମରେ ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କ ପାଇଁ ପଚାଶ ହଜାର ଟଙ୍କା ଜୋରିମାନା ଲାଗୁ କରିବା ପ୍ରସ୍ତାବ ଗ୍ରାମସଭାରେ ଗ୍ରହଣ କରାଗଲା । ଏହାର କାର୍ଯ୍ୟକାରିତା ପ୍ରଚଳିତ ଆଇନ ଓ ସକ୍ଷମ କର୍ତ୍ତୃପକ୍ଷଙ୍କ ଅନୁମତି ଅନୁଯାୟୀ ହେବ । ଏହି ନିୟମ ଉଲ୍ଲଂଘନ ସମ୍ପର୍କରେ ଅଭିଯୋଗ ମିଳିଲେ ଗ୍ରାମ୍ୟ କମିଟି ଓ ମହିଳା ସଂଘ ଘଟଣାର ତଥ୍ୟ ସଂଗ୍ରହ କରି ସମ୍ପୃକ୍ତ ସରକାରୀ ବିଭାଗ କିମ୍ବା ପୋଲିସକୁ ଜଣାଇବେ । କୌଣସି ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ କେବଳ ଆଇନ ଅନୁଯାୟୀ ହେବ ।ମହିଳା ସଂଘର ଦାୟିତ୍ୱ: ଗ୍ରାମରେ ମଦ ବିରୋଧୀ ଜନସଚେତନତା ସୃଷ୍ଟି କରିବା, ପରିବାରଗୁଡ଼ିକୁ ସଚେତନ କରିବା ଓ ନିଶାମୁକ୍ତ ଗ୍ରାମ ଗଠନରେ ସହଯୋଗ କରିବା ।ଗ୍ରାମବାସୀଙ୍କ ଦାୟିତ୍ୱ: ସମସ୍ତ ଗ୍ରାମବାସୀ ଏହି ନିୟମାବଳୀକୁ ସମ୍ମାନ ଦେବେ ଏବଂ ଗ୍ରାମରେ ମଦ ବିକ୍ରି ଓ ଅବୈଧ ନିଶାଦ୍ରବ୍ୟ କାରବାର ରୋକିବା ପାଇଁ ଶାନ୍ତିପୂର୍ଣ୍ଣ ଭାବେ ସହଯୋଗ କରିବେ । ମଦର ଅବୈଧ ବିକ୍ରି ସମ୍ପର୍କରେ ପ୍ରମାଣ ମିଳିଲେ ଅବକାରୀ ବିଭାଗ କିମ୍ବା ପୋଲିସକୁ ଅବଗତ କରାଯିବ । କେହି ନିଜ ହାତରେ ଆଇନ ନେବେ ନାହିଁ କିମ୍ବା କାହାକୁ ଧମକ, ମାଡ଼ ବା ବଳପୂର୍ବକ ଟଙ୍କା ଆଦାୟ କରିବେ ନାହିଁ ।ଶେଷ ନିଷ୍ପତ୍ତି ଅଙ୍ଗାରବନ୍ଧ ଗ୍ରାମକୁ ଏକ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ଗ୍ରାମ ଭାବେ ଗଢ଼ି ତୋଳିବା ପାଇଁ ଗ୍ରାମ୍ୟ କମିଟି, ମହିଳା ସଂଘ ଓ ସମସ୍ତ ଗ୍ରାମବାସୀ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସର୍ବସମ୍ମତିକ୍ରମେ ସଂକଳ୍ପ ଗ୍ରହଣ କଲେ ।

## ଜୋତା ଦୋକାନରେ ଚାଲିଥିଲା ଦେହ ବେପାର, ପୋଲିସର ଚଢ଼ାଉ: ୨ ଅଟକ

ଅନୁଗୋଳ, (ମହାଭାରତ): ଜୋତା ଦୋକାନ ଭିତରେ ଚାଲିଥିଲା ଦେହ ବେପାର । ଅନୁଗୋଳ ସହରର ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏଭଳି ଏକ ସେକ୍ସ ରାକେଟ୍ ଚାଲିଥିବା ଅଭିଯୋଗରେ ଚଢ଼ାଉ କରିଛି ପୋଲିସ । ଏହି ଘଟଣାରେ ଜୋତା ଦୋକାନର ମାଲିକାଣିଙ୍କ ସମେତ ଦୁଇ ଜଣଙ୍କୁ ଗିରଫ କରାଯାଇଛି ।ସୂଚନା ଅନୁଯାୟୀ, ଅନୁଗୋଳ ସହରର ଡିଆଇସି ଛକରେ ଥିବା 'ସୌଜନ୍ୟ' ନାମକ ଏକ ଜୋତା ଦୋକାନରେ ଦେହ ବେପାର ଚାଲିଥିବା ନେଇ ପୋଲିସକୁ ଖବର ମିଳିଥିଲା । ଏହି ସୂଚନା ଆଧାରରେ ପୋଲିସ ସନ୍ଧ୍ୟା ସମୟରେ ଉକ୍ତ ଦୋକାନରେ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ଦୋକାନ ଭିତରେ ଥିବା ଏକ କୋଠରିରୁ ଜଣେ ମହିଳା ଓ ଜଣେ ଗ୍ରାହକଙ୍କୁ ପୋଲିସ ଉଦ୍ଧାର କରିଥିବା ଜଣାପଡ଼ିଛି । ପ୍ରାଥମିକ ତଦନ୍ତରୁ ଦୋକାନର ମାଲିକାଣି ଉକ୍ତ କୋଠରିରେ ଏହି କାରବାର ଚଳାଉଥିବା ଅଭିଯୋଗ ହୋଇଛି ।ଏହି ଘଟଣାରେ ରାଇଝରଣ ଗାଁର କୁନା ସାହୁ ଏବଂ କାମାକ୍ଷାନଗର ଅଞ୍ଚଳର ଦୋକାନ ମାଲିକାଣି ଉପମା ସାହୁଙ୍କୁ ପୋଲିସ ଗିରଫ କରି ପଚରାଉଚରା କରୁଥିବା ସୂଚନା ମିଳିଛି । ଉଦ୍ଧାର ହୋଇଥିବା ମହିଳାଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜଣାପଡ଼ିନାହିଁ ।ତେବେ ସହର ମଧ୍ୟରେ ଏଭଳି ଏକ ଜନଗହଳି ଅଞ୍ଚଳରେ ଏଭଳି ଘଟଣା ଚାଲିଥିବା ଜଣା ପଡିବା ପରେ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ପାରାଦୀପ ବନ୍ଦର ତରଫରୁ ସତର୍କତା ସଚେତନତା ସପ୍ତାହ ପାଳନ




ପାରାଦୀପ,(ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ସଚ୍ଚୋଟତା, ସ୍ୱଚ୍ଛତା, ଦୁର୍ନୀତି ବିରୋଧରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ 'ସଚ୍ଚୋଟତା ପାଇଁ ପଦଯାତ୍ରା', ସତର୍କତା ରଥ ଓ ପଥପ୍ରାନ୍ତ ନାଟକ ଭଳି ବିଭିନ୍ନ ଜନସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପାରାଦୀପ ବନ୍ଦର ଅଧକ୍ଷ ଶ୍ରୀ ସୁଶାନ୍ତ କୁମାର ପୁରୋହିତ ଓ ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ଆର୍. ଏନ୍. ଅବନିକାନ୍ତ ପରିଡ଼ାଙ୍କ ଭିଡିଓ ବାର୍ତ୍ତାକୁ ନେଇ ସତର୍କତା ରଥ ସହ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ଏହି ପଦଯାତ୍ରା ପାରାଦୀପ ବସ୍ ଷ୍ଟାଣ୍ଡ ନିକଟସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରୁ ଆରମ୍ଭ ହୋଇ ଅଫିସର୍ସ କ୍ଲବ୍ ଓ ଟାଉନସିପ୍ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ପିପିଏର ଅଧିକାରୀ ଓ କର୍ମଚାରୀ, ସିଆଇଏସ୍ଏଫ୍ ଯବାନ, ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ଅଂଶଗ୍ରହଣ କରିଥିଲେ । ପଦଯାତ୍ରାରେ ସାମିଲ ହୋଇ ସମସ୍ତେ ନୈତିକ ଆଚରଣ, ସ୍ୱଚ୍ଛତା ଏବଂ ଦୁର୍ନୀତି ବିରୋଧୀ ଲଢ଼େଇରେ ସାମୂହିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରଚାର କରିଥିଲେ । ଏହି ଜନସଚେତନତା କାର୍ଯ୍ୟକ୍ରମର ଅଂଶସ୍ୱରୂପ ସାଂସ୍କୃତିକ ଅନୁଷ୍ଠାନ 'କାନମାସ୍' ପକ୍ଷରୁ ପ୍ରସ୍ତୁତ ପଥପ୍ରାନ୍ତ ନାଟକ 'ଏପଟ ଦେଖ୍, ସେପଟ ଦେଖ୍' ବସ୍ ଷ୍ଟାଣ୍ଡ ନିକଟ ଏବଂ କବରଖାନା ବଜାରଠାରେ ପରିବେଷଣ କରାଯାଇଥିଲା । ଆକର୍ଷଣୀୟ ନାଟକ ମାଧ୍ୟମରେ କଳାକାରମାନେ ଦୁର୍ନୀତିର କୁପରିଣାମକୁ ସାମ୍ନାକୁ ଆଣିବା ସହ ନୈତିକ ଆଚରଣ, ଉତ୍ତରଦାୟିତ୍ୱ ଏବଂ ଦୁର୍ନୀତି ନିବାରଣରେ ସାମୂହିକ ପ୍ରୟାସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ନୀତିମୁକ୍ତ ସମାଜ ଗଠନ ଦିଗରେ ସାମୂହିକ ଦାୟିତ୍ୱବୋଧକୁ ଉତ୍ସାହିତ କରିବା ପାଇଁ ପିପିଏ ନିରନ୍ତର ପ୍ରୟାସ ଜାରି ରଖିଛି ପାରାଦୀପ ବନ୍ଦର ପ୍ରାଧିକରଣ ।

## ମା' ପେଣ୍ଡରାଣୀ ମନ୍ଦିରରେ ଚୋରି, ଦାନ ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ୍



ଉମରକୋଟ, (ମହାଭାରତ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଦିନକୁ ଦିନ ଚୋରି ଓ ଡକାୟତି ଭଳି ଅପରାଧ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । ଏବେ ଚୋରଙ୍କ ନଜରରୁ ବାଦ୍ ପଡ଼ିନାହିଁ ମନ୍ଦିର ମଧ୍ୟ । ସହରର ପ୍ରସିଦ୍ଧ ଅଧିଷ୍ଠାତ୍ରୀ ଦେବୀ ମା' ପେଣ୍ଡରାଣୀଙ୍କ ମନ୍ଦିରରେ ଗତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି । ମନ୍ଦିରର ଦାନ ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ସେଥିରେ ଥିବା ଟଙ୍କା ଲୁଟି ନେଇଛନ୍ତି । ପୂର୍ବରୁ ମଧ୍ୟ ଏହି ମନ୍ଦିରରେ ଦୁଇଥର ଚୋରି ହୋଇଥିବା ମନ୍ଦିର କମିଟି ସଦସ୍ୟ କହିଛନ୍ତି । ଘଟଣାସ୍ଥଳରେ ଉମରକୋଟ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଉମରକୋଟ ସହରର ଆରାଧ୍ୟ ଦେବୀ ମା' ପେଣ୍ଡରାଣୀଙ୍କ ମନ୍ଦିରରେ ଚୋରି ଘଟଣାକୁ ନେଇ ଭକ୍ତ ଓ ମନ୍ଦିର କମିଟି ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଗତ ରାତିରେ ଦୁର୍ବୃତ୍ତମାନେ ମନ୍ଦିରର ଦାନ ହୁଣ୍ଡି ଭାଙ୍ଗି ସେଥିରେ ଥିବା ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ହୁଣ୍ଡିରେ କେତେ ଟଙ୍କା ଥିଲା ଏବଂ ଅନ୍ୟ କୌଣସି ସାମଗ୍ରୀ ଚୋରି ହୋଇଛି କି ନାହିଁ, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ । ମନ୍ଦିର କମିଟି ସଦସ୍ୟଙ୍କ କହିବା ଅନୁଯାୟୀ, ପୂର୍ବରୁ ମଧ୍ୟ ମା'ଙ୍କ ମନ୍ଦିରରେ ଦୁଇଥର ଚୋରି ହୋଇଥିଲା । ତେବେ ସେହି ଘଟଣାଗୁଡ଼ିକରେ ଚୋରି ସାମଗ୍ରୀ ଉଦ୍ଧାର ହୋଇନଥିବା ସେମାନେ ଅଭିଯୋଗ କରିଛନ୍ତି । ମନ୍ଦିରର ମୁଖ୍ୟ ଫାଟକରେ ତାଲା ପଡ଼ିଥିଲେ ମଧ୍ୟ ପାଚେରିର ଅନ୍ୟ ପାର୍ଶ୍ୱ ଦେଇ ଦୁର୍ବୃତ୍ତମାନେ ମନ୍ଦିର ପରିସରକୁ ପ୍ରବେଶ କରୁଥିବା ଅଭିଯୋଗ ହୋଇଛି । ଏପରିକି ମନ୍ଦିର ପରିସର ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟୁଥିବା ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଇଛି । ମନ୍ଦିରରେ ସିସିଟିଭି କ୍ୟାମେରାର ବ୍ୟବସ୍ଥା ନଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି । ଖବର ପାଇ ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଚୋରିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ସହ ଚୋରି ଟଙ୍କା ଉଦ୍ଧାର କରିବା ପୋଲିସ ପାଇଁ ଏବେ ଚ୍ୟାଲେଞ୍ଜ ହୋଇଛି । ମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ସିସିଟିଭି କ୍ୟାମେରା ସ୍ଥାପନ ପାଇଁ ଦାବି ଉଠିଛି ।

## 'ଅର୍ଣ୍ଣବ' ବାତ୍ୟା ଓ ପ୍ରବଳ ବର୍ଷାର ମୁକାବିଲା ପାଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ

ଗଜପତି, (ମହାଭାରତ): ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଆଜି ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଆଜି ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ବାତ୍ୟାକୁ ନେଇ ଅବଗତ କରାଇଥିଲେ । ଜିଲ୍ଲା ନୋଡାଲ ଅଧିକାରୀ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ଦାଶ ଉପସ୍ଥିତ ଥିଲେ । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା କାଲି ୨୮ ଓ ୨୯ ତାରିଖରେ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବାତ୍ୟାର ଗତିପଥ ଓ ପ୍ରଭାବ, ଝଡ଼ତୋଫାନ, ଭୂସ୍ଖଳନ ପ୍ରବଣ ଅଞ୍ଚଳର ସ୍ଥିତି, ଜଳ ନିଷ୍କାସନ ବ୍ୟବସ୍ଥା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ସହ ଜରୁରୀକାଳୀନ ସେବାର ପ୍ରସ୍ତୁତି ସମ୍ପର୍କରେ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଜିଲ୍ଲା, ବ୍ଲକ୍ ଓ ତହସିଲ ସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରଖିବା ସହ ଅକ୍ଟୋବର ୨୯ ତାରିଖ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟାଳୟ ନଛାଡ଼ିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆବଶ୍ୟକ ସ୍ଥଳେ ତୁରନ୍ତ ମୁତୟନ ପାଇଁ ଏନ୍ଡିଆର୍ଏଫ୍ ଓ ଅଗ୍ନିଶମ ବାହିନୀକୁ ପ୍ରସ୍ତୁତ ରହିବାକୁ କୁହାଯାଇଥିଲା । ଜିଲ୍ଲାର ସାତଟି ବ୍ଲକ୍‌ରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ୨୪ ଘଣ୍ଟିଆ ବିଦ୍ୟୁତ୍ ଓ ଜେନେରେଟର ବ୍ୟବସ୍ଥା, ପାନୀୟ ଜଳ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଭୂସ୍ଖଳନ ପ୍ରବଣ ଅଞ୍ଚଳ, ପାହାଡ଼ତଳେ ରହୁଥିବା ପରିବାର, ତଳିଆ ଅଞ୍ଚଳ ଏବଂ ଦୁର୍ବଳ କିମ୍ବା କଚ୍ଚା ଘରେ ବସବାସ କରୁଥିବା ଲୋକଙ୍କୁ ଆବଶ୍ୟକ ସ୍ଥଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ରନ୍ଧା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ଆଜି ସନ୍ଧ୍ୟା ସୁଦ୍ଧା ଜିଲ୍ଲାରେ ୨୮୧ ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡ଼ିକରେ ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ରଖାଯାଇଛି । ଏଥିସହ ଜିଲ୍ଲାର ୨୧୦ ଜଣ ଗର୍ଭବତୀ ମହିଳାଙ୍କୁ ଆବଶ୍ୟକତା ଅନୁଯାୟୀ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ମା' ଗୃହକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଚୁଡ଼ା, ଗୁଡ଼, ଚିନି, ମହମବତୀ, କିରୋସିନ, ଔଷଧ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ଯଥେଷ୍ଟ ପରିମାଣରେ ଗଚ୍ଛିତ ରଖିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା । ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଏକ ଟିମ୍ ଭାବେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରବଳ ବର୍ଷା ସମୟରେ ଜନସାଧାରଣ ଅନାବଶ୍ୟକ ଭାବେ ଘରୁ ବାହାରକୁ ନଯିବା ଏବଂ ନଦୀ, ନାଳ ଓ ଅନ୍ୟାନ୍ୟ ଜଳାଶୟ ନିକଟକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା । ଏଥିସହ ବ୍ଲକ୍, ଗ୍ରାମପଞ୍ଚାୟତ ଓ ଗ୍ରାମସ୍ତରରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ କୁହାଯାଇଥିଲା । କୌଣସି ବ୍ୟକ୍ତିଙ୍କ ଧନ, ଜୀବନ ଓ ସମ୍ପତ୍ତିର କୌଣସି କ୍ଷତି ନ ହୁଏ । ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଅନ୍ତୁ ଏବଂ କୌଣସି ଅଘଟଣ ଘଟିବାର ଆଶଙ୍କା ଥିଲେ ତୁରନ୍ତ ଉପଯୁକ୍ତ ଜିଲ୍ଲା ପ୍ରଶାସନର ସହାୟତା ନିଅନ୍ତୁ । ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି କେ.ନାଗାରାଜୁ, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ଓ ମୁନିନ୍ଦ୍ର ହୋନନାଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ସୁଶ୍ରୀ ଭାଗବତ ସାମଲ କଲ୍ୟାଣରାଓ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ବିନାୟକ ରାଉଳଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ଓ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଆଭାସୀ ବୈଠକରେ ଯୋଗଦେଇଥିଲେ ।

# ଜିଲ୍ଲାପାଳଙ୍କ ଅଫିସ ଆଗରେ ଦେଓଗାଁବାସୀଙ୍କ ଆମରଣ ଅନଶନ



**ଦେଓଗାଁ – ଭାଲିଆଡ଼ିହି ରାସ୍ତାରେ ୧୪୪ ଧାରା ଜାରି**
**ରାସ୍ତାକାମ କରେଇ ନଦେବାକୁ ଭାଲିଆଡିହି ଗ୍ରାମବାସୀଙ୍କ ଚେତାବନୀ, ପ୍ରଶାସନ ନାକେଦମ**

ଓଡ଼ଗାଁ, (ମହାଭାରତ): ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ଦେଓଗାଁ ଗ୍ରାମବାସୀ ପୂର୍ତ୍ତବିଭାଗ ରାସ୍ତା ସରକାରୀ ନକ୍ସା ଅନୁଯାୟୀ ସମ୍ପୂର୍ଣ୍ଣ କରିବା ଦାବିରେ ନୟାଗଡ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଆଗରେ ୨୩ ଦିନ ଧରି ଗଣଧାରଣାରେ ବସିଥିବାବେଳେ ଆଜିଠାରୁ ଦେଓଗାଁର ୩ଜଣ ବ୍ୟକ୍ତି ଜିଲ୍ଲାପାଳଙ୍କ ଅଫିସ ଆଗରେ ଆମରଣ ଅନଶନରେ ବସିବା ପ୍ରଶାସନକୁ ଅଡୁଆରେ ପକାଇଛି । ଦେଓଗାଁ ଆଜି ଜିଲ୍ଲାପାଳଙ୍କ ଅଫିସ ଆଗରେ ଆମରଣ ଅନଶନରେ ବସି ଥିବାବେଳେ ଜଟିଳ ପରିସ୍ଥିତି ଉପୁଜିବାରୁ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି ।ଉପ ଜିଲ୍ଲାପାଳଙ୍କ ଚିଠି ସଂଖ୍ୟା ୩୨୩୩ ଅନୁଯାୟୀ ଦେଓଗାଁ – ଭାଲିଆଡ଼ିହି ଗ୍ରାମରେ ୧୪୪ ଧାରା ଜାରି ହୋଇଛି ।ଏହି ସମୟରେ ଉଭୟ ଗାଁର ଗ୍ରାମବାସୀ ତଥା ସାଧାରଣ ବ୍ୟକ୍ତି ରଙ୍ଗଣୀପାଟଣା ସୁନାମୁହିଁ ଭାୟା କୁରାଳ ରାସ୍ତାର ୩.୮୩୦ ଠାରୁ ୪. ୧୮୦ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ନିର୍ମାଣକୁ ନେଇ ଉପୁଜିଥିବା ବିବାଦ ଦୃଷ୍ଟିରୁ ନିଶେଷଧାଦେଶ ଜାରି କରାଯାଇଛି ।ଉକ୍ତ ରାସ୍ତା ନିର୍ମାଣ ଅଞ୍ଚଳ ଓ ଏହାର ଆଖପାଖ ସ୍ଥାନରେ ୫ଜଣ କିମ୍ବା ଅଧିକ ବ୍ୟକ୍ତି ରୁଣ୍ଡ ହେବେନାହିଁ କିମ୍ବା ସାଧାରଣସଭା ଓ ଜନ ସମାଗମକୁ ନିଷିଦ୍ଧ କରାଯାଇଛି । ଏହାସହିତ ଉଭୟ ଗାଁର କେ ?ଣସି ଗ୍ରାମବାସୀ ରାସ୍ତା ନିର୍ମାଣ ଚାଲିଥିବା ଅଞ୍ଚଳରେ ରାସ୍ତା ସଂପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଦଳବଦ୍ଧ ଭାବେ ପ୍ରବେଶ କରିବେ ନାହିଁ ।ଏହି କଟକଣାକୁ ରାଜସ୍ୱ ବିଭାଗ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ,କାର୍ଯ୍ୟକାରୀ ସଂସ୍ଥା, ଠିକାଦାର ଏବଂ ପୁଲିସ କର୍ମଚାରୀଙ୍କୁ ବାଦ ଦିଆଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ।ଯଦି ଏହାକୁ କେହି ଅମାନ୍ୟକରେ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଛି । ପ୍ରଶାସନ ଉଭୟ ଗାଁ ସୀମାନ୍ତରେ ଥିବା ରାସ୍ତାରେ ପହଞ୍ଚି ପ୍ରଚାର କରୁଥିବା ବେଳେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା ।ଭାଲିଆଡ଼ିହି ଗ୍ରାମର ଶତାଧିକ ମହିଳା,ପୁରୁଷ ପହଞ୍ଚି ବିରୋଧ କରିଥିଲେ ଓ ରାସ୍ତା କରାଇନଦେବାକୁ ଚେତାବନୀ ଦେଇଥିଲେ ।ଏପଟେ ରାସ୍ତାନିର୍ମାଣ ଶେଷହେବା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଆଗରେ ଗଣଧାରଣା ଓ ଜିଲ୍ଲାପାଳଙ୍କ ଅଫିସ ଆଗରେ ଆମରଣ ଅନଶନ ଚାଲୁରହିବବୋଲି ଦେଓଗାଁ ଗ୍ରାମବାସୀ କହିଛନ୍ତି । ଏଥିରେ ଓଡ଼ଗାଁ ତହସିଲଦାର ଡ଼. ମାନସ ରଞ୍ଜନ ଭୋଇ,ଅତିରିକ୍ତ ତହସିଲଦାର ଜିନୁଶ୍ରୀ,ଶରଣକୁଳ ଏସଡ଼ିପିଓ ଦିପ୍ତିକାନ୍ତ ପ୍ରଧାନ, ଆଇଆଇସି ସତ୍ୟନାରାୟଣ ବାରିକ, ସବ ଇନ୍ସପେକ୍ଟର ଚକ୍ରଧର ସିଂହ ଓ ପୁଲିସ ଫୋର୍ସ ସାମିଲ ଥିଲେ । ଘଟଣାରେ ତହସିଲଦାର ଡ଼.ଭୋଇ ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଉଭୟ ଗାଁ ରାସ୍ତାରେ ୧୪୪ ଧାରା ଜାରି କରାଯାଇଥିବା ସୂଚନା ଦେଇଛନ୍ତି ।

# ଭିମାଟିକରା ଅଙ୍ଗନୱାଡ଼ି କେନ୍ଦ୍ରର ଦୁରାବସ୍ଥା

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣୁନାହାନ୍ତି କର୍ତ୍ତୃପକ୍ଷ !



ରାଇଘର (ମହାଭାରତ): ଯେଉଁଠି କୁନି କୁନି ପିଲାଙ୍କ ହସରେ ଗୁଞ୍ଜରିତ ହେବା କଥା, ସେଠି ଆଜି ଦେଖାଦେଇଛି ଅବହେଳାର ଚିତ୍ର । ଶିଶୁଙ୍କ ଭବିଷ୍ୟତ ଗଢ଼ିବାର ପ୍ରଥମ ପାହାଚ ଅଙ୍ଗନୱାଡ଼ି କେନ୍ଦ୍ର ଯଦି ନିଜେ ଜରାଜୀର୍ଣ୍ଣ ଅବସ୍ଥାରେ ରହିବ, ତେବେ କୋମଳମତି ଶିଶୁଙ୍କ ସୁରକ୍ଷା ଓ ଶିକ୍ଷାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ ।ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ମୁଣ୍ଡିବେଢ଼ା ପଞ୍ଚାୟତର ଭିମାଟିକରା ଗାଁ ଅଙ୍ଗନୱାଡ଼ି କେନ୍ଦ୍ରର ଦୟନୀୟ ଅବସ୍ଥାକୁ ନେଇ ଗ୍ରାମବାସୀ ଚିନ୍ତା ପ୍ରକାଶ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦ୍ରର ଅବସ୍ଥା ସୁଧାରିବା ପାଇଁ ବାରମ୍ବାର ଜଣାଇଥିଲେ ମଧ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ।ନିଜ ପିଲାଙ୍କୁ ଭଲ ପରିବେଶରେ ଶିକ୍ଷା ଦେବା ପ୍ରତ୍ୟେକ ଅଭିଭାବକଙ୍କ ସ୍ୱପ୍ନ । କିନ୍ତୁ କେନ୍ଦ୍ରର ଏଭଳି ଅବସ୍ଥା ଦେଖି ସେମାନେ ନିଜ ପିଲାଙ୍କୁ କିପରି ନିର୍ଭୟରେ ପ୍ରାକ୍ ?ଶିକ୍ଷା ପାଇଁ ଛାଡ଼ିବେ, ତାହା ଏବେ ବଡ଼ ପ୍ରଶ୍ନ । ଶିଶୁଙ୍କ ସୁରକ୍ଷା, ପୋଷଣ ଓ ଶିକ୍ଷା ସହ ଜଡ଼ିତ ଏହି କେନ୍ଦ୍ରର ଭିତ୍ତିଭୂମିକୁ ଅଣଦେଖା କରିବା ଆଦୌ ଉଚିତ ନୁହେଁ ।ଅଭିଯୋଗ ପରେ ମଧ୍ୟ ଯଦି ସମସ୍ୟାର ସମାଧାନ ନହୁଏ, ତେବେ ଗ୍ରାମବାସୀ ଆଉ କାହା ପାଖରେ ଗୁହାରି କରିବେ ସମ୍ପୃକ୍ତ ବିଭାଗ ତୁରନ୍ତ କେନ୍ଦ୍ରର ସ୍ଥିତି ଯାଞ୍ଚ କରି ଆବଶ୍ୟକ ମରାମତି ଓ ଉନ୍ନତିକରଣ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି । କାରଣ, ଶିଶୁଙ୍କ ଭବିଷ୍ୟତ ସହ ଖେଳିବାର ଅଧିକାର କାହାରି ନାହିଁ ।

## ବାତ୍ୟା ଅର୍ଣ୍ଣବ ର ପ୍ରଭାବ, କାନ୍ଥ ପଡି ମହିଳାଙ୍କ ମୃତ୍ୟୁ

ଅସ୍ତରଙ୍ଗ(ମହାଭାରତ): ବଙ୍ଗୋପସାଗର ରେ ସୃଷ୍ଟି ଲଘୁଚାପ ଅବପାତ ର ରୂପ ନେବା ପରେ ଦକ୍ଷିଣ ଓଡିଶା କୁ ବାତ୍ୟା ପାଇଁ ରେଡ ଆଲର୍ଟ ଜାରୀ କରିଛି କିନ୍ତୁ ଏହାର ପ୍ରଭାବ ପୁରୀ ଜିଲ୍ଲା କୁ ରହିଥିବାରୁ ଜିଲ୍ଲା ପ୍ରଶାସନ ଆଜି ଅସ୍ତରଙ୍ଗ କୁ ଆଲର୍ଟ କରିଛି, ଆଜି ବାତ୍ୟା ଅର୍ଣ୍ଣବ ର ପ୍ରଭାବ ରେ ସକାଳୁ କଳା ବାଦଲ ଢାଙ୍କିବା ସହ ତୁହାକୁ ତୁହା ବର୍ଷା ଅସ୍ତରଙ୍ଗ ଉପକୂଳ ଅଞ୍ଚଳ ରେ ଆରମ୍ଭ ହୋଇଛି, ଏହି ପରିସ୍ଥିତି ରେ ଅସ୍ତରଙ୍ଗ ବ୍ଲକ ସରିପୁର ପଞ୍ଚାୟତ ଜେନାପୁର ଗ୍ରାମ ରେ ଜଣେ ଦିନ ମଜୁରିଆ ମହିଳା ଙ୍କ ଉପରେ ପାଞ୍ଚ ଇଞ୍ଚିଆ କାନ୍ଥ ପଡିଛି, ସୂଚନା ମୁତାବକ ଜେନାପୁର ଗ୍ରାମ ର ପ୍ରଶାନ୍ତ ମୁଦୁଲୀ ଙ୍କ ୪୧ ବର୍ଷୀୟା ଧର୍ମପତ୍ନୀ ଲୋଭାବତୀ ମୁଦୁଲୀ ନିଜ ପିଲା ମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଥିବା ସମୟ ରେ ତାଙ୍କ ରୋଷେଇ ଘର ପାଞ୍ଚ ଇଞ୍ଚିଆ କାନ୍ଥ ଲଗାଣ ବର୍ଷା କାରଣ ରୁ ଭୁଶୁଡି ପଡିଥିଲା ଆଉ ତାଙ୍କ ଉପରେ କାନ୍ଥ ପଡି ସେ ଗୁରୁତ୍ୱର ହୋଇଥିଲେ, ଗୁରୁତ୍ୱର ଅବସ୍ଥା ରେ ତାଙ୍କୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ନିଆଯାଇଥିଲା ପରେ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା ମାତ୍ର ସେଠି ସ୍ୱାସ୍ଥ୍ୟ ଅବସ୍ଥା ରେ ପରିବର୍ତ୍ତନ ନେହେବାରୁ ଶେଷ ରେ ମହିଳା ଶେଷନିଶ୍ୱାସ ତ୍ୟାଗ କରିଥିଲେ, ତାଙ୍କ ର ଦୁଇ ଗୋଟି ଝିଅ ଓ ଗୋଟେ ପୁଅ, ତାଙ୍କ ସ୍ୱାମୀ ପ୍ରଶାନ୍ତ ଜଣେ ଦିନ ମଜୁରିଆ ଓ ଉଭୟ ଦମ୍ପତି ଦିନ ମଜୁରିଆ ଭାବେ କାମ କରି ନିଜ ପରିବାର ର ଗୁଜୁରାଣ ମେଣ୍ଟାଉଥିଲେ, ଏହି ଘଟଣା ଘଟିବା ପରେ ସମ୍ପୂର୍ଣ୍ଣ ଅସ୍ତରଙ୍ଗ ଅଞ୍ଚଳ ରେ ଶୋକ ର ଛାୟା ଖେଳିଯାଇଛି ଓ ବରିଷ୍ଠ ବୁଦ୍ଧିଜୀବୀ ମାନେ ଉକ୍ତ ପରିବାର କୁ ସରକାରୀ ସହାୟତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି ।

## ବାତ୍ୟା ଯୋଗୁଁ ଚିଲିକା ଓ ସମୁଦ୍ରରେ ଡଙ୍ଗା ଚଳାଚଳ ଓ ମାଛଧରା ବନ୍ଦ



କୃଷ୍ଣପ୍ରସାଦ (ମହାଭାରତ ):ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଅକ୍ଟୋବର ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ଚିଲିକା ଓ ସମୁଦ୍ରରେ ଡଙ୍ଗା ଚଳାଚଳ ଏବଂ ମାଛଧରା ଉପରେ କଡ଼ା କଟକଣା ଲଗାଯାଇଛି ସୁରକ୍ଷା ଦୃଷ୍ଟିରୁ ମତ୍ସ୍ୟଜୀବୀମାନେ ନିଜ ନିଜ ଡଙ୍ଗା, ମେସିନ୍ ଓ ଜାଲକୁ ସୁରକ୍ଷିତ ସ୍ଥାନକୁ ହଟାଇ ନେଇଛନ୍ତି । ଅନ୍ୟପକ୍ଷରେ, ଅରଖକୁଦା ଥାନା ଅଧିକାରୀ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ପୁଲିସ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଉପକୂଳବର୍ତ୍ତୀ ଓ ତଳିଆ ଅଞ୍ଚଳର ଲୋକଙ୍କୁ ସଚେତନ କରାଯାଉଛି । କଚ୍ଚା ଘରେ ରହୁଥିବା ଲୋକଙ୍କୁ ତୁରନ୍ତ ବାତ୍ୟା ଆଶ୍ରୟସ୍ଥଳୀ ଓ ସ୍କୁଲ ଘରକୁ ଯିବା ପାଇଁ ଅନୁରୋଧ କରାଯାଇଛି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ସଫେଇ ଓ ରହିବା ବ୍ୟବସ୍ଥାର ତଦାରଖ ଚାଲିଛି ଅରଖକୁଦା, ସାନପାଟଣା, ସିପକୁଦା, ଗଙ୍ଗାଧରପୁର, ଆଳୁପାଟଣା, ମିରିଜାପୁର, ଗବକୁଣ୍ଡ ଓ ସାତପଡ଼ା ଆଦି ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ପ୍ରଶାସନିକ ପ୍ରସ୍ତୁତି କଡ଼ାକଡ଼ି କରାଯାଇଛି ।

## ସମ୍ଭାବ୍ୟ ବାତ୍ୟା ଓ ଝଡ଼ବର୍ଷା ଆଶଙ୍କା: ମୁଣ୍ଡରେ ହାତ ଦେଲେଣି ଚାଷୀ

ଗଣିଆ, (ମହାଭାରତ):ସମ୍ଭାବ୍ୟ ଝଡ଼ତୋଫାନ ଓ ବର୍ଷା ସତର୍କତାକୁ ନେଇ ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ତଥା ଏହାର ଆଖପାଖ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି । ପାଣିପାଗ ବିଭାଗ ପକ୍ଷରୁ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାର ପୂର୍ବାନୁମାନ ମିଳିବା ପରେ ଚାଷୀ କୂଳ ମୁଣ୍ଡରେ ହାତ ଦେଇ ବସିଛନ୍ତି । ବିଶେଷ କରି ଚଳିତ ଖରିଫ ଋତୁରେ କ୍ଷେତରେ ଧାନ ଫସଲ ପାଚି ଆସୁଥିବା ବେଳେ ଏବଂ କେତେକ ସ୍ଥାନରେ ଅମଳ ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ଏହି ପ୍ରାକୃତିକ ବିପର୍ଯ୍ୟୟ ଆଶଙ୍କା ଚାଷୀଙ୍କ ନିଦ ହଜାଇ ଦେଇଛି । ଗଣିଆ ବ୍ଲକର ବିଭିନ୍ନ ପଞ୍ଚାୟତ ଯଥା ବଡ଼ମୂଳ, ଛାମୁଣ୍ଡିଆ, ରସଙ୍ଗ, କିଶୋରପ୍ରସାଦ ଆଦି ଅଞ୍ଚଳରେ ବହୁ ଚାଷୀ ଋଣକରି ଧାନ ଓ ପନିପରିବା ଚାଷ କରିଛନ୍ତି । କ୍ଷେତରେ ଏବେ ଧାନ ଫସଲ ଭଲ ସ୍ଥିତିରେ ଥିବା ବେଳେ ଅଦିନିଆ ଝଡ଼ତୋଫାନ ଓ ଲଗାଣ ବର୍ଷା ହେଲେ ଧାନ ଗଛ ନଇଁପଡ଼ି ପାଣିରେ ବୁଡ଼ି ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏହା ସହିତ ମହାନଦୀ ଅବବାହିକା ନିକଟବର୍ତ୍ତୀ ଜମିଗୁଡ଼ିକରେ ବର୍ଷା ପାଣି ଜମି ରହିଲେ ପଚନ ରୋଗ ବ୍ୟାପିବା ସହ ଅମଳ ସମ୍ପୂର୍ଣ୍ଣ ପ୍ରଭାବିତ ହେବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି । ଅନ୍ୟପଟେ ଯେଉଁ ଚାଷୀମାନେ ଧାନ କାଟିବା ଆରମ୍ଭ କରିଥିଲେ, ସେମାନେ ଏବେ କ୍ଷେତରୁ ଫସଲ କାଟି ଖଳା ଓ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ତତ୍ପରତା ପ୍ରକାଶ କରୁଛନ୍ତି । ମାତ୍ର କୃଷି ଶ୍ରମିକଙ୍କ ଅଭାବ ଏବଂ ହଠାତ୍ ପାଗ ବଦଳିବା କାରଣରୁ ସବୁ ଫସଲ ସୁରକ୍ଷିତ କରିବା କଷ୍ଟକର ହୋଇପଡ଼ିଛି । ପ୍ରଶାସନ ତଥା ସ୍ଥାନୀୟ କୃଷି ବିଭାଗ ପକ୍ଷରୁ ତୁରନ୍ତ ଚାଷୀମାନଙ୍କୁ ଆବଶ୍ୟକୀୟ ପରାମର୍ଶ, କ୍ଷେତରୁ ପାଣି ନିଷ୍କାସନ ବ୍ୟବସ୍ଥା ଏବଂ କଟା ଫସଲ ଘୋଡ଼ାଇ ରଖିବା ପାଇଁ ପଲିଥିନ ବଣ୍ଟନ ଭଳି ଜରୁରୀ ପଦକ୍ଷେପ ନେବାକୁ ସ୍ଥାନୀୟ କୃଷକ ଓ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ଭାଜପାର 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ପ୍ରମୁଖ ନାଗରିକ ସମ୍ମିଳନି

ଉମରକୋଟ (ମହାଭାରତ) ସୋମବାର ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ଏକ ପ୍ରମୁଖ ନାଗରିକ ସମ୍ମିଳନିର ଆୟଜନ ହଟେଲ ଏସ୍ ଏସ୍ ଠାରେ ଆୟଜିତ କରାଯାଇଥିଲା । 'ଗଣତନ୍ତ୍ର ବଞ୍ଚାଅ,ଅରାଜକତା ହଟାଅ' ହେଉଛି ଭାଜପା ଦ୍ୱାରା ଆୟଜିତ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଏବଂ ସଚେତନତା ଅଭିଯାନ,ଗଣତନ୍ତ୍ର ରକ୍ଷା ଜନସ୍ୱାର୍ଥର ରକ୍ଷା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଓଡିଶାର ବିଭିନ୍ନ ଜିଲ୍ଲା କାର୍ଯ୍ୟାଳୟ ଏବଂ ସ୍ଥାନିୟ ସଭାଗୃହ ମାନଙ୍କରେ କରାଯାଉଅଛି ସେହିପରି ଆଜି ଉମରକୋଟ ହଟେଲ ଏସ୍ ଏସ୍ ଠାରେ ବିଭିନ୍ନ ବୁଦ୍ଧି ଜୀବିଙ୍କୁ ନେଇ ଏହି କାର୍ଯ୍ୟକ୍ରମର ଆୟଜନ କରାଯାଇଥିଲା ଏଥିରେ ମୁଖ୍ୟ ବକ୍ତା ଭାବେ ସଂଘ ବିଚାରକ ଡ:ହିମାଂଶୁ ମିଶ୍ର ଓ ବରିଷ୍ଠ ଶିକ୍ଷାବିତ ପ୍ରଦୀପ ମିଶ୍ର ବିଷୟ ବସ୍ତୁ ଉପେର ଆଲୋକପାତ କରିଥିଲେ । ଗଣତନ୍ତ୍ର ସୁରକ୍ଷା ଜନସାଧାରଣଙ୍କ ଅଧିକାରର ସୁରକ୍ଷା ଏବଂ ଏକ ସୁଦୃଢ଼ ଓ ଶୃଙ୍ଖଳିତ ସମାଜ ଗଠନ କରିବା ଏହାର ସଂକଳ୍ପ ବଲି ବାର୍ତ୍ତା ଦେଇଥିଲେ, ଗଣତନ୍ତ୍ରର ମର୍ଯ୍ୟଦା ରକ୍ଷାକରିବା, ଅରାଜକତା ବିରୁଦ୍ଧରେ ସ୍ୱର ଉଠେଇବା ରାଷ୍ଟ୍ର ହିତରେ ନିଜର କର୍ତ୍ତବ୍ୟ ପାଳନ କରିବା ପାଇଁ ଜନସଚେତନ କରେଇଥିଲେ ।

## ମୋହନଗିରି ମା' ଡୋକରୀ ଦେବୀଙ୍କ ପୀଠରେ ଦଶହରା ଉତ୍ସବ ସମ୍ପନ୍ନ

ଥୁଆମୂଳ ରାମପୁର,(ମହାଭାରତ) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ନାକୁରୁଣ୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମୋହନଗିରିସ୍ଥିତ ମା' ଡୋକରୀ ଦେବୀଙ୍କ ପୀଠରେ ପାରମ୍ପରିକ ରୀତିନୀତି ଓ ଧାର୍ମିକ ଶ୍ରଦ୍ଧାର ସହ ଦଶହରା ଉତ୍ସବ ସମ୍ପନ୍ନ ହୋଇଯାଇଛି । ଏହି ପ୍ରାଚୀନ ପୀଠରେ ମା'ଙ୍କ ଦର୍ଶନ ଓ ଆଶୀର୍ବାଦ ଲାଭ ପାଇଁ କଳାହାଣ୍ଡି ଜିଲ୍ଲା ସମେତ ପଡ଼ୋଶୀ ରାୟଗଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶହଶହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସ୍ଥାନୀୟ ପରମ୍ପରା ଓ ଜନଶ୍ରୁତି ଅନୁସାରେ, ପ୍ରାୟ ୫୦୦ ବର୍ଷରୁ ଊର୍ଦ୍ଧ୍ୱ ପୂର୍ବେ ମା' ଡୋକରୀ ଦେବୀଙ୍କ ଏହି ପୀଠ ସ୍ଥାପିତ ହୋଇଥିବା ବିଶ୍ୱାସ କରାଯାଏ । ପୁରାତନ କର୍ଲାପାଟ ଜମିଦାରୀ ଶାସନ ସହ ଏହି ପୀଠର ଐତିହାସିକ ସମ୍ପର୍କ ରହିଛି । ପିଢ଼ି ପରେ ପିଢ଼ି କର୍ଲାପାଟ ଜମିଦାର ପରିବାର ପକ୍ଷରୁ ମା'ଙ୍କ ପୂଜାର୍ଚ୍ଚନା ପାରମ୍ପରିକ ରୀତିନୀତିରେ କରାଯାଇଆସୁଛି । ଦୀର୍ଘ ବର୍ଷ ଧରି ଏହି ପରମ୍ପରା ଅବ୍ୟାହତ ରହିଥିବାରୁ ମା'ଙ୍କ ପୀଠ ଅଞ୍ଚଳବାସୀଙ୍କ ଧାର୍ମିକ ଆସ୍ଥା ଓ ସାଂସ୍କୃତିକ ପରିଚୟର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ । ପ୍ରତିବର୍ଷ ଆଶ୍ୱିନ ମାସର ପୂର୍ଣ୍ଣିମା ତିଥିରେ ଏଠାରେ ଦଶହରା ପର୍ବ ପାଳନ କରାଯାଇଥାଏ । ମା' ଡୋକରୀ ଦେବୀଙ୍କ ପ୍ରତି ଭକ୍ତମାନଙ୍କର ଗଭୀର ଆସ୍ଥା ଓ ବିଶ୍ୱାସ ରହିଛି । ମନସ୍କାମନା ପୂରଣ ହେଲେ ମା'ଙ୍କ ପୀଠରେ ଭୋଗ ଓ ପାରମ୍ପରିକ ମାନସିକ ଅର୍ପଣ କରିବାର ପ୍ରଥା ରହିଛି । ଏହି ଅବସରରେ ବହୁ ମାନସିକଧାରୀ ବୋଦା, କୁକୁଡ଼ା ଓ ପାରା ଆଦି ଅର୍ପଣ କରିଥାନ୍ତି । ମା'ଙ୍କ ନିକଟରେ ମନସ୍କାମନା ଜଣାଇଲେ ତାହା ପୂରଣ ହୁଏ ବୋଲି ଭକ୍ତମାନଙ୍କ ମଧ୍ୟରେ ଦୀର୍ଘଦିନରୁ ଆସ୍ଥା ଓ ବିଶ୍ୱାସ ପ୍ରଚଳିତ ରହିଛି । ଏହି ଉତ୍ସବରେ କର୍ଲାପାଟ ସମେତ ଥୁଆମୂଳ ରାମପୁର, କଲମପୁର, ଜୁନାଗଡ଼, ଜୟପାଟଣା, ଭବାନୀପାଟଣା, ଗୋଲାମୁଣ୍ଡା ଓ ଧର୍ମଗଡ଼ ଅଞ୍ଚଳରୁ ବହୁ ଭକ୍ତ ଯୋଗଦେଇଥାନ୍ତି । ଏଥିସହ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ଓ କାଶୀପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ମଧ୍ୟ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି । ଏହା ମାଧ୍ୟମରେ ପୀଠଟି କେବଳ ଏକ ଧାର୍ମିକ ସ୍ଥଳ ଭାବେ ନୁହେଁ, ବରଂ ବିଭିନ୍ନ ଅଞ୍ଚଳର ଲୋକଙ୍କ ଆସ୍ଥା ଓ ପରମ୍ପରାକୁ ଯୋଡ଼ି ରଖୁଥିବା ଏକ ଆଧ୍ୟାତ୍ମିକ କେନ୍ଦ୍ର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛି । ସ୍ୱାଧୀନତା ପରେ ଦେଶରେ ଜମିଦାରୀ ଶାସନର ଅବସାନ ଘଟିଥିଲେ ମଧ୍ୟ କର୍ଲାପାଟ ଜମିଦାର ପରିବାର ପ୍ରତି ଅଞ୍ଚଳବାସୀଙ୍କ ସମ୍ମାନ ଓ ଆଦର ଆଜି ମଧ୍ୟ ରହିଥିବା କୁହାଯାଏ । କଳାହାଣ୍ଡି ରାଜାଙ୍କ ଅଧୀନରେ ଥିବା ବିଭିନ୍ନ ଗଡ଼ ଓ ଜମିଦାରୀ ଅଞ୍ଚଳ ମଧ୍ୟରୁ କର୍ଲାପାଟ ଜମିଦାରୀ ଶାସନ ଅନ୍ୟତମ ଥିଲା । ଜମିଦାରୀ ଶାସନ ସିନା ନାହିଁ ହେଲେ ଆଜିବି ଏହି ପରିବାରର ଉତ୍ତରାଧିକାରୀ ପୀଠ ପରିଚାଳନା କରିଆସୁଛନ୍ତି । ସୋମବାର ଜମିଦାର ପ୍ରମୋଦ ସିଂହଦେଓଙ୍କ ପୁତ୍ର ସ୍ୱରୂପ ସିଂହଦେଓ ମାଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ । ସଂଧାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱରୂପ ଗୀତିନାଟ୍ୟ ପରିବେଷଣ ହେଇଥିଲା । ସ୍ଥାନୀୟ ଡୋକରୀ ଦେବୀ ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ ପୁର୍ବକ ଶୃଙ୍ଖଳିତ ଭାବରେ ପରିଚାଳନା କରିଥିଲେ । କମିଟିର ମୁଖ୍ୟ ଆବାହକ ତଥା ପରାମର୍ଶ ଦାତା ମହେନ୍ଦ୍ର ନାଏକ ତତ୍ତ୍ୱାବଧାନ କରିଥିଲେ ।ସଭାପତି ପିତବାସ ନାଏକ,ସମ୍ପାଦକ ଅନାବ ନାଏକ,ଉପସଭାପତି ସୁନ୍ଦରଚନ ଗଉଡ, ସହ ସମ୍ପାଦକ ରାଜନ ଗଉଡ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ ।ଏହି ଐତିହାସିକ ପୃଷ୍ଠଭୂମି ଏବଂ ମା' ଡୋକରୀ ଦେବୀଙ୍କ ପୀଠ ସହ ଜଡ଼ିତ ପାରମ୍ପରିକ ପୂଜାବିଧି ଆଜି ମଧ୍ୟ ଅଞ୍ଚଳର ଧାର୍ମିକ ଓ ସାଂସ୍କୃତିକ ଜୀବନରେ ବିଶେଷ ଗୁରୁତ୍ୱ ବହନ କରୁଛି । ପ୍ରାଚୀନ ପରମ୍ପରା, ଲୋକବିଶ୍ୱାସ ଓ ପାରମ୍ପରିକ ପୂଜାବିଧିକୁ ନେଇ ମୋହନଗିରିର ମା' ଡୋକରୀ ଦେବୀଙ୍କ ପୀଠ ଆଜି ମଧ୍ୟ ଭକ୍ତମାନଙ୍କ ଆସ୍ଥାର ପ୍ରତୀକ ହୋଇ ରହିଛି । ପିଢ଼ି ପରେ ପିଢ଼ି ଚାଲିଆସୁଥିବା ଏହି ଦଶହରା ଉତ୍ସବ ଅଞ୍ଚଳର ଐତିହ୍ୟ, ପରମ୍ପରା ଓ ଆଧ୍ୟାତ୍ମିକ ଚେତନାକୁ ଉଜ୍ଜୀବିତ କରିଆସୁଛି ।

## ଅବକାରୀ ବିଭାଗର ମିଳିତ ଚଢ଼ାଉ ୪୫୦୦ ଲିଟର ମହୁଲ ପୋଚ ନଷ୍ଟ ୧୫୦ ଲିଟର ମହୁଲି ମଦ ଜବତ



କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା, କରଞ୍ଜିଆ ଓ ଯଶିପୁର ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଦିନ ଏକ ମିଳିତ ଚଢ଼ାଉ କରାଯାଇଛି । ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କେନ୍ଦୁଜିଆଣି ପଞ୍ଚାୟତର ସନାରିପୋଷୀ ଗ୍ରାମ ନିକଟସ୍ଥ ଜଙ୍ଗଲ ପାର୍ଶ୍ୱରେ ଦେଶୀ ମହୁଲି ମଦ ପ୍ରସ୍ତୁତ ହେଉଥିବା ନେଇ ସୂଚନା ପାଇ ଅବକାରୀ ବିଭାଗର ତିନୋଟି ଟିମ୍ ମିଳିତ ଭାବେ ଏହି ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ୧୫୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଥିବା ବେଳେ ପ୍ରାୟ ୪୫୦୦ ଲିଟର ମହୁଲ ପୋଚ ନଷ୍ଟ କରାଯାଇଛି ।ସୂଚନା ଅନୁଯାୟୀ, ସନାରିପୋଷୀ ଗ୍ରାମ ନିକଟସ୍ଥ ଜଙ୍ଗଲ ଧାରରେ ବେଆଇନ ଭାବେ ଦେଶୀ ମହୁଲି ମଦ ପ୍ରସ୍ତୁତ କରାଯାଉଥିବା ଖବର ଅବକାରୀ ବିଭାଗକୁ ମିଳିଥିଲା । ଏହାକୁ ଆଧାର କରି ଠାକୁରମୁଣ୍ଡା, କରଞ୍ଜିଆ ଓ ଯଶିପୁର ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ମିଳିତ ଭାବେ ଉକ୍ତ ସ୍ଥାନରେ ପହଞ୍ଚି ଚଢ଼ାଉ କରିଥିଲେ । ତେବେ ଚଢ଼ାଉ ସମୟରେ ଘଟଣାସ୍ଥଳରେ କେହି ଉପସ୍ଥିତ ନଥିବାରୁ ମଦ ପ୍ରସ୍ତୁତିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ସମ୍ଭବ ହୋଇନଥିଲା । ଅବକାରୀ ବିଭାଗର ଟିମ୍ ଘଟଣାସ୍ଥଳରେ ଥିବା ପ୍ରାୟ ୪୫୦୦ ଲିଟର ମହୁଲ ପୋଚକୁ ନଷ୍ଟ କରିବା ସହ ୧୫୦ ଲିଟର ପ୍ରସ୍ତୁତ ଦେଶୀ ମହୁଲି ମଦ ଜବତ କରିଥିଲେ । ଜଙ୍ଗଲ ପାର୍ଶ୍ୱରେ ଏଭଳି ବେଆଇନ ମଦ ପ୍ରସ୍ତୁତି କାର୍ଯ୍ୟ ଚାଲିଥିବା ଘଟଣା ଅବକାରୀ ବିଭାଗର ଚିନ୍ତା ବଢ଼ାଇଛି । ଏପରି ବେଆଇନ କାରବାର ରୋକିବା ପାଇଁ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଥିବା ଜଣାପଡ଼ିଛି ।ଏହି ମିଳିତ ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଜୟନ୍ତୀ ଆଚାର୍ଯ୍ୟ, ସବ୍-ଇନ୍ସପେକ୍ଟର ରଶ୍ମିରଞ୍ଜନ ନାୟକ, ରଞ୍ଜନ କୁମାର ସାହୁ ଓ ଲକ୍ଷ୍ମୀଧର ମାଝୀ, ଏଏସ୍ଆଇ ଲକ୍ଷ୍ମଣ ନାଏକ, ଫୁଲମଣି ନାଏକଙ୍କ ସମେତ ଅବକାରୀ ବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ ।

## ସମାଜସେବୀ ପ୍ରଭାସିନୀ ନନ୍ଦଙ୍କୁ ଡକ୍ଟରେଟ୍ ଉପାଧି




ଓଡ଼ଗାଁ,(ମହାଭାରତ)ସମାଜସେବା କ୍ଷେତ୍ରରେ ଦୀର୍ଘଦିନର ନିଷ୍ଠା,କଠିନ ପରିଶ୍ରମ ଓ ମାନବସେବା ପ୍ରତି ଅତୁଟ ସମର୍ପଣର ଫଳସ୍ୱରୂପ ନୟାଗଡ଼ର ସୁପରିଚିତ ସମାଜସେବୀ ତଥା ଆଡଭୋକେଟ୍ ପ୍ରଭାସିନୀ ନନ୍ଦ ଡକ୍ଟରେଟ୍ ଉପାଧିରେ ସମ୍ମାନିତ ହୋଇଛନ୍ତି ।ଗଞ୍ଜାମ କଳା ପରିଷଦଠାରେ ୱାର୍ଲ୍ଡ ଚାରିଟି ୱେଲଫେୟାର ଫାଉଣ୍ଡେସନ୍ ପକ୍ଷରୁ ରବିବାର ଆୟୋଜିତ ସମ୍ମାନ ସମାରୋହରେ ତାଙ୍କୁ ଏହି ଉପାଧି ପ୍ରଦାନ କରାଯାଇଥିବା ଜଣାପଡ଼ିଛି ।ନୟାଗଡ଼ କଳାପରିଷଦ ଓ ମଦର ଆବାସିକ ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ଭାବେ ପ୍ରଭାସିନୀ ନନ୍ଦ ଶିକ୍ଷା, ସମାଜସେବା ଓ ମାନବିକ ମୂଲ୍ୟବୋଧର ପ୍ରଚାରପ୍ରସାର କ୍ଷେତ୍ରରେ ନିଜର ଅବଦାନ ରଖିଆସିଛନ୍ତି ।ବିଶେଷକରି ଅସହାୟ, ଅବହେଳିତ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ପିଲାମାନଙ୍କୁ ଛୋଟବେଳୁ ଶିକ୍ଷା ଓ ଉତ୍ତମ ସଂସ୍କାର ମାଧ୍ୟମରେ ଗଢ଼ିତୋଳିବା ପାଇଁ ତାଙ୍କର ପ୍ରୟାସ ଉଲ୍ଲେଖନୀୟ ।ତାଙ୍କର ଏହି ସଫଳତା କେବଳ ଜଣେ ବ୍ୟକ୍ତିଙ୍କ ସମ୍ମାନ ନୁହେଁ, ବରଂ ସମାଜ ପାଇଁ ନିରନ୍ତର କାମ କରୁଥିବା ପ୍ରତ୍ୟେକ ନିଷ୍ଠାବାନ ବ୍ୟକ୍ତିଙ୍କ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ।ଧୈର୍ଯ୍ୟ,କର୍ତ୍ତବ୍ୟନିଷ୍ଠା, ମାନବିକତା ଓ ସେବା ମନୋଭାବକୁ ପାଥେୟ କରି ସେଯେଉଁ ମାର୍ଗରେ ଆଗେଇ ଚାଲିଛନ୍ତି,ତାହା ଅନେକଙ୍କୁ ସମାଜ ପାଇଁ କିଛି କରିବାକୁ ଉତ୍ସାହିତ କରିବ ।ତାଙ୍କର ଏହି ସମ୍ମାନ ନୟାଗଡ଼ ଜିଲ୍ଲା ପାଇଁ ଗୌରବର ବିଷୟ । ଆଗାମୀ ଦିନରେ ସେ ଶିକ୍ଷାର ପ୍ରସାର,ଗରିବ ଓ ଅସହାୟଙ୍କୁ ସହାୟତା ଏବଂ ସମାଜର ଉନ୍ନତି ପାଇଁ ଆହୁରି ଅଧିକ କାର୍ଯ୍ୟ କରିବେବୋଲି ଗଣମାଧ୍ୟମକୁ କହିଛନ୍ତି ।

## ଘରକୁ ଘର' ସର୍ଭେ ଅଭିଯାନ-୨୦୨୬ ଗୋଷାଣୀ ବ୍ଲକରେ ଶୁଭାରମ୍ଭ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ରେ ଏକ ସ୍ୱଚ୍ଛ, ଓ ନିର୍ଭୁଲ ଓ ଅଦ୍ୟତନ ଭୋଟର ତାଲିକା ନିମନ୍ତେ ଘରକୁ ଘର ସର୍ଭେ ଅଭିଯାନ ୨୦୨୬ ଶୁଭ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ ବୁଥ ଲେବଲ ଅଫିସର ଏହି ଭଳି ବିଭିନ୍ନ ଅଧିକାରି ତଥ୍ୟ ସଂଗ୍ରହ କରୁଥିବାର ଦେଖିବାକୁ ମିଳିଛି ନିର୍ଭୁଲ ଓ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ହୋଇ ପାରିବ ବୋଲି ଜଣା ପଡିଛି ।

## ପାରଳାଖେମୁଣ୍ଡି ସହରରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଓଡ଼ିଆ ଭଣ୍ଡାରି ସାହି ଛକରେ ୪୨ ତମ ଗଜଲକ୍ଷ୍ମୀ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଅଛି ।ସକାଳ ସମୟରେ ମାଆଙ୍କ ସ୍ନାନ କରି,ମଙ୍ଗଳ ଆଳତୀ,ହୋମ ଓ ପୂଜାର୍ଚ୍ଚନା ରୀତିନୀତି ଅନୁଯାୟୀ କରାଯାଉଛି ।ମଧ୍ୟାହ୍ନରେ ମାଆଙ୍କ ନିକଟରେ ଅନ୍ନ ଭୋଗ ହେଉଛି ।ସନ୍ଧ୍ୟା ଆଳତୀ ଦର୍ଶନ କରି ମାଆଙ୍କ ଆଶିଷ ନେବାକୁ ବହୁ ଦୂରଦୂରାନ୍ତରୁ ପଡୋଶୀ ଆନ୍ଧ୍ରପ୍ରଦେଶରୁ ଭକ୍ତଙ୍କ ସମାଗମ ହେଉଛି ।ଆଲୋକ ସଜ୍ଜା ତୋରଣରେ ସହର ଝଲସି ଉଠୁଛି, ରବିବାର ଦିନ ମାଆଙ୍କ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା ରହିଛି ।ଗୁରୁବାର ଦିନ ସନ୍ଧ୍ୟା ସମୟରେ ଏଗାର ହଜାର ଶହେ ଷୋହଳ ଦୀପ ଯଜ୍ଞ ଓ ମାଆଙ୍କ ପୂଜା ଚୁଡି ସିନ୍ଦୂର ବଣ୍ଟନର ବ୍ୟବସ୍ଥା ରହିଛି ।

# ୫ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇ ପାରିଲାନି ଇଚ୍ଛାପୁର ବାତ୍ୟା ଆଶ୍ରୟସ୍ଥଳୀ



ଆଳି(ମହାଭାରତ):ବାତ୍ୟା 'ଅର୍ଣ୍ଣବ 'ପ୍ରକୋପରେ ବର୍ଷା ଓ ପବନ ଆରମ୍ଭ ହୋଇଗଲାଣି । ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବାତ୍ୟା ମୁକାବିଲା ନିମନ୍ତେ ଜୋରଦାର ପ୍ରସ୍ତୁତିରେ ଲାଗି ପଡିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରେ ବାତ୍ୟାର ପ୍ରଭାବ କମ ରହିବ ବୋଲି ସୂଚନା ରହୁଛି କିନ୍ତୁ ବର୍ଷାର ପରିମାଣ ଅଧିକ ରହିବ । ମଙ୍ଗଳବାର ସନ୍ଧ୍ୟାରୁ ଆଳି ଅଞ୍ଚଳରେ ବର୍ଷା ତୁହାକୁ ତୁହା ହେବାକୁ ଲାଗିଲାଣି । ସରକାର ବାତ୍ୟା ମୁକାବିଲା ନିମନ୍ତେ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ କରିବା ସହ ଆବଶ୍ୟକ ସ୍ଥଳେ ସ୍କୁଲ ଗୃହ ଗୁଡିକୁ ପ୍ରସ୍ତୁତ ରଖିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ବାତ୍ୟା ପରେ ବାତ୍ୟା ଆସୁଛି, ବନ୍ୟା ମଧ୍ୟ ଆସୁଛି ମାତ୍ର ଏହାକୁ ମୁକାବିଲା କରିବା ନିମନ୍ତେ ଆଳି ଇଚ୍ଛାପୁରରେ ନିର୍ମାଣ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ହୋଇ ପାରୁନି କି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ କାମରେ ଲାଗୁନି । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି । ସୂଚନା ମୁତାବକ ୧୯୯୯ ମସିହା ବାତ୍ୟା ପରେ କୋଳିଡିହ ପଞ୍ଚାୟତର ଇଚ୍ଛାପୁର ଗ୍ରାମରେ ଏକ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ହୋଇଥିଲା । ମାତ୍ର ପ୍ରଶାସନ ପକ୍ଷରୁ ଏହି ବାତ୍ୟା ଆଶ୍ରୟସ୍ଥଳୀର ରକ୍ଷଣା ବେକ୍ଷଣା ଠିକ ଭାବେ କରା ନଯିବାରୁ ତାହା ଜରାଜୀର୍ଣ୍ଣ ହୋଇ ପଡିଥିଲା । ଯାହାକି ବ୍ୟବହାର ଅନୁପଯୋଗୀ ଥିବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୦-୨୧ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ଇଚ୍ଛାପୁର ଗ୍ରାମରେ ଆଉ ଏକ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଗଲା ମାତ୍ର ତାହା ନିର୍ମାଣ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ପାରିଲାନି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଏହି ଆଶ୍ରୟସ୍ଥଳୀ ନିର୍ମାଣ କାର୍ଯ୍ୟ ଆରମ୍ଭରୁ ଠିକାଦାର ଏହାକୁ ନିମ୍ନମାନର କାର୍ଯ୍ୟ କରିବାରୁ ସେମାନେ ଏହାକୁ ବିରୋଧ କରିଥିଲେ । ଏ ନେଇ ସେମାନେ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ । କିନ୍ତୁ ବିଭାଗୀୟ ଅଧିକାରୀ ମାନେ କାର୍ଯ୍ୟ ସ୍ଥଳକୁ ନଯାଇ ଠିକାଦାରଙ୍କ ସହ ମିଶି ଆଶ୍ରୟ ସ୍ଥଳୀ ନିର୍ମାଣ କାର୍ଯ୍ୟ କରିଦେଲେ ଯାହାଫଳରେ ଠିକାଦାର ଧସାବାଲି ସହିତ ବେନାମୀ ସିମେଣ୍ଟ ଓ ଗୋଡି ବ୍ୟବହାର କରି ଆଶ୍ରୟ ସ୍ଥଳୀ ନିର୍ମାଣ କରିଛି । ଠିକାଦାର ଓ ଯନ୍ତ୍ରୀଙ୍କ ମିଳିଭଗତରେ ନିର୍ମାଣ ହୋଇଥିବା ଏହି ନିମ୍ନ ମାନର ବାତ୍ୟା ଆଶ୍ରୟ ସ୍ଥଳୀ ଉପରେ ସ୍ଥାନୀୟ ଲୋକଙ୍କ ଭରଷା ପାଉନି । ଏବେ ବାତ୍ୟା ଅର୍ଣ୍ଣବ କୁ ନେଇ ପ୍ରଶାସନ ତତ୍ପର ହୋଇ ପଡ଼ିଥିବା ବେଳେ ବହୁମୁଖି ଆଶ୍ରୟ ସ୍ଥଳୀର କାହିଁକି କାର୍ଯ୍ୟକ୍ଷମ ହୋଇ ପାରୁନି ଏ ବିଷୟରେ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଆଶ୍ରୟସ୍ଥଳୀ କାର୍ଯ୍ୟ ଶେଷ ହେବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଚାବି ଦିଆଯାଇଛି । ସେ ବ୍ୟକ୍ତିଙ୍କୁ ବାରମ୍ବାର ଚାବି ମଗା ଯାଇଥିଲେ ମଧ୍ୟ ସେ ଚାବି ଦେଉନି । ଯୁବକ ଚାବି ପଞ୍ଚାୟତକୁ ଦେଲେ ବାତ୍ୟା ଆଶ୍ରୟସ୍ଥଳୀରେ ବିଦ୍ୟୁତ ସଂଯୋଗ କରାଯିବା ସହିତ ଏହା ବ୍ୟବହୃତ ହେବ । ତେବେ ବାତ୍ୟା ଅର୍ଣ୍ଣବ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ଆଶ୍ରୟ ସ୍ଥଳୀ ପ୍ରସ୍ତୁତ କରି ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆ ଯାଇଥିବା ବେଳେ ଆଳି ବ୍ଲକ ପ୍ରଶାସନର ଅବହେଳା ଯୋଗୁଁ ଅବହେଳିତ ଅବସ୍ଥାରେ ପଡିଛି ଇଚ୍ଛାପୁର ବହୁମୁଖୀ ଆଶ୍ରୟସ୍ଥଳୀ । ଏଠାରେ ପ୍ରଶ୍ନ ଉଠୁଛି ଯେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବହୁମୁଖୀ ଆଶ୍ରୟସ୍ଥଳୀ ନିର୍ମାଣ ଶେଷ ହେବା ପରେ ବ୍ଲକ କାର୍ଯ୍ୟାଳୟକୁ ଗୃହ ହସ୍ତାନ୍ତର କରି ଚାବି ଦେବା କଥା ମାତ୍ର ବିଭାଗ ପକ୍ଷରୁ ଗ୍ରାମର ଜଣେ ବ୍ୟକ୍ତିଙ୍କୁ କଣ ପାଇଁ ଚାବି ଦିଆଗଲା ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି ।

# ଅମିତ ଶାହଙ୍କ ଜଡ଼ିତ ମାନହାନୀ ମାମଲାରେ ରାହୁଲ ଦୋଷମୁକ୍ତ





**ନୂଆଦିଲ୍ଲୀ,୨୬।୧୦:** ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ବଡ଼ ଆଶ୍ୱସ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଜଡ଼ିତ ୨୦୧୮ ମସିହାର ଗୋଟିଏ ମାନହାନୀ ମାମଲାରେ ରାହୁଲ ଗାନ୍ଧି ଦୋଷମୁକ୍ତ। ଉତ୍ତର ପ୍ରଦେଶର ସୁଲତାନପୁରରେ ଥିବା ଗୋଟିଏ ସ୍ୱତନ୍ତ୍ର ଏମପି/ଏମଏଲଏ କୋର୍ଟ ସୋମବାର ରାହୁଲ ଗାନ୍ଧିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ରାହୁଲ ଗାନ୍ଧି ଆପତ୍ତିଜନକ ଟିପ୍ପଣୀ କରିଥିବା ଅଭିଯୋଗ ହୋଇଥିଲା। କିନ୍ତୁ ପ୍ରମାଣ ଅଭାବରୁ ରାହୁଲ ଗାନ୍ଧିଙ୍କୁ କୋର୍ଟ ଦୋଷମୁକ୍ତ କରିଛନ୍ତି। ଆଜି ରାୟ ପ୍ରକାଶ ପାଇବା ସମୟରେ ରାହୁଲ ଗାନ୍ଧି ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ରାୟ ପରେ କଂଗ୍ରେସ ନେତା ଓ କର୍ମୀମାନେ ଏହାକୁ ସ୍ୱାଗତ କରିବା ସହ କୋର୍ଟଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି। ରାହୁଲ ଗାନ୍ଧିଙ୍କ ବିରୋଧରେ ବିଜେପି ନେତା ବିଜୟ ମିଶ୍ରା ଅଭିଯୋଗ ଦାଖଲ କରିଥିଲେ। ବିଜୟ ହେଉଛନ୍ତି ସୁଲତାନପୁର ଅନ୍ତର୍ଗତ ହନୁମାନଗଞ୍ଜର ବାସିନ୍ଦା ଓ ସୁଲତାନପୁର ଜିଲ୍ଲା ସମବାୟ ବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ। ୨୦୧୮ ଅଗଷ୍ଟ ୪ରେ ମିଶ୍ରା ବେଙ୍ଗାଲୁରୁ ରାଲିରେ ରାହୁଲ ଗାନ୍ଧି ଦେଇଥିବା ଭାଷଣ ଅମିତ ଶାହଙ୍କ ସମ୍ମାନକୁ କ୍ଷତି ପହଞ୍ଚାଇଥିବା ଅଭିଯୋଗ କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଚୂଡ଼ାନ୍ତ ଶୁଣାଣି ବେଳେ ରାହୁଲ ଗାନ୍ଧିଙ୍କ ଓକିଲ ସିଧାସଳଖ ବିବାଦରେ ଥିବା ବୟାନ କଂଗ୍ରେସ ନେତା ଜଣଙ୍କ ଦେଇଥିବା ସ୍ୱୀକାର କରିଥିଲେ। କିନ୍ତୁ ତାଙ୍କ ଯୁକ୍ତି ଥିଲା ଯେ ଏହି ବୟାନ କାହାକୁ ଜାଣିଶୁଣି ଅପମାନିତ କରିବା ପାଇଁ ଦିଆଯାଇ ନଥିଲା। ରାହୁଲ ଗାନ୍ଧିଙ୍କ ବୟାନକୁ ବିକୃତ ଓ ଭୁଲ ଭାବେ ଉପସ୍ଥାନ କରାଯାଇଥିଲା ବୋଲି ଓକିଲ ଯୁକ୍ତି ଉପସ୍ଥାପନ କରିଥିଲେ। ଅଭିଯୋଗକାରୀଙ୍କ ଓକିଲଙ୍କ କହିବା କଥା ଥିଲା ଯେ ରାହୁଲ ଗାନ୍ଧି ବୟାନକୁ ସ୍ୱୀକାର କରିଥିବାରୁ ଏହା ତାଙ୍କୁ ଦଣ୍ଡ ଦେବା ପାଇଁ ଯଥେଷ୍ଟ। କୋର୍ଟ ଉଭୟ ପକ୍ଷଙ୍କ ଯୁକ୍ତିକୁ ଶୁଣିବା ପରେ ପ୍ରଥମେ ରାୟ ସଂରକ୍ଷିତ ରଖିଥିଲେ। ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ଶୁଭମ ବର୍ମା ଆଜି ଶେଷରେ ରାହୁଲ ଗାନ୍ଧିଙ୍କୁ ଦୋଷମୁକ୍ତ କରିଛନ୍ତି। ଏଥିସହ ଦୀର୍ଘ ବର୍ଷ ଧରି ଚାଲିଥିବା ମାମଲାରେ ପୂର୍ଣ୍ଣଚ୍ଛେଦ ମଧ୍ୟ ଟାଣିଛନ୍ତି। ୨୦୧୮ରୁ ଜାରି ରହିଥିବା ମାମଲାରେ ରାହୁଲ ଗାନ୍ଧିଙ୍କୁ ଅନେକ ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୨୦୨୪ ଫେବୃଆରୀରେ ରାହୁଲ ଗାନ୍ଧି କୋର୍ଟରେ ଆତ୍ମସମର୍ପଣ କରିଥିଲେ ଓ ତାଙ୍କୁ ଜାମିନରେ ଖଲାସ କରାଯାଇଥିଲା।୨୦୨୪ ଜୁଲାଇ ମାସରେ କୋର୍ଟ ତାଙ୍କ ବୟାନକୁ ରେକର୍ଡ କରିଥିଲେ। ଏହି ସମୟରେ ଅଭିଯୋଗକାରୀ ଓ ଅନ୍ୟ ସାକ୍ଷୀଙ୍କ ବୟାନର ମଧ୍ୟ କୋର୍ଟଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା।

# ରାହୁଲ ଗାନ୍ଧିଙ୍କ କନଭୟ ଦୁର୍ଘଟଣା ଗ୍ରସ୍ତ

## ତଦନ୍ତ ପାଇଁ ଗଠନ ହେଲା ଏସ୍‌ଆଇଟି



**ନୂଆଦିଲ୍ଲୀ,୨୬।୧୦:** କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ କନଭୟରେ ଥିବା ଏକାଧିକ ଗାଡ଼ି ସହ ଘଟିଥିବା ଦୁର୍ଘଟଣାର ଯାଞ୍ଚ କରିବ ସ୍ୱତନ୍ତ୍ର ତଦନ୍ତକାରୀ ଟିମ ବା ଏସ୍‌ଆଇଟି। ଉତ୍ତର ପ୍ରଦେଶ ପୁଲିସ୍ ପକ୍ଷରୁ ତଦନ୍ତ ପାଇଁ ଏସ୍‌ଆଇଟି ଗଠନ କରାଯାଇଛି। ରାହୁଲ ଗାନ୍ଧି ଆଜି ସୁଲତାନପୁର ସ୍ଥିତ କୋର୍ଟକୁ ଯାଉଥିବା ବେଳେ ପୂର୍ବାଞ୍ଚଳର ଏକ୍ସପ୍ରେସ ୱେରେ ତାଙ୍କ କନଭୟରେ ଥିବା ୫ ଗାଡ଼ି ଓ ଗୋଟିଏ ଆମ୍ବୁଲାନ୍ସ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ରାହୁଲଙ୍କ କନଭୟରେ ଥିବା ଗୋଟିଏ ସ୍କର୍ପିଓ ଏହି ଦୁର୍ଘଟଣାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। କଂଗ୍ରେସର କିଛି କର୍ମୀ ଓ ରାହୁଲଙ୍କ ସୁରକ୍ଷାରେ ଥିବା କିଛି କର୍ମଚାରୀ ଦୁର୍ଘଟଣାରେ ଆହତ ହୋଇଛନ୍ତି। ୨୦୧୮ ମସିହାର ଗୋଟିଏ ମାନହାନୀ କେସ୍‌ର ଶୁଣାଣି ପାଇଁ ରାହୁଲ ଗାନ୍ଧି ଆଜି ସୁଲତାନପୁର ଯାଉଥିଲେ। ଏହି ସମୟରେ ତାଙ୍କ କନଭୟ ଦୁର୍ଘଟଣାର ସାମ୍ନା କରିଥିଲା। ରାହୁଲ କୌଣସି ପ୍ରକାରର ଆହତ ହୋଇ ନଥିଲେ ଓ ସେ କୋର୍ଟ ଶୁଣାଣିରେ ସାମିଲ ହୋଇଥିଲେ। ଘଟଣା ପରେ ରାହୁଲ ଗାନ୍ଧି କିମ୍ବା କଂଗ୍ରେସ ପକ୍ଷରୁ ଏହାକୁ ନେଇ ପୁଲିସ୍ ନିକଟରେ କୌଣସି ପ୍ରକାରର ଅଭିଯୋଗ ମଧ୍ୟ କରାଯାଇ ନଥିଲା। ତଥାପି ସମ୍ଭାବ୍ୟ ସୁରକ୍ଷା ତ୍ରୁଟିକୁ ଉତ୍ତର ପ୍ରଦେଶ ପୁଲିସ୍ ଗୁରୁତର ସହ ନେଇଛି। ଏଥିପାଇଁ ଏସ୍‌ଆଇଟି ଗଠନ ହୋଇଛି। ୟୁପି ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ପରେ ଗଠନ ହୋଇଥିବା ଏସ୍‌ଆଇଟି ପୂରା ଘଟଣାର ବିସ୍ତୃତ ତଦନ୍ତ କରିବ। କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା, ସୁରକ୍ଷା ବ୍ୟବସ୍ଥା କେମିତି ଥିଲା, ଏସକର୍ଟ ପ୍ରୋଟକଲ, ଟ୍ରାଫିକ ପରିଚାଳନା ଓ କୌଣସି ତ୍ରୁଟି ବା ଅବହେଳା ହୋଇଛି କି ନାହିଁ, ତା'ର ଯାଞ୍ଚ ଏସ୍‌ଆଇଟି ପକ୍ଷରୁ କରାଯିବ। ଆଇଜି କିରଣ ଏସ୍ ଏହି ଟିମର ନେତୃତ୍ୱ ନେବେ। ସୁଲତାନପୁର ଏସ୍‌ପି ବ୍ରିଜ ନାରାୟଣ ସିଂହ ଓ ଡିସିପି ରାମ କ୍ରିଷ୍ଣ ଚତୁର୍ବେଦୀ ମଧ୍ୟ ଏସ୍‌ଆଇଟିର ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି। ଏସ୍‌ଆଇଟି ଅବହେଳାକୁ ଚିହ୍ନଟ କରି ଯେମିତି ଭବିଷ୍ୟତରେ ଏମିତି ଘଟଣା ନ ଘଟିବ, ସେନେଇ ପଦକ୍ଷେପ ନେବ।

# ୧୦୦ କୋଟି ଲାଞ୍ଚ ମାମଲାରେ ପୂର୍ବତନ ଶିକ୍ଷା ମନ୍ତ୍ରୀ ଗିରଫ



**ନୂଆଦିଲ୍ଲୀ,୨୬।୧୦:** ତାମିଲନାଡୁର ପୂର୍ବତନ ଶିକ୍ଷାମନ୍ତ୍ରୀ ଅନବିଲ ମହେଶ ଗିରଫ। ୧୦୦ କୋଟିର ଲାଞ୍ଚ କାରବାର ମାମଲାରେ ଆଜି ମହେଶଙ୍କୁ ଗିରଫ କରି ଚେନ୍ନାଇ ପୁଲିସର କେନ୍ଦ୍ରୀୟ କ୍ରାଇମବ୍ରାଞ୍ଚ ବା ସିସିବି। ବିଭିନ୍ନ ବେସରକାରୀ ସ୍କୁଲକୁ ଲାଇସେନ୍ସ ଓ ଅନ୍ୟ ସବୁ ପ୍ରକାରର ଅନୁମତି ଦେବାକୁ ମହେଶ ଶିକ୍ଷାମନ୍ତ୍ରୀ ଥିବା ବେଳେ ୧୦୦ କୋଟିର ଲାଞ୍ଚ ନେଇଥିଲେ। ଏବେ ଡିଏମକେ କ୍ଷମତାରୁ ଯିବା ପରେ ପୁଲିସ୍ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସରକାରୀ ଅନୁମୋଦନ ପାଇଁ ଘରୋଇ ସ୍କୁଲ ଗୁଡ଼ିକ ପ୍ରବଳ ଲାଞ୍ଚ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପରେ ସିସିବି ଯାଞ୍ଚ ଆରମ୍ଭ କରିଥିଲା। ଯାଞ୍ଚ ବେଳେ ୧୭୭ ଘରୋଇ ସ୍କୁଲ ସ୍କାନରକୁ ଆସିଥିଲେ। ଆଉ ଏହାପରେ ପୁଲିସ୍ ଆଜି ଲାଞ୍ଚ କାରବାର ମାମଲାରେ ମହେଶଙ୍କୁ ବାନ୍ଧିଛି। ମହେଶ ହେଉଛନ୍ତି ଡିଏମକେର ଜଣେ ବରିଷ୍ଠ ନେତା। ସେ ଦୁର୍ନୀତିରେ ସିଧାସଳଖ ଲିପ୍ତ ରହିବା ସହ ନିଜ ମନ୍ତ୍ରୀ ପଦରୁ ଦୁରୁପଯୋଗ କରିଥିବା ସିସିବି ଯାଞ୍ଚ ବେଳେ ଜାଣିବାକୁ ପାଇଥିଲା। ବିଭିନ୍ନ ସାକ୍ଷୀଙ୍କ ବୟାନ ଓ ଡିଜିଟାଲ ପ୍ରମାଣ ଆଧାରରେ ପ୍ରଥମେ ମହେଶଙ୍କୁ ପୂରା ଲାଞ୍ଚ କାରବାରର ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା। ତାଙ୍କ ବିରୋଧରେ ଦୁର୍ନୀତି ନିରୋଧ ଆଇନ ଅନୁସାରେ ମାମଲା ମଧ୍ୟ ହୋଇଥିଲା। ଏହାପରେ ଗିରଫଦାରୀ ହୋଇଥିବା ପୁଲିସ କହିଛି। ତେବେ ମହେଶ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଡିଏମକେ ପକ୍ଷରୁ ବର୍ତ୍ତମାନ ତାମିଲନାଡୁରେ କ୍ଷମତାରେ ଥିବା ବିଜୟଙ୍କ ଟିଭିକେକୁ ଦାୟୀ କରାଯାଇଛି। ମୁଖ୍ୟମନ୍ତ୍ରୀ ବିଜୟ ଓ ଟିଭିକେ ବିରୋଧୀଙ୍କୁ ଟାର୍ଗେଟ କରିବାକୁ ସୁରକ୍ଷା ଏଜେନ୍ସିକୁ ବ୍ୟବହାର କରୁଥିବା ଦଳ କହିଛି। ଗିରଫଦାରୀ ପୂର୍ବରୁ ମହେଶ ଅନ୍ତରୀଣ ସୁରକ୍ଷା ପାଇଁ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ସୋମବାର ଜଷ୍ଟିସ ଭି ଲକ୍ଷ୍ମୀନାରାୟଣ ତାଙ୍କ ଆବେଦନ ଖାରଜ କରି ଦେଇଥିଲେ। ଆବେଦନ ଖାରଜ ହେବା ମାତ୍ରେ ସିସିବି ତାଙ୍କୁ ଗିରଫ କରିଛି।

# ଏସ୍‌ଆଇଆର ଆନ୍ଦୋଳନ ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ: ଖଡଗେ

## ପ୍ରଧାନମନ୍ତ୍ରୀଙ୍କ ପ୍ରତି ଖଡଗେଙ୍କ ଅପମାନଜନକ ମନ୍ତବ୍ୟ



**ପାଟନା,୨୬।୧୦:** ଦେଶରେ ଚାଲିଥିବା ଏସ୍‌ଆଇଆର ବିରୋଧୀ ଆନ୍ଦୋଳନକୁ ଦେଶର ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ ବୋଲି ଅଭିହିତ କରିଛନ୍ତି କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେ। ତେଣୁ ଏହି ଆନ୍ଦୋଳନକୁ ଆଗାମୀ ଦିନରେ ଦେଶର କୋଣ ଅନୁକୋଣରେ ପହଞ୍ଚାଯିବ ବୋଲି ସେ କହିଛନ୍ତି। ରବିବାର ପାଟନାରେ ବିହାରର ପ୍ରଥମ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଶ୍ରୀକୃଷ୍ଣ ସିଂହ (ସିହ୍ନା)ଙ୍କ ୧୩୯ତମ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଉତ୍ସବରେ ଯୋଗ ଦେଇ ଖଡଗେ କହିଥିଲେ ଯେ ଆରଏସ୍‌ଏସ୍ ଆଦର୍ଶ ବିଲୋପ ନ ହେବା ଯାଏ ଦେଶରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ। କାରଣ ବିଜେପି ଓ ଆରଏସ୍‌ଏସ ଦେଶର ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର ସ୍ୱାଧୀନତା ଉପରେ ହସ୍ତକ୍ଷେପ କରିବା ସହିତ ନିର୍ବାଚନ ପ୍ରକ୍ରିୟାରେ ଜାଲିଆତି କରିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ଜାଲିଆତି ପୂର୍ବକ ଭୋଟ ଚୋରି କରି ବିଜେପି ପଶ୍ଚିମବଙ୍ଗ, ବିହାର, ହରିୟାଣା ଓ ମହାରାଷ୍ଟ୍ରରେ ସରକାର ଗଠନ କରିଛି। ଏସ୍‌ଆଇଆର ଓ ଭୋଟ ଚୋରି ବିରୋଧରେ ଚାଲିଥିବା ଆନ୍ଦୋଳନରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗ ଦେବାକୁ ଖଡଗେ ବିହାରବାସୀଙ୍କୁ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ଭୋଟ ଚୋରି କାର୍ଯ୍ୟରେ ଜଡିତ ଲୋକଙ୍କୁ ଆଇନର କାଠଗଡାକୁ ଟଣାଯିବା ସହିତ ଜେଲ୍‌ରେ ଭର୍ତ୍ତି କରାଯିବ। ଅଯୋଧ୍ୟା ରାମ ମନ୍ଦିର ଦାନ ଅର୍ଥ ଚୋରି ଘଟଣାକୁ ନେଇ ମଧ୍ୟ ସେ ବିଜେପିକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଯେଉଁମାନେ ଭଗବାନ ରାମଙ୍କ ସମ୍ପତ୍ତିକୁ ଲୁଟ୍ କରିଛନ୍ତି ସେମାନଙ୍କୁ ପ୍ରଭୁ ଶ୍ରୀରାମ ନିଶ୍ଚିତ ଦଣ୍ଡିତ କରିବେ। ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧିକୁ ନେଇ ମଧ୍ୟ ଖଡଗେ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ସରକାର ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ଦେଶରେ ଖାଦ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ହୁ ହୁ ହୋଇ ବଢିଚାଲିଛି। ଲୋକ ଖାଇବା ଜିନିଷ କିଣିବାକୁ ଅସମର୍ଥ ହେଉଛନ୍ତି ମାତ୍ର ସରକାର କହୁଛନ୍ତି ଯେ ଦେଶରେ ଅମୃତ କାଳ ଚାଲିଛି। କଂଗ୍ରେସ ସଭାପତି ଦାବି କରିଛନ୍ତି ଯେ ଆଗାମୀ ଦିନରେ ହେବାକୁ ଯାଉଥିବା ସମସ୍ତ ନିର୍ବାଚନ ବାଲାଟ ପେପରରେ କରାଯାଉ। ଏହା ସହିତ ଦେଶରେ ଏସ୍‌ଆଇଆର ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରାଯାଉ। ଗତ ଦୁଇବର୍ଷ ମଧ୍ୟରେ ହୋଇଥିବା ବିଧାନସଭା ନିର୍ବାଚନଗୁଡ଼ିକ ବାତିଲ କରାଯାଉ ବୋଲି ସେ କହିଛନ୍ତି।

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ମଧ୍ୟ ଖଡଗେ ସମାଲୋଚନା କରିଛନ୍ତି। ଖଡଗେ କହିଛନ୍ତି ଯେ ଆରଏସ୍‌ଏସ୍ ଆଦର୍ଶରେ ବିଶ୍ୱାସ କରୁଥିବା ଲୋକଙ୍କ ସହିତ ନୀତୀଶ ହାତ ମିଳାଇଛନ୍ତି। ଏସ୍‌ଆଇଆର, ଭୋଟ ଚୋରି ବିରୋଧରେ ବିରୋଧୀ ଇଣ୍ଡିଆ ବ୍ଲକ ନଭେମ୍ବର ୧ରେ ନୂଆଦିଲ୍ଲୀରେ ବଡ ଧରଣର ଆନ୍ଦୋଳନ କରିବାକୁ ଯାଉଛି। ଏହି ଆନ୍ଦୋଳନରେ ଭାଗ ନେବା ଲାଗି କଂଗ୍ରେସ ଦଳ ଏହାର ସମସ୍ତ ସାଂସଦଙ୍କୁ ନିବେଦନ କରିଛି। ଏଥିପାଇଁ ଅକ୍ଟୋବର ୩୦ରୁ ନଭେମ୍ବର ୧ ତିନି ଦିନ ପାଇଁ ଦିଲ୍ଲୀରେ ଉପସ୍ଥିତ ରହିବାକୁ ଦଳର ସମସ୍ତ ସାଂସଦଙ୍କୁ ଖଡଗେ ରବିବାର କହିଛନ୍ତି।

# ନଭେମ୍ବର ୧ରୁ ଗାଡ଼ି ପ୍ରବେଶ ଉପରେ କଟକଣା

**ନୂଆଦିଲ୍ଲୀ,୨୬।୧୦:** ଦିଲ୍ଲୀରେ ବଢୁଥିବା ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଲାଗି ଯାନବାହନ ପ୍ରବେଶ ଉପରେ ନୂଆ କଟକଣା ଲାଗୁ ହୋଇଛି। ନଭେମ୍ବର ୧ରୁ ଦିଲ୍ଲୀରେ ପ୍ରବେଶ କରୁଥିବା ଗାଡ଼ିଗୁଡ଼ିକୁ ଇନ୍ଧନ ଓ ନିର୍ଗମନ ମାନଦଣ୍ଡ ସମ୍ପର୍କିତ ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ପଡ଼ିବ । ଏନେଇ ହାପୁଡ଼ର ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇ ଗାଡ଼ି ମାଲିକ ଓ ଚାଳକମାନଙ୍କୁ ସଚେତନ କରାଯାଇଛି । ବାୟୁ ଗୁଣବତ୍ତା ପରିଚାଳନା ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ବିଏସ୍-୬, ସିଏନଜି, ଏଲ୍ଏନ୍‌ଜି ଓ ବୈଦ୍ୟୁତିକ ଯାନଗୁଡ଼ିକୁ ପ୍ରାଥମିକତା ଦିଆଯାଉଛି । ଦିଲ୍ଲୀରେ ବିଏସ୍-୪ ଶ୍ରେଣୀର ମାଲବାହୀ ଯାନଗୁଡ଼ିକୁ ୩୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ସୀମିତ ସମୟ ପାଇଁ ପ୍ରବେଶ ଅନୁମତି ଦିଆଯାଇଛି । ଏହି ସମୟସୀମା ପରେ ଉକ୍ତ ଯାନଗୁଡ଼ିକର ଦିଲ୍ଲୀ ପ୍ରବେଶ ଉପରେ କଟକଣା ଲାଗୁ ହେବ । ନଭେମ୍ବର ୧, ୨୦୨୬ରୁ ସିଏନ୍‌ଜି, ବୈଦ୍ୟୁତିକ ଓ ବିଏସ୍-୬ ଡିଜେଲ୍ ଯାନ ବ୍ୟତୀତ ଅନ୍ୟ କେତେକ ଶ୍ରେଣୀର ବସର ଦିଲ୍ଲୀ ପ୍ରବେଶ ଉପରେ ମଧ୍ୟ କଟକଣା ଲାଗୁ ହେବ । ଦିଲ୍ଲୀରେ ପଞ୍ଜୀକୃତ ବସଗୁଡ଼ିକ ପାଇଁ ନିୟମ ଅନୁଯାୟୀ ରିହାତି ବ୍ୟବସ୍ଥା ରହିବ । ବିଜ୍ଞପ୍ତି ଅନୁସାରେ ନଭେମ୍ବର ୧ରୁ ଜାନୁଆରୀ ୩୧ ପର୍ଯ୍ୟନ୍ତ ଦିଲ୍ଲୀ ବାହାରେ ପଞ୍ଜୀକୃତ ଏବଂ ବିଏସ୍-୬ ମାନଦଣ୍ଡଠାରୁ କମ୍ ଶ୍ରେଣୀର ଯାନଗୁଡ଼ିକର ପ୍ରବେଶ ଉପରେ କଟକଣା ରହିବ । ଏହି ପଦକ୍ଷେପ ଦ୍ୱାରା ଦିଲ୍ଲୀରେ ଯାନବାହନ ଜନିତ ପ୍ରଦୂଷଣ ହ୍ରାସ କରିବାକୁ ଉଦ୍ୟମ କରାଯାଉଛି ।

# ଅରୁଣାଚଳରେ ଚୀନ ସେନାର ଅନୁପ୍ରବେଶ ଅଭିଯୋଗ

**ଅରୁଣାଚଳପ୍ରଦେଶ,୨୬।୧୦:** ଅରୁଣାଚଳ ପ୍ରଦେଶର ଉପର ସୁବନସିରୀ ଜିଲ୍ଲାରେ ଚୀନର ପିପୁଲ୍ସ ଲିବରେସନ୍ ଆର୍ମି ଭାରତୀୟ ସୀମା ମଧ୍ୟକୁ ୪୦ ରୁ ୫୦ କିଲୋମିଟର ପର୍ଯ୍ୟନ୍ତ ଅନୁପ୍ରବେଶ କରିଥିବା ନେଇ ଏକ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଏହା ସହିତ ଭାରତୀୟ ଏବଂ ଚୀନ୍ ସୈନିକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଏବଂ ଲାଠି ଚାର୍ଜ ଭଳି ଘଟଣା ଘଟିଥିବା ଦାବି କରିଛନ୍ତି ଅରୁଣାଚଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ତଥା ପୂର୍ବତନ ଶିକ୍ଷାମନ୍ତ୍ରୀ ବୋସିରାମ ସିରାମ । ତେବେ ଏହି ଦାବିର କୌଣସି ସରକାରୀ ସୂଚନା ଦିଆଯାଇନଥିବା ବେଳେ, ସିରାମ୍ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । କଂଗ୍ରେସର ଏକ ପ୍ରତିନିଧି ଦଳ ଗତ ଅଗଷ୍ଟ ୨୬ ରୁ ୨୯ ତାରିଖ ମଧ୍ୟରେ ସୀମାନ୍ତବର୍ତ୍ତୀ ଅଞ୍ଚଳ (ନାଚୋ, ଲାଇମେକିଂ ଓ ତାକ୍ସିଂ) ଗସ୍ତ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ସିରାମଙ୍କ କହିବା ଅନୁଯାୟୀ, ଜୁଲାଇ ଶେଷ ସପ୍ତାହରେ ଭାରତୀୟ ଓ ଚୀନ ସୈନିକଙ୍କ ମଧ୍ୟରେ ହାତାହାତି ଏବଂ ଲାଠିଚାର୍ଜ ହୋଇଥିଲା । ଚୀନ ସୈନିକଙ୍କ ଆକ୍ରାମକ ମନୋଭାବର ଭାରତୀୟ ସେନା ମଧ୍ୟ କଡ଼ା ଜବାବ ଦେଇଥିଲେ । ଏହି ଗଣ୍ଡଗୋଳ ଯୋଗୁଁ ସୀମାରେ ଭାରତୀୟ ସେନାର ପାଟ୍ରୋଲିଂ ଏବଂ ସ୍ଥାନୀୟ ଲୋକଙ୍କ ଯାତାୟାତ ପ୍ରଭାବିତ ହୋଇଛି । କଂଗ୍ରେସ ନେତା ଅଭିଯୋଗ କରିଛନ୍ତି ଯେ ଚଖଇ ର ଏହି ଆକ୍ରାମକ କାର୍ଯ୍ୟକଳାପ ଯୋଗୁଁ ସୀମାନ୍ତରେ ରହୁଥିବା ସ୍ଥାନୀୟ ନାଗରିକଙ୍କ ଜୀବିକା ବିପନ୍ନ ହୋଇପଡ଼ିଛି । ସ୍ଥାନୀୟ ଲୋକମାନେ ପାରମ୍ପରିକ ଭାବେ ଜଙ୍ଗଲରୁ ସମ୍ବଳ ସଂଗ୍ରହ, ଶିକାର ଏବଂ ୟାକ୍ ଚରାଇବା ପାଇଁ ଯାଉଥିବା ସ୍ଥାନଗୁଡ଼ିକୁ ଏବେ ଯାଇପାରୁନାହାନ୍ତି । ସୀମା ନିକଟରେ ସ୍ଥାନୀୟ ନାଗରିକଙ୍କ ସ୍ୱାଧୀନ ଚଳପ୍ରଚଳ ଉପରେ କଟକଣା ଲାଗିବା ଯୋଗୁଁ ସେମାନଙ୍କ ଗୁଜରାଣ ମେଣ୍ଟାଇବା କଷ୍ଟକର ହୋଇପଡ଼ିଛି ।

# ବ୍ରାଜିଲ-ଭାରତର ସମ୍ପର୍କ ହେବ ଆହୁରି ମଜବୁତ

## ପୁଣି କ୍ଷମତାକୁ ଫେରିଲେ ଲୁଇଜ୍ ଇନାସିଓ ଲୁଲା ଦା ସିଲଭା



**ନୂଆଦିଲ୍ଲୀ,୨୬।୧୦:** ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲଭା ପୁଣିଥରେ କ୍ଷମତାକୁ ଫେରିବା ଭାରତ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଭାରତ ଓ ବ୍ରାଜିଲ ମଧ୍ୟରେ ପୂର୍ବରୁ ଭଲ ସମ୍ପର୍କ ରହିଛି। ଏବେ ତାହା ଆହୁରି ମଜବୁତ ହେବ। ଉଭୟ ଦେଶ ବାଣିଜ୍ୟ ବୃଦ୍ଧି, ବିକାଶଶୀଳ ଦେଶଗୁଡ଼ିକର ସ୍ୱରକୁ ଶକ୍ତିଶାଳୀ କରିବା ଏବଂ ବିଶ୍ୱସ୍ତରୀୟ ସଂସ୍ଥାଗୁଡ଼ିକରେ ସଂସ୍କାର ଆଣିବା ପାଇଁ ମତ ରଖି ଆସିଛନ୍ତି। ଏଭଳି ସ୍ଥିତିରେ ଲୁଲାଙ୍କ ନେତୃତ୍ୱରେ ଭାରତ-ବ୍ରାଜିଲ ସମ୍ପର୍କକୁ ନୂତନ ଦିଗ ମିଳିବାର ସମ୍ଭାବନା ରହିଛି। ବିଶେଷକରି ଆମେରିକା ଓ ଚୀନ୍ ମଧ୍ୟରେ ବଢୁଥିବା ପ୍ରତିଦ୍ୱନ୍ଦ୍ୱିତା ଏବଂ ଅନ୍ତର୍ଜାତୀୟ ବାଣିଜ୍ୟରେ ଦେଖାଦେଉଥିବା ଚାପ ମଧ୍ୟରେ ବ୍ରାଜିଲ ସହ ଭାରତର ସହଯୋଗ କୂଟନୈତିକ ଦୃଷ୍ଟିରୁ ମଧ୍ୟ ଗୁରୁତ୍ୱ ବହନ କରୁଛି। ବ୍ରାଜିଲ ଲାଟିନ୍ ଆମେରିକାରେ ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ସହଯୋଗ। ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ୨୦୨୪ରେ ୧୨.୨୦ ବିଲିୟନ୍ ଡଲାର ଥିବାବେଳେ ୨୦୨୫ରେ ୧୫.୨୧ ବିଲିୟନ୍ ଡଲାରରେ ପହଞ୍ଚିଥିଲା। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହାକୁ ୨୦ ବିଲିୟନ୍ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି। ଭାରତ ବ୍ରାଜିଲକୁ ଔଷଧ, ପେଟ୍ରୋଲିୟମ୍ ଉତ୍ପାଦ, ରାସାୟନିକ ସାମଗ୍ରୀ, ବସ୍ତ୍ର ଏବଂ ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନି କରୁଛି। ଅନ୍ୟପଟେ ବ୍ରାଜିଲରୁ ଭାରତ ଅଶୋଧିତ ତୈଳ, ସୋୟାବିନ୍ ତେଲ, ଚିନି, କପା ଓ ଲୁହାପଥର ଭଳି ସାମଗ୍ରୀ ଆମଦାନି କରୁଛି।

ଲୁଲାଙ୍କ ନେତୃତ୍ୱରେ ବାଣିଜ୍ୟିକ ସହଯୋଗ ଆଗକୁ ବଢ଼ିଲେ ଭାରତୀୟ ଔଷଧ ଶିଳ୍ପ, ଅଟୋମୋବାଇଲ, ଇଞ୍ଜିନିୟରିଂ ଓ ଅନ୍ୟ କ୍ଷେତ୍ରର କମ୍ପାନୀଗୁଡ଼ିକୁ ନୂଆ ବଜାର ମିଳିପାରେ। ତେବେ ଏଥିପାଇଁ ବାଣିଜ୍ୟିକ ପ୍ରତିବନ୍ଧକ ହ୍ରାସ ଏବଂ ବଜାରରେ ସହଜ ପ୍ରବେଶ ସୁନିଶ୍ଚିତ କରିବା ଆବଶ୍ୟକ। ଭାରତ ନିଜର ଶକ୍ତି ଆବଶ୍ୟକତା ଏବଂ ଶିଳ୍ପ କ୍ଷେତ୍ର ପାଇଁ ବିଭିନ୍ନ କଞ୍ଚାମାଲର ଆବଶ୍ୟକତା ରହିଛି। ବ୍ରାଜିଲରେ ବିପୁଳ ପ୍ରାକୃତିକ ସମ୍ପଦ ଥିବାରୁ ଉଭୟ ଦେଶ ମଧ୍ୟରେ ଅଶୋଧିତ ତୈଳ, ଜୈବ ଇନ୍ଧନ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ସହଯୋଗ ବଢ଼ିପାରେ। ବିଶେଷକରି ଇଲେକ୍ଟ୍ରିକ୍ ଯାନ, ଇଲେକ୍ଟ୍ରୋନିକ୍ସ ଓ ଆଧୁନିକ ପ୍ରଯୁକ୍ତିବିଦ୍ୟା ଶିଳ୍ପ ପାଇଁ ରେୟାର ଆର୍ଥ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜର ଆବଶ୍ୟକତା ରହିଛି।

## ସର୍ବିଆରେ ଛାତ୍ର ଆନ୍ଦୋଳନ ପରେ ବଡ଼ ରାଜନୈତିକ ପରିବର୍ତ୍ତନ

# ୧୪ ବର୍ଷ ପରେ ପରାସ୍ତ ହେଲେ ଆଲେକଜାଣ୍ଡାର ଭୁଚିକ୍



**ନୂଆଦିଲ୍ଲୀ,୨୬।୧୦:** ସର୍ବିଆର ମଧ୍ୟବର୍ତ୍ତୀକାଳୀନ ସଂସଦୀୟ ନିର୍ବାଚନରେ ଏକ ଐତିହାସିକ ରାଜନୈତିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଦୁର୍ନୀତି ବିରୋଧୀ ଛାତ୍ର ଆନ୍ଦୋଳନରୁ ଜନ୍ମ ନେଇଥିବା 'ଷ୍ଟୁଡେଣ୍ଟ ଲିଷ୍ଟ', ଗତ ୧୪ ବର୍ଷ ଧରି କ୍ଷମତାରେ ଥିବା 'ସର୍ବିଆନ୍ ପ୍ରୋଗ୍ରେସିଭ୍ ପାର୍ଟି'କୁ ପରାସ୍ତ କରି ସଂସଦରେ ସ୍ପଷ୍ଟ ବହୁମତ ହାସଲ କରିଛି। ନିର୍ବାଚନ ଫଳାଫଳର ଧାରା ସ୍ପଷ୍ଟ ହେବା ପରେ, ପୂର୍ବତନ ରାଷ୍ଟ୍ରପତି ଆଲେକଜାଣ୍ଡାର ଭୁଚିକ୍ ନିଜର ପରାଜୟ ସ୍ୱୀକାର କରିଛନ୍ତି। ଆସନ୍ତୁ, ଏହି ଐତିହାସିକ ନିର୍ବାଚନ ଫଳାଫଳ ଏବଂ ସର୍ବିଆରେ ଘଟିଥିବା ଏହି ବଡ଼ ରାଜନୈତିକ ପରିବର୍ତ୍ତନ ସମ୍ବନ୍ଧୀୟ ୧୦ଟି ମୁଖ୍ୟ ବିଷୟ ଉପରେ ନଜର ପକାଇବା। ଆଲେକଜାଣ୍ଡାର ଭୁଚିକ୍‌ଙ୍କ ଦଳ, 'ସର୍ବିଆନ୍ ପ୍ରୋଗ୍ରେସିଭ୍ ପାର୍ଟି', ୨୦୧୨ ମସିହାରୁ ସର୍ବିଆରେ କ୍ଷମତାରେ ଥିଲା। ଏହି ନିର୍ବାଚନ ଫଳାଫଳ ସହିତ, ଦେଶରେ ସେମାନଙ୍କର ୧୪ ବର୍ଷିଆ ପ୍ରାଧାନ୍ୟ ଏବଂ ଅବ୍ୟାହତ ଶାସନର ଆନୁଷ୍ଠାନିକ ଭାବେ ଅନ୍ତ ଘଟିଛି। ସ୍ୱାଧୀନ ମତ ସର୍ବେକ୍ଷଣ ସଂସ୍ଥାଗୁଡ଼ିକର ପ୍ରାରମ୍ଭିକ ଧାରା ଅନୁଯାୟୀ, 'ଷ୍ଟୁଡେଣ୍ଟ ଲିଷ୍ଟ' ୫୨% ଭୋଟ୍ ହାସଲ କରିଛି, ଯାହା ସ୍ପଷ୍ଟ ବହୁମତ ପାଇଁ ଆବଶ୍ୟକ ସୀମାଠାରୁ ଯଥେଷ୍ଟ ଅଧିକ। ଅନ୍ୟପକ୍ଷରେ, ଭୁଚିକଙ୍କ ମେଣ୍ଟ 'ଆଲେକଜାଣ୍ଡାର ଭୁଚିକ୍ – ୟୁନାଇଟେଡ୍ ସର୍ବିଆ' କେବଳ ୩୯.୩% ଭୋଟ୍ ପାଇଛି। ସର୍ବିଆର ୨୫୦ ଆସନ ବିଶିଷ୍ଟ ଏକସଦନୀୟ ସଂସଦରେ ସରକାର ଗଠନ କରିବା ପାଇଁ ୧୨୬ଟି ଆସନ ଆବଶ୍ୟକ। ଭୁଚିକଙ୍କ ଆକଳନ ଅନୁଯାୟୀ, ସେ ସମର୍ଥନ କରୁଥିବା ମେଣ୍ଟ ୧୩୫ରୁ ୧୪୦ଟି ଆସନ ହାସଲ କରିପାରେ, କିନ୍ତୁ ଶାସକ ମେଣ୍ଟକୁ କେବଳ ପ୍ରାୟ ୧୦୫ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିପାରେ। ଆଲେକଜାଣ୍ଡାର୍ ଭୁଚିକଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଛାତ୍ର-ସମର୍ଥିତ ଆନ୍ଦୋଳନ ପ୍ରାୟ ୨୨ ଲକ୍ଷ ଭୋଟ୍ ପାଇଥିବା ବେଳେ, ତାଙ୍କ ଶାସକ ମେଣ୍ଟ ମାତ୍ର ୧୭.୨ ଲକ୍ଷ ଭୋଟ୍ ହାସଲ କରିପାରିଛି।

# ରୁଷରେ ୟୁକ୍ରେନ ପକ୍ଷରୁ ଡ୍ରୋନ୍ ଆକ୍ରମଣ: ୨ ମୃତ, ୧୭ ଆହତ

**ମସ୍କୋ,୨୬।୧୦:** ରୁଷର ଭୋରୋନେଜ୍ ଅଞ୍ଚଳରେ ୟୁକ୍ରେନ ପକ୍ଷରୁ ହୋଇଥିବା ଡ୍ରୋନ୍ ଆକ୍ରମଣରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଜଣେ ଶିଶୁ ସମେତ ୧୭ ଜଣ ଆହତ ହୋଇଛନ୍ତି। ଭୋରୋନେଜ୍ ରାଜ୍ୟପାଳ ଆଲେକଜାଣ୍ଡାର ଗୁସେଭ୍ ଆକ୍ରମଣକୁ ନିଶ୍ଚିତ କରିଛନ୍ତି ଏବଂ କହିଛନ୍ତି ଯେ, ରୁଷୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହି ଅଞ୍ଚଳରେ ୧୧୩ଟି ୟୁକ୍ରେନ ଡ୍ରୋନ୍ ଖସାଇ ଦେଇଛି। ଗୁସେଭ ଏକ ମେସେଜିଂ ଆପ୍ ?ରେ ସୂଚନା ସେୟାର କରି କହିଛନ୍ତି ଯେ, ରାତିସାରା ଆକ୍ରମଣ ସମୟରେ ରୁଷୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସମ୍ପୂର୍ଣ୍ଣ ସକ୍ରିୟ ରହିଥିଲା। ଡ୍ରୋନର ଭଗ୍ନାବଶେଷ ପଡ଼ିବା ଯୋଗୁଁ ଅନେକ ଶିଳ୍ପ ଅଞ୍ଚଳରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ନିଶମ ଏବଂ ଜରୁରୀକାଳୀନ ଦଳ କାମ କରୁଛନ୍ତି। ରୁଷ ରେଳବାଇ ଅନୁଯାୟୀ, କ୍ରାସନୋଡାର ଅଞ୍ଚଳର ଏକ ଲୋକପ୍ରିୟ ପର୍ଯ୍ୟଟନ ସହର ଆନାପାରୁ ରାଜଧାନୀ ମସ୍କୋ ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍ ମଧ୍ୟ ଆକ୍ରମଣର ଶିକାର ହୋଇଛି। ଆକ୍ରମଣରେ ଟ୍ରେନ କ୍ଷତିଗ୍ରସ୍ତ ହୋଇଛି ଏବଂ ପାଞ୍ଚ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ଭୋରୋନେଜ୍ ଦେଇ ଯାଉଥିବା ସମସ୍ତ ରେଳ ନେଟୱାର୍କର ଯାତ୍ରୀବାହୀ ଟ୍ରେନ୍ ସେବାକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛି। ରୁଷ-ୟୁକ୍ରେନ ସୀମା ନିକଟରେ ଅବସ୍ଥିତ ଭୋରୋନେଜ୍ ଏକ ରଣନୈତିକ ଏବଂ ପରିବହନ କେନ୍ଦ୍ର, ଯେଉଁଠାରେ ଗତ କିଛି ମାସ ମଧ୍ୟରେ ୟୁକ୍ରେନ ପକ୍ଷରୁ ଭିତ୍ତିଭୂମି ଏବଂ ଶିଳ୍ପ ଗୁଡ଼ିକୁ ଟାର୍ଗେଟ କରି ଅନେକ ଆକ୍ରମଣ କରାଯାଇଛି।

## ଫ୍ରାନ୍ସରେ ଲିଭୁନି ଦରଦାମ୍ ବୃଦ୍ଧି ନିଆଁ

# ବିକ୍ଷୋଭକାରୀଙ୍କୁ ଲାଠି ମାଡ଼, ୧,୩୦୦ଗିରଫ



**ପ୍ୟାରିସ୍,୨୬।୧୦:** ଫ୍ରାନ୍ସରେ ଦରଦାମ ବୃଦ୍ଧି, ଦୈନନ୍ଦିନ ଖର୍ଚ୍ଚ ବଢ଼ିବା, ସ୍କୁଲଗୁଡ଼ିକର ଶୋଚନୀୟ ଅବସ୍ଥା, ପୁଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ଶନିବାର ଲକ୍ଷାଧିକ ଲୋକେ ପୁଣି ରାସ୍ତାକୁ ଓହ୍ଲାଇଛନ୍ତି । ପ୍ୟାରିସ ସମେତ ଅନେକ ସହରରେ ବିକ୍ଷୋଭକାରୀ ସରକାରଙ୍କ ବିରୋଧରେ ନାରାବାଜି କରିଛନ୍ତି । ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ବେଳେ ପୁଲିସ ସହ ଆନ୍ଦୋଳନକାରୀଙ୍କ ସଂଘର୍ଷ ହୋଇଛି । ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା କରିବା ସହ ବ୍ୟାରିକେଡ ଜାଳି ଦେଇଥିଲେ । ପୁଲିସ ସେମାନଙ୍କ ଉପରେ ଲାଠିଚାର୍ଜ କରିବା ସହ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଛି । ଏଥିସହ ୧,୩୦୦ରୁ ଊର୍ଦ୍ଧ୍ୱର୍ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଛି । ସରକାରୀ ତଥ୍ୟ ଅନୁସାରେ ବିକ୍ଷୋଭରେ ୪ ଲକ୍ଷରୁ ଊର୍ଦ୍ଧ୍ୱର୍ ବିକ୍ଷୋଭକାରୀ ସାମିଲ ହୋଇଥିଲେ । ତେବେ ଟ୍ରେଡ୍ ୟୁନିୟନ ପକ୍ଷରୁ ୮ ଲକ୍ଷରୁ ଊର୍ଦ୍ଧ୍ୱର୍ ଲୋକ ବିକ୍ଷୋଭକୁ ଓହ୍ଲାଇଥିବା ଦାବି କରାଯାଇଛି । ବିକ୍ଷୋଭ ଯେପରି ହିଂସାର ରୂପ ନ ନିଏ ସେଥିଲାଗି ୭୦ ହଜାରରୁ ଊର୍ଦ୍ଧ୍ୱର୍ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା । କେତେକ ସହରରେ କଟକଣା ମଧ୍ୟ ଜାରି କରାଯାଇଥିଲା । ବିକ୍ଷୋଭକାରୀଙ୍କ ସହ ସଂଘର୍ଷରେ ଅନ୍ୟୁନ ୫୩ ଜଣ ପୁଲିସ କର୍ମୀ ଆହତ ହୋଇଛନ୍ତି । ତେବେ ପୂର୍ବ ବିକ୍ଷୋଭ ତୁଳନାରେ ଏଥର ବ୍ୟାପକ ସ୍ତରରେ ହିଂସା, ଲୁଟ୍‌ପାଟ ରୋକିବାରେ ପୁଲିସ ସଫଳ ହୋଇଥିବା ସରକାରୀ ଭାବେ କୁହାଯାଇଛି । ଗତ ସେପ୍ଟେମ୍ବରରେ ଏକ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ବିକ୍ଷୋଭରୁ ଫ୍ରାନ୍ସରେ ଏହି ଆନ୍ଦୋଳନ ମୁଣ୍ଡ ଟେକିଥିଲା । ସ୍କୁଲରେ ଶିକ୍ଷକ ଅଭାବ, ସ୍କୁଲ ଗୃହର ଦୁରାବସ୍ଥା, ପର୍ଯ୍ୟାପ୍ତ ଶ୍ରେଣୀଗୃହର ଅଭାବ, ଛାତରୁ ପାଣି ଗଳିବା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ନ ରହିବା ବିରୋଧରେ ବିକ୍ଷୋଭ ହୋଇଥିଲା । ପରେ ଏହି ଆନ୍ଦୋଳନରେ ଶିକ୍ଷକ, ଅଭିଭାବକ, ଟ୍ରେଡ୍ ୟୁନିୟନ ବି ସାମିଲ ହୋଇଥିଲେ । ବିକ୍ଷୋଭରେ ସ୍କୁଲ ପ୍ରସଙ୍ଗଠାରୁ ଆରମ୍ଭ କରି ଦରଦାମ ବୃଦ୍ଧି ଏବଂ ସରକାରଙ୍କ କଠୋର ପୁଲିସ ବ୍ୟବସ୍ଥା ପ୍ରସଙ୍ଗ ଉଠିଥିଲା । ଲୋକଙ୍କ ଦାବି ଉପରେ ଆଲୋଚନା କରିବା ବଦଳରେ ଇମାନୁଏଲ ମାକ୍ରନ୍‌ଙ୍କ ସରକାର ପୁଲିସ ବଳ ଦ୍ୱାରା ବିକ୍ଷୋଭକୁ ଦମନ କରିବାକୁ ଚାହୁଁଥିବା ଆନ୍ଦୋଳନକାରୀ ଅଭିଯୋଗ ଆଣିଛନ୍ତି ।

ଗତ ସପ୍ତାହରେ ଫ୍ରାନ୍ସରେ ହୋଇଥିବା ବିକ୍ଷୋଭରେ ବ୍ୟାପକ ହିଂସାକାଣ୍ଡ ହୋଇଥିଲା । ପୁଲିସ ୨,୭୦୦ରୁ ଊର୍ଦ୍ଧ୍ୱର୍ ବିକ୍ଷୋଭକାରୀଙ୍କୁ ଗିରଫ କରିଥିଲା ।

# ୱେଲିଂଟନରେ ଅଭିଷେକ-ବୈଭବ ତାଣ୍ଡବ

- ନ୍ୟୁଜିଲାଣ୍ଡ ଦେଇଥିବା ୧୯୯ ରନ ଟାର୍ଗେଟକୁ ମାତ୍ର ୧୩.୨ ଓଭରରେ ଜିତିଲା ଭାରତ
- ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଶତକ
- ପାୱାର ପ୍ଲେରେ ବିଶ୍ୱରେକର୍ଡ ରନ୍
- ୩-୦ରେ ଆଗୁଆ ସିରିଜ କବ୍ଜା



ୱେଲିଙ୍ଗଟନ, ୨୭।୧୦: ନିଜ ପଡ଼ିଆରେ ମାଟି କାମୁଡ଼ିଲା ନ୍ୟୁଜିଲାଣ୍ଡ । ତୃତୀୟ ଟି-ଟ୍ୱେଣ୍ଟିରେ କିୱିର ଶୋଚନୀୟ ପରାଜୟ । ମାତ୍ର ୧୩.୨ ଓଭରରେ ମ୍ୟାଚ୍ ଜିତିଲା ଟିମ୍ ଇଣ୍ଡିଆ । ୧୯୯ ରନର ଟାର୍ଗେଟକୁ ପିଛା କରି ଭାରତୀୟ ଦଳ ୬ ୱିକେଟରେ ଓ୍ୱେଲିଙ୍ଗଟନ୍ ଟି-୨୦କୁ ଜିତି ନେଇଛି । ଏହା ସହିତ ୫ଟି ମ୍ୟାଚ୍ ବିଶିଷ୍ଟ ସିରିଜକୁ ୩-୦ରେ କବଜା କରିଛି । ଭାରତ ପକ୍ଷରୁ ଧୁଆଁଦାର ଶତକୀୟ ଇନିଂସ ଖେଳିଥିବା ଅଭିଷେକ୍ ଶର୍ମା ପ୍ଲେୟାର ଅଫ୍ ଦି ମ୍ୟାଚ୍ ହୋଇଛନ୍ତି ।

ମଙ୍ଗଳବାର ଓ୍ୱେଲିଙ୍ଗଟନରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ତୃତୀୟ ଟି-ଟ୍ୱେଣ୍ଟି ମୁକାବିଲା ଖେଳାଯାଇଛି । ଟସ୍ ଜିତି ଟିମ୍ ଇଣ୍ଡିଆ ଘରୋଇ ଦଳ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ତେବେ ନ୍ୟୁଜିଲାଣ୍ଡ ପ୍ରାରମ୍ଭରୁ ଭାରତୀୟ ବୋଲରଙ୍କ ଉପରେ ଜୋରଦାର ପ୍ରହାର କରିଥିଲା । ହେଲେ ଡେଥ୍ ଓଭରରେ ନ୍ୟୁଜିଲାଣ୍ଡ ଲଗାତାର ଡଟ୍ ବଲ୍ କରିଥିଲେ । ଫଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୯୮ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । କିୱି ପକ୍ଷରୁ ଡାରେଲ୍ ମିଚେଲ୍ ସର୍ବାଧିକ ୮୯ ରନ କରିଥିଲେ । ସେହିପରି ଫିନ୍ ଆଲେନ୍ ୪୦ ରନର ଏକ ଜବରଦସ୍ତ ଇନିଂସ ଖେଳିଥିଲେ । ଭାରତୀୟ ଦଳ ପକ୍ଷରୁ ଅର୍ଶଦୀପ ସିଂହ, ଅକ୍ଷର ପଟେଲ୍ ଏବଂ ନୀତିଶ ରେଡ୍ଡୀଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି ।

ଦ୍ୱିତୀୟ ଇନିଂସ ୧୯୯ ରନର ଲକ୍ଷ୍ୟକୁ ପିଛା କରି ପଡ଼ିଆକୁ ଓହ୍ଲାଇଥିଲା ଟିମ୍ ଇଣ୍ଡିଆ । ସଞ୍ଜୁ ସାମସନଙ୍କ ବଦଳରେ ବୈଭବ ସୂର୍ଯ୍ୟବଂଶୀ ଏବଂ ଅଭିଷେକ୍ ଶର୍ମା ଦୁଇ ଓପନର ଷ୍ଟାର୍ଟ କରିଥିଲେ । ପ୍ରଥମ ଓଭରରେ ୱେଲିଙ୍ଗଟନରେ ବ୍ୟାଟିଂ ତାଣ୍ଡବ ଦେଖିବାକୁ ମିଳିଥିଲା । ପ୍ରଥମ ବଲରେ ଚୌକା ମାରି ନିଜ ଘରୋଇ ଦଳର ବୋଲିଂ ଲାଇନ୍-ଅଫକୁ ଚ୍ୟାଲେଞ୍ଜ କରିଥିଲେ ବୈଭବ । ପରେ ଅଭିଷେକ ଶର୍ମା ବିସ୍ଫୋରଣ କରିଥିଲେ । ଟିମ୍ ଇଣ୍ଡିଆ ମାତ୍ର ୧୪ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲା । ପାୱାର-ପ୍ଲେ ଶେଷ ବେଳକୁ ଭରତୀୟ ଦଳର ସ୍କୋର ହୋଇଥିଲା କୌଣସି ୱିକେଟ ହରାଇ ୧୧୮ ରନ୍ । ଟି-ଟ୍ୱେଣ୍ଟି ଇତିହାସରେ ଟିମ୍ ଇଣ୍ଡିଆର ଏହା ବିଶ୍ୱ ରେକର୍ଡ । ଭାରତ ଏହା ପୂର୍ବରୁ ଆଫଗାନିସ୍ତାନ ବିରୋଧରେ ପାୱାର-ପ୍ଲେ ରେ ଶହେ ରନ୍ କରିଥିଲା ।ଅଭିଷେକ ଶର୍ମା ମାତ୍ର ୧୫ ବଲରେ ଅର୍ଦ୍ଧଶତକ ଏବଂ ୩୫ ବଲରେ ୧୦ ଛକା ଏବଂ ୮ ଚୌକା ବଲରେ ଶତକ ହାସଲ କରିଥିଲେ । ସେ ମୋଟ୍ ୩୮ ବଲ ଖେଳି ୧୧ ଛକା ଏବଂ ୯ ଚୌକା ବଲରେ ୧୧୩ ରନ କରିବାକୁ ସକ୍ଷମ ହୋଇଥିଲେ । ସେହିପରି ବୈଭବ ସୂର୍ଯ୍ୟବଂଶୀ ୧୯ ବଲରୁ ୪ ଛକା ଏବଂ ୪ ଚୌକା ମାରି ୪୫ ରନ ସଂଗ୍ରହ କରିଥିଲେ । ବୈଭବ ଏବଂ ଅଭିଷେକଙ୍କ ବିସ୍ଫୋରଣରେ ଟିମ୍ ଇଣ୍ଡିଆ ମାତ୍ର ୧୩.୨ ଓଭରରେ ତୃତୀୟ ଟି-୨୦ ମୁକାବିଲାକୁ ଜିତନେବା ସହିତ ସିରିଜକୁ ୩-୦ରେ ସିଲ୍ କରିଛି । ଅଭିଷେକ୍ ଶର୍ମା ସର୍ବାଧିକ ୧୧୩ ରନ୍ କରି ପ୍ଲେୟାର ଅଫ୍ ଦି ମ୍ୟାଚ୍ ହୋଇଛନ୍ତି ।

ଅଭିଶେକ-ବୈଭବଙ୍କ ଉଭୟଙ୍କପ ବ୍ୟାଟ୍‌ରୁ ଦେଖିବାକୁ ମିଳିଥିଲା ୧୦ଟି ବିଶାଳ ଛକା। ଭାରତ ପୂର୍ବରୁ ପାୱାର ପ୍ଲେ ଅର୍ଥାତ ପ୍ରଥମ ୬ ଓଭରରେ କୌଣସି ଦେଶ କେବେ ବି ଏତେ ରନ କରି ନଥିଲେ। ପୂର୍ଣ୍ଣ ସଦସ୍ୟ ଦେଶ କଥା ଦେଖିଲେ ୨୦୨୪ରେ ସ୍କଟଲ୍ୟାଣ୍ଡ ବିପକ୍ଷ ଟି-୨୦ରେ ଅଷ୍ଟ୍ରେଲିଆ ପ୍ରଥମ ୬ ଓଭରରେ ଗୋଟିଏ ୱିକେଟ ହରାଇ ୧୧୩ ରନ କରିଥିଲା।

୨୦୨୩ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦକ୍ଷିଣ ଆଫ୍ରିକା ୨ ୱିକେଟ ହରାଇ ୧୦୨, ୨୦୨୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଇଂଲଣ୍ଡ ବିନା ୱିକେଟରେ ୧୦୦ ରନ ଓ ୨୦୨୬ରେ ଆଫଗାନିସ୍ତାନ ବିପକ୍ଷରେ ଭାରତ ପ୍ରଥମ ୬ ଓଭରରେ ଯୋଡ଼ିଥିଲା ୧୦୦ ରନ। ଉକ୍ତ ମ୍ୟାଚରେ ମଧ ଗର୍ଜିଥିଲା ଅଭିଷେକଙ୍କ ବ୍ୟାଟ୍।

ସେ ଶତକ ହାସଲ କରିଥିଲେ। ଆଜି ମଧ ସେ ୧୫ ବଲରେ ୫୦ ଓ ୩୫ ବଲରେ ଶତକ ମାରିଛନ୍ତି। ଏହାପରେ ୩୮ ବଲରେ ୧୧୩ ରନ କରି ପ୍ୟାଭିଲିୟନ ଫେରିଛନ୍ତି। ଭାରତ ଅଭିଷେକ ଆଉ ହେବା ବେଳକୁ ୧୭୮ ରନରେ ପହଞ୍ଚି ସାରିଥିଲା। ସୂର୍ଯ୍ୟବଂଶୀ ୧୯ ବଲରେ ୪୫ ରନ କରିଛନ୍ତି। ଅଭିଷେକ ତାଙ୍କ ଇନିଂସରେ ୧୧ଟି ଛକା ମାରିଛନ୍ତି।

କେବଳ ପାୱାର ପ୍ଲେରେ ଶତକ ଓ ଅର୍ଦ୍ଧଶତକ ହାସଲ କରିବାରେ ମଧ ଭାରତ ବିଶ୍ୱ ରେକର୍ଡ କରିଛି। ଭାରତ ଟେଷ୍ଟ ଖେଳୁଥିବା ଦେଶଗୁଡ଼ିକ ମଧ୍ୟରେ ସବୁଠାରୁ କମ ବଲରେ ଦଳୀୟ ସ୍କରକୁ ୫୦ରେ ପହଞ୍ଚାଇ ପାରିଛି। ମୋଟ ଉପରେ ଦେଖିଲେ ପପୁଆ ନ୍ୟୁ ଗୁନିଆ ଓ ରୋମାନିଆ ସମକ୍ଷକ ହୋଇଛି। ଟେଷ୍ଟ ଖେଳୁଥିବା ଦେଶଗୁଡ଼ିକ ମଧ୍ୟରୁ ଦ୍ରୁତତମ ଟିମ ସ୍କର ୫୦ ହାସଲ କରିବାର ରେକର୍ଡ ନ୍ୟୁଜିଲ୍ୟାଣ୍ଡ ନାଁରେ ଥିଲା। ନ୍ୟୁଜିଲ୍ୟାଣ୍ଡ ଉଭୟ ଇଂଲଣ୍ଡ ଓ ସ୍କଟଲ୍ୟାଣ୍ଡ ବିପକ୍ଷରେ ମାତ୍ର ୨.୪ ଓଭରରେ ଦଳୀୟ ସ୍କରକୁ ୫୦ରେ ପହଞ୍ଚାଇଥିଲା। ଭାରତ ଆଜି ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ମାତ୍ର ୨.୨ ଓଭରରେ ୫୦ ରନ ପୂରଣ କରିଥିଲା।

ସେହିପରି ଭାରତ ୫ ଓଭର ଅର୍ଥାତ ୩୦ ବଲରେ ୧୦୦ ରନ ପୂରଣ କରି ବିଶ୍ୱ ରେକର୍ଡ କରିଛି। ପୂର୍ବରୁ ଏହି ରେକର୍ଡ ରୋମାନିଆ ନାଁରେ ଥିଲା। ଦଳ ୨୦୨୧ରେ ସର୍ବିଆ ବିପକ୍ଷ ଟି-୨୦ରେ ୫.୨ ଓଭରରେ ଅର୍ଥାତ ୩୨ଟି ବଲରେ ଶତକ ହାସଲ କରିଥିଲା। ହେଲେ ଭାରତ ଏହାକୁ ଅତିକ୍ରମ କରି ଯାଇଛି।

## ରଣଜୀ : ଓଡ଼ିଶା ୧୯୪ରେ ଅଲ୍ଆଉଟ୍

ଭୁବନେଶ୍ୱର: ବାହାରେ ବିଫଳ ହେବାର ଦୁଃଖକୁ ଘରେ ଦୂର କରିବେ ବୋଲି ଆଶା ଥିଲା। ହେଲେ ଘରୋଇ ପରିବେଶରେ ଓଡ଼ିଶା ରଣଜୀ ଦଳ ଆହୁରି ଶୋଚନୀୟ ବ୍ୟାଟିଂ କଲା। ପାଗ, ପରିବେଶ ଓ ପିଚ୍ ଅନୁକୂଳ ଥିଲେ ମଧ ଅତି ସାଧାରଣ ବ୍ୟାଟିଂ କରି ମାତ୍ର ୧୯୪ ରନ୍‌ରେ ଅଲଆଉଟ୍ ହୋଇଗଲା। ସୋମବାରଠାରୁ ସ୍ଥାନୀୟ କିଟ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଥିବା ସର୍ଭିସେସ୍ ବିପକ୍ଷ ରଣଜୀ ଟ୍ରଫି ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଏଭଳି ଦୟନୀୟ ପ୍ରଦର୍ଶନ ଓଡ଼ିଶା ଦଳରେ ଥିବା ପ୍ରତିଭା ମରୁଡ଼ିର ଆଉ ଏକ ନଗ୍ନ ଉଦାହରଣ ବି ପାଲଟିଛି। ତେବେ ଦ୍ୱିତୀୟ ଦିନରେ ବର୍ଷା ହେବାରୁ ଗୋଟିଏ ବି ବଲ୍ ପଡ଼ିନଥିଲା।

ଏହି ଦଳର ତାରକା ସ୍ପିନର ନାରଙ୍ଗ ମଧ ନିଜ ପଦାର୍ପଣ ପଡ଼ିଆରେ ସ୍ମରଣୀୟ ବୋଲିଂ ଚିତ୍ର ଅର୍ଜନ କରି ୬ ୱିକେଟ୍ ସଫଳତା ପାଇଛନ୍ତି। ଏହି ୩୨ ବର୍ଷୀୟ ସ୍ପିନର ଦିଲ୍ଲୀ ପକ୍ଷରୁ ଖେଳି ୧୧ ବର୍ଷ ତଳେ ଅର୍ଥାତ୍ ୨୦୧୫ ମସିହାରେ କିଟ୍ ପଡ଼ିଆରେ ହିଁ ରଣଜୀ ପଦାର୍ପଣ କରିଥିଲେ। ଏବେ ସେ ସର୍ଭିସେସ୍‌ର ମୁଖ୍ୟ ଅସ୍ତ୍ର ପାଲଟିଛନ୍ତି। ଅବଶ୍ୟ ଓଡ଼ିଶାର ଦୁଇ ଓପନର୍ ସ୍ୱସ୍ତିକ ସାମଲ ଓ ଗୌରବ ଚୌଧୁରୀ ଲଢ଼ିଥିଲେ। ଉଭୟ ପ୍ରଥମ ୱିକେଟ୍‌ରେ ୭୯ ରନ୍ ଯୋଡ଼ି ଭଲ ଆରମ୍ଭ କରିଥିଲେ। ହେଲେ ସ୍ପିନ୍ ପଡ଼ିବା ଆରମ୍ଭ ହେବା ପରେ ହଠାତ୍ ଓଡ଼ିଶାର ବିପର୍ଯ୍ୟୟ ଘଟିଥିଲା। ସ୍ୱସ୍ତିକଙ୍କୁ ୨୫ତମ ଓଭରରେ ନାରଙ୍ଗ କ୍ଲିନ୍ ବୋଲ୍ଡ କରିବା ପରେ ଓଡ଼ିଶାର ୱିକେଟ୍ ଫାଟକ ଯେମିତି ପୂରା ଖୋଲି ଯାଇଥିଲା। ଅର୍ଦ୍ଧଶତକର ୯ ରନ୍ ପୂର୍ବରୁ ଗୌରବ ନିଜ ୱିକେଟ୍ ଫିଙ୍ଗି ଦେବା ପରେ ଅଧିନାୟକ ଶୁଭ୍ରାଂଶୁଙ୍କ ସହ ମାତ୍ର ୫୪ ରନ୍ ଭିତରେ ୫ ୱିକେଟ୍ ହରାଇ ଅଚାନକ ଦିଗ ହରାଇ ବସିଥିଲା ଓଡ଼ିଶା। ଶେଷ ଦୁଇ ୱିକେଟ୍ ଭାବେ ପଦାର୍ପଣକାରୀ ଓମ୍‌କାର ମହାନ୍ତି ଓ ବାଦଲ ବିଶ୍ୱାଳ ଖାତା ଖୋଲି ନ ପାରିବା ପରେ ରାଜେଶ ଗୋଟିଏ ପଟେ ଅପରାଜିତ ରହି ଯାଇଥିଲେ। ଘରୋଇ ଦଳ ୮୨.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୯୪ ରନ୍ କରିବା ସହ ୨୦୦ ରନ୍ ବି ଛୁଇଁ ପାରି ନଥିଲା। ସର୍ଭିସେସ୍ ହାତରେ ଏବେ ପୂରା ୧୦ ୱିକେଟ୍ ଥିଲା ବେଳେ ଏହି ଦଳ ଓଡ଼ିଶାଠାରୁ ମାତ୍ର ୧୮୧ ରନ୍ ପଛରେ ରହିଛି। ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ୨୮ରୁ ବର୍ଷା ହେବାର ଥିବାରୁ ପ୍ରଥମ ପାଳି ଅଗ୍ରଣୀ ଲାଭ କରିବା ତାଙ୍କର ପ୍ରଥମ ଲକ୍ଷ୍ୟ ହେବ ବୋଲି ଅଧିନାୟକ ରଜତ ପାଲିୱାଲ କହିଛନ୍ତି। ସେପଟେ ଓଡ଼ିଶା ପାଇଁ ଦ୍ୱିତୀୟ ଦିନର ଖେଳ ବଡ଼ ପରୀକ୍ଷା ନେଇ ଆସିବାକୁ ଯାଉଛି।

## ଅନେକ ନୂଆ କୀର୍ତ୍ତିମାନ ହାସଲ କଲେ ଅଭିଷେକ ଶର୍ମା

ୱେଲିଂଟନ, ୨୭।୧: ରନ ମେସିନ ବିରାଟ କୋହିଲଙ୍କ ରେକର୍ଡ ଭାଙ୍ଗିଲେ ଅଭିଷେକ ଶର୍ମା। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ତୃତୀୟ ଟି-୨୦ରେ ଅଭିଷେକ ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି। ସେ ୩୮ ବଲରେ ୧୧୩ ରନ କରିବା କ୍ଷଣି ବିରାଟଙ୍କୁ ଅତିକ୍ରମ କରି ଯାଇଛନ୍ତି ।ଏବେ ଟି-୨୦ରେ ଭାରତ ପାଇଁ ସର୍ବାଧିକ ଶତକଧାରୀ ବନି ଯାଇଛନ୍ତି ଅଭିଷେକ। ଆଜି ସେ ୯ଟି ଚୌକା ଓ ୧୧ଟି ବିଶାଳ ଛକା ସହାୟତାରେ ୧୧୩ ରନ କରିଥିଲେ। ଏହା ତାଙ୍କ ଟି-୨୦ କ୍ୟାରିୟରର ୧୧ତମ ଶତକ। ଭାରତର ଆଉ କୌଣସି ବ୍ୟାଟର ଏତେ ସଂଖ୍ୟକ ସେଞ୍ଚୁରୀ ଟି-୨୦ରେ ହାସଲ କରି ନାହାନ୍ତି।

ବିରାଟ କୋହଲି ଟି-୨୦ରେ ୧୦ଟି ଶତକ ହାସଲ କରିଥିଲେ। ଅଭିଷେକଙ୍କ ଶତକ ସଂଖ୍ୟା ଆଜି ୧୧ରେ ପହଞ୍ଚି ଯାଇଛି। ଏବେ ଅଭିଷେକଙ୍କ ଉପରେ ବିଶ୍ୱର ଆଉ ୨ ଜଣ ବ୍ୟାଟର ଅଛନ୍ତି। ଜଣେ ହେଲେ କ୍ରିସ ଗେଲ ଓ ଆଉ ଜଣେ ହେଲେ ପାକିସ୍ତାନର ବାବର ଆଜମ।

ଟି-୨୦ରେ ଗେଲଙ୍କ ଶତକ ସଂଖ୍ୟା ୨୨। ସେହିପରି ବାବର ଟି-୨୦ରେ ୧୩ଟି ଶତକ ହାସଲ କରିଛନ୍ତି। ତେଣୁ ବାବରଙ୍କୁ ଅତିକ୍ରମ କରିବା ପାଇଁ ଅଭିଷେକଙ୍କୁ ଆଉ ୩ଟି ଶତକର ଆବଶ୍ୟକତା ରହିଛି।

ଏବେ ସେ ବିଶ୍ୱର ତୃତୀୟ ଟି-୨୦ ଶତକଧାରୀ ବ୍ୟାଟର ହୋଇ ରହିଛନ୍ତି।

ଏପଟେ ଅନ୍ତର୍ଜାତୀୟ ଟି-୨୦ କଥା ବିଚାରକୁ ନେଲେ ଏହା ଅଭିଷେକଙ୍କ ୪ର୍ଥ ଶତକ। ଅନ୍ତର୍ଜାତୀୟ



ଟି-୨୦ରେ ସର୍ବାଧିକ ଶକତ ହାସଲ କରିଥିବା ରେକର୍ଡ ଗ୍ଲେନ ମ୍ୟାକ୍ସୱେଲ ଓ ରୋହିତ ଶର୍ମାଙ୍କ ନାଁରେ ରହିଛି। ଉଭୟ ୫ଥର ଲେଖାଏ ଟି-୨୦ ଇଣ୍ଟରନ୍ୟାଶନାଲରେ ଶତକ ମାରିଛନ୍ତି। ୪ଟି ଶତକ ସହ ଅଭିଷେକ ଶର୍ମା, ସୂର୍ଯ୍ୟକୁମାର ଯାଦବ, ଫିଲ ସଲ୍ଟ ଓ କରନବୀର ସିଂହ ରହିଛନ୍ତି।

ଅଭିଷେକ ଶର୍ମା ଏଯାଏ ୭୦ଟି ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍‌ର ୬୯ଟି ଇନିଂସରେ ୨୨୪୦ ରନ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ୩୩.୪୩ ଓ ଷ୍ଟ୍ରାଇକ ରେଟ୍ ୧୯୬.୮୩। ଏହା ମଧ୍ୟରେ ରହିଛି ୪ଟି ଶତକ ଓ ୧୪ଟି ଅର୍ଦ୍ଧଶତକ। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କର ୧୩୫।

ଚଳିତ ବର୍ଷ ଅଭିଷେ ଶର୍ମା ୩୭ଟି ଅନ୍ତର୍ଜାତୀୟ ଟି-୨୦ରେ ୩୧.୨୫ ହାରରେ ୧୧୨୫ ରନ କରିଛନ୍ତି। ଏହା ମଧ୍ୟରେ ୨ଟି ଶତକ ଓ ୮ଟି ଅର୍ଦ୍ଧଶତକ ରହିଛି। ଏବେ ସେ ସୂର୍ଯ୍ୟ କୁମାର ଯାଦବଙ୍କ ରେକର୍ଡ ଠାରୁ ୪୦ ରନ ଦୂରରେ ରହିଛି।୨୦୨୨ ବର୍ଷରେ ସୂର୍ଯ୍ୟ କୁମାର ଯାଦବ ୧୧୬୪ ରନ କରିଥିଲେ। ଏହା ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ। ଏବେ ଏହାକୁ ଅତିକ୍ରମ କରିବାକୁ ଅଭିଷେକ ଶର୍ମାଙ୍କ ପାଖରେ ସୁଯୋଗ ରହିଛି। ଅଭିଷେ ଶର୍ମା ଆଜି ନିଜ ଟି-୨୦ରେ ୧୭ତମ ଥର ପାଇଁ ୧୦ କିମ୍ବା ତା' ଠାରୁ ଅଧିକ ଛକା ମାରିଛନ୍ତି। ଏହି ରେକର୍ଡରେ ଗେଲ୍ ୧୮ଥର ୧୦ କିମ୍ବା ତା' ଠାରୁ ଅଧିକ ଛକା ମାରି ୧ ନମ୍ବରରେ ରହିଛନ୍ତି। ଭାରତ ପାଇଁ ଗୋଟିଏ ଟି-୨୦ ଅନ୍ତର୍ଜାତୀୟ ଇନିଂସରେ ସର୍ବାଧିକ ଛକା ମାରିବାର ରେକର୍ଡ ଅଭିଷେକ ଶର୍ମା ପୁଣି ନିଜ ନାଁରେ କରିପାରିଛନ୍ତି। ଆଜି ସେ ୧୧ଟି ଛକା ମାରିଛନ୍ତି। ଏହାପୂର୍ବରୁ ୨୦୨୫ରେ ୱେଷ୍ଟଇଣ୍ଡିଜ ବିପକ୍ଷ ମୁମ୍ବାଇ ଟି-୨୦ରେ ସେ ୧୩ଟି ଓ ଆଫଗାନିସ୍ତାନ ବିପକ୍ଷ ଦିଲ୍ଲୀ ଟି-୨୦ରେ ୧୧ଟି ଛକା ମାରିଥିଲେ।୨୦୧୭ ରୋହିତ ଶର୍ମାଙ୍କ ବ୍ୟାଟରୁ ଶ୍ରୀଲଙ୍କା ବିପକ୍ଷରେ ୧୦ଟି, ୨୦୨୪ ଡର୍ବାନରେ ସଞ୍ଜୁ ସାମସନ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୦ଟି , ୨୦୨୪ରେ ତିଳକ ବର୍ମା ଜୋହାନ୍ସବର୍ଗରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୦ଟି ଓ ୨୦୨୬ରେ ଈଶାନ କିଶନ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଥରୁଅନନ୍ତପୁରମ ଟି-୨୦ରେ ୧୦ଟି ଛକା ମାରିଥିଲେ। ପୁରୁଷ ଟି-୨୦ରେ ସର୍ବାଧିକ ଥର ୧୦ରୁ ଅଧିକ ଛକା ମାରିବା ରେକର୍ଡର ଦ୍ୱିତୀୟ ସ୍ଥାନରେ ଅଭିଷେକ ରହିଛନ୍ତି। ଅଷ୍ଟ୍ରିଆର କରନବୀର ସିଂହ ୫ଥର ଏପରି କରିଥିବା ବେଳେ ଅଭିଷେକ ଶର୍ମା ୩ଥର ଏପରି ସଫଳତା ପାଇଛନ୍ତି। ୱେଷ୍ଟଇଣ୍ଡିଜର କ୍ରିସ ଗେଲ ୨ଥର, ଅଷ୍ଟ୍ରେଲିଆର ଆରୋନ ଫିଞ୍ଚ ୨ଥର ମଧ ଗୋଟିଏ ଇନିଂସରେ ୧୦ଟି ଲେଖାଏ ଛକା ମାରିଥିଲେ। ଅଭିଷେକ ଶର୍ମା ତୃତୀୟ ଭାରତୀୟ ଭାବେ ଅନ୍ତର୍ଜାତୀୟ ଟି-୨୦ରେ ୧୫୦ କିମ୍ବା ତା' ଠାରୁ ଅଧିକ ଛକା ମାରିବାକୁ ସକ୍ଷମ ହୋଇଛନ୍ତି। ଅନ୍ତର୍ଜାତୀୟ ଟି-୨୦ରେ ତାଙ୍କ ଛକା ସଂଖ୍ୟା ଆଜି ୧୫୮ରେ ପହଞ୍ଚି ଯାଇଛି। ସୂର୍ଯ୍ୟ କୁମାର ଯାଦବ ୧୭୯ଟି ଓ ରୋହିତ ଶର୍ମା ୨୦୫ଟି ଛକା ମାରିଛନ୍ତି।

## କେନ୍‌ଙ୍କୁ ବାଲାନ୍ ଡି'ଓର୍ ପୁରସ୍କାର:

ଲଣ୍ଡନ: ଇଂଲଣ୍ଡ ଫୁଟ୍‌ବଲର୍ ହ୍ୟାରି କେନ୍‌ଙ୍କ ବହୁ ଦିନର ସ୍ୱପ୍ନ ପୂରଣ ହୋଇଛି। ସୋମବାର ଫୁଟ୍‌ବଲ୍‌ର ସବୁଠୁ ବଡ଼ ବ୍ୟକ୍ତିଗତ ସମ୍ମାନ ବାଲାନ୍ ଡି' ଓର୍ ପୁରସ୍କାର ସେ କରାୟତ୍ତ କରିଛନ୍ତି। ଏଥିସହ ପ୍ରାୟ ୨୫ ବର୍ଷ ପରେ ଜଣେ ଇଂଲିସ ଖେଳାଳି ଭାବେ ସେ ଏହି ସମ୍ମାନ ପାଇବାର ଗୌରବ ପାଇଛନ୍ତି। ଶେଷ ଥର ଲାଗି ୨୦୦୧ରେ ମିଚେଲ ଓଏନ୍ ଇଂଲିସ୍ ଖେଳାଳି ଭାବେ ଏହି ପୁରସ୍କାର ପାଇଥିଲେ। ପୁରସ୍କାର ପାଇବା ପରେ କେନ୍ କହିଥିଲେ, ''ୱା..ୱା.. ୱା.. ଆଜି ମୁଁ ନିଃଶବ୍ଦ। ଲଣ୍ଡନରେ ଉପସ୍ଥିତ ରହିବା, ଏହି ମୁହୂର୍ତ୍ତକୁ ଆହୁରି ବିଶେଷ କରିଦେଇଛି। ଆଜି ରାତି ମୋ ପାଇଁ ଶୁଭ ସଙ୍କେତ ନେଇ ଆସିଛି। ମୋତେ ଭୋଟ୍ ଦେଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ଚଳିତ ବର୍ଷ ପ୍ରତିଯୋଗିତା ବେଶ୍ କଠିନ ଥିଲା। ଏଠାରେ ବିଶ୍ୱସ୍ତରୀୟ ଖେଳାଳିମାନେ ଉପସ୍ଥିତ ଅଛନ୍ତି। ସମସ୍ତ ବିଜେତା ଓ ମନୋନୀତ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ। ଦୃଢ଼ ସଂକଳ୍ପ ଓ କଠିନ ପରିଶ୍ରମ ମାଧ୍ୟମରେ କେତେ ସଫଳତା ହାସଲ କରାଯାଇପାରେ, ତାହା ଆପଣମାନେ ପ୍ରମାଣିତ କରିଛନ୍ତି।'' ପୁରସ୍କାର ଦୌଡ଼ରେ ଥିବା ଗତ ବିଶ୍ୱକପର ସର୍ବାଧିକ ଗୋଲ୍ ଦେଇଥିବା ରିଅଲ୍ ମାଡ୍ରିଡ୍‌ର ଫ୍ରାନ୍ସ ଖେଳାଳି କାଇଲିଆନ୍ ଏମ୍‌ବାପେ ଓ ବାର୍ସିଲୋନାର ସ୍ପେନୀୟ ତାରକା ଲାମିନେ ୟାମାଲଙ୍କୁ ପଛରେ ପକାଇ କେନ୍ ଏହି ପୁରସ୍କାର ଜିତିଥିଲେ।

## ଭାରତ ଏ'-ନ୍ୟୁଜିଲାଣ୍ଡ ଏ ମ୍ୟାଚ୍ ଡ୍ର'

ନୂଆଦିଲ୍ଲୀ, ୨୭/୧୦: ଭାରତ ଏ ବନାମ ନ୍ୟୁଜିଲାଣ୍ଡ ଏ ପ୍ରଥମ ଅନୌପଚାରିକ ବା ଅନଅଫିସିଆଲ୍ ଟେଷ୍ଟ ମ୍ୟାଚ୍ ଡ୍ରରେ ଶେଷ ହୋଇଛି । ବିଜୟର ଦ୍ୱାରଦେଶରେ ଛିଡ଼ା ହୋଇଥିବା ଟିମ୍ ଇଣ୍ଡିଆ ଏହି ମ୍ୟାଚ୍ କୁ ଗୋଟିଏ ୱିକେଟ୍ ରେ ଜିତିବାରେ ବଞ୍ଚିତ ହୋଇଥିଲା । ଖରାପ ଆଲୋକ ହେତୁ ଶେଷ ଦିନରେ ଫୁଲ୍ ଓଭର ଖେଳାଯାଇ ପାରି ନଥିଲା । ୩୧୩ ରନ୍ ର ଟାର୍ଗେଟ୍ ପିଛା କରିଥିବା ନ୍ୟୁଜିଲାଣ୍ଡ ୬୫ ଓଭରରେ ୯ ୱିକେଟ୍ ହରାଇ ୧୮୭ ରନ୍ କରିଥିଲା । ଏହି ମ୍ୟାଚ୍ ଡ୍ର କରିବାରେ କର୍ଟିସ୍ ହେଫି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ସେ ୯୦ ରନ୍ ର ଅପରାଜିତ ଇନିଂସ ଖେଳିଥିଲେ । ଶେଷ ୱିକେଟ୍ ପାଇଁ ତାଙ୍କୁ ଜାଡେନ୍ ଲେନକ୍ସ ମଧ ସମର୍ଥନ କରିଥିଲେ, ଯିଏ ୬ ବଲରେ ୨୪ ରନ୍ କରିଥିଲେ। ଭାରତ ଏ ୫୬ତମ ଓଭରରେ ନ୍ୟୁଜିଲାଣ୍ଡ ଏ'ର ନବମ ୱିକେଟ୍ ନେଇଥିଲା, ଏହା ପରେ ୯ ଓଭରର ମ୍ୟାଚ୍ ଖେଳିଥିଲା, ଯେଉଁଥିରେ ଦ୍ରୁତ ବୋଲର ମଧ ଖରାପ ଆଲୋକ ହେତୁ ସ୍ପିନ୍ ବୋଲିଂ କରିଥିଲେ । ଶେଷ ୱିକେଟ୍ ପାଇଁ ଭାରତ ସମସ୍ତ ଚେଷ୍ଟା କରିଥିଲା, କିନ୍ତୁ ସଫଳ ହୋଇନଥିଲା ।

ଦେବଦତ୍ତ ପାଡିକଲଙ୍କ ୧୯୯ ରନ୍ ର ଇନିଂସ ବୃଥା- ପ୍ରଥମ ଇନିଂସରେ ଭାରତ ୧୧୩ ରନ୍ ରେ ଅଲଆଉଟ୍ ହେବା ପରେ ବିଜୟ ବିପଦରେ ଥିଲା, ସେତେବେଳେ ଦେବଦତ୍ତ ପାଡିକଲ କେବଳ ପରାଜୟକୁ ଏଡ଼ାଇ ନଥିଲେ ବରଂ ଦଳକୁ ବିଜୟର ରାସ୍ତା ମଧ ଦେଖାଇଥିଲେ । ଭାରତୀୟ ବ୍ୟାଟରମାନେ ଦ୍ୱିତୀୟ ଇନିଂସରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ବୋର୍ଡରେ ୫୧୬ ରନ୍ ରଖିଥିଲେ । ଅମ୍ପାୟାରଙ୍କ ଭୁଲ ନିଷ୍ପତ୍ତି ଯୋଗୁଁ ପାଡିକଲ୍ ୧୯୯ ରନ୍ ରେ ଆଉଟ୍ ହୋଇଥିଲେ, ନଚେତ୍ ସେ ତାଙ୍କର ଦ୍ୱିଶତକ ପୂରଣ କରିଥାନ୍ତେ । ପାଡିକଲଙ୍କ ବ୍ୟତୀତ ସାଇ ସୁଦର୍ଶନ ୯୧, ଯଶ ଠାକୁର ୬୬ ଓ ୱାଶିଂଟନ୍ ସୁନ୍ଦର ୫୨ ରନ୍ କରିଥିଲେ । ତୃତୀୟ ୱିକେଟ୍ ପାଇଁ ପାଡିକାଲ ଓ ସୁଦର୍ଶନଙ୍କ ମଧ୍ୟରେ ୨୧୫ ରନ୍ ର ଭାଗିଦାରୀ ହୋଇଥିଲା, ଯାହା ମ୍ୟାଚ୍ ର ଟର୍ଣ୍ଣିଂ ପଏଣ୍ଟ ଥିଲା । ଯଶସ୍ୱୀ ଜୈସୱାଲ ଏବଂ କେଏଲ୍ ରାହୁଲଙ୍କ ପରି ଷ୍ଟାର ଖେଳାଳି ଉଭୟ ଇନିଂସରେ ଫ୍ଲପ୍ ହୋଇଥିଲେ ।

ପ୍ରଥମ ଦିନରେ ଭାରତ ବ୍ୟାକଫୁଟରେ ଥିଲା- ଟସ୍ ହାରିବା ପରେ ଭାରତ ଏ ଦଳ ପ୍ରଥମ ଦିନରେ ବ୍ୟାକ୍ ଫୁଟ୍ କୁ ପଡ଼ିଥିଲା । ଭାରତ 'ଏ'ର ପ୍ରଥମ ଇନିଂସ ୧୧୩ ରନ୍ ରେ ସୀମିତ ହୋଇଥିଲା । ପ୍ରଥମ ଇନିଂସରେ ପାଡିକାଲ ୩୨ ରନ୍ ଏବଂ ଯଶ ଠାକୁର ୪୪ ରନ୍ କରିଥିଲେ । କେଏଲ୍ ରାହୁଲଙ୍କ ସମେତ ୫ ଜଣ ବ୍ୟାଟ୍‌ର ୦ ରନ୍ ରେ ଆଉଟ୍ ହୋଇଥିଲେ । ପ୍ରଥମ ଦିନରେ ଚମତ୍କାର ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ଟିମ୍ ଇଣ୍ଡିଆ ଉପରେ ଅଗ୍ରଣୀ ହାସଲ କରିଥିଲା । ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୩୧୭ ରନ୍ କରିଥିଲା । ଦ୍ୱିତୀୟ ଇନିଂସରେ ଭାରତ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା । ଯଦି ଭାରତ ଏହି ମ୍ୟାଚ୍ ଜିତିଥାନ୍ତା ତେବେ ବଡ଼ କଥା ହୋଇଥାନ୍ତି କିନ୍ତୁ ସେମିତି କିଛି ହୋଇନାହିଁ ମ୍ୟାଚ୍ ଡ୍ରରେ ଶେଷ ହୋଇଛି ।

## ରାଜ୍ୟସ୍ତରୀୟ ଟାଇକୋଣ୍ଡୋରେ ବଲାଙ୍ଗିରକୁ ୫ ପଦକ

ବଲାଙ୍ଗିର, ୨୭।୧୦: ସୁବର୍ଣ୍ଣପୁର ଜିଲ୍ଲା ସିଣ୍ଡୋଲ ସ୍ଥିତ ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସିଏଚ୍‌ଏସ୍‌ଇ ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲା ଟାଇକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ତଥା ପ୍ରତିଷ୍ଠିତ କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଯାଇଥିବା ୬ ଜଣିଆ ଛାତ୍ର ଛାତ୍ରୀଙ୍କ ଦଳ ଏହି ସଫଳତା ହାସଲ କରିଛି। ଏଥିରେ ବାଳିକା ବିଭାଗରେ କ୍ରୀଷ୍ଣା ମେହେର ୪୪-୪୬ କିଗ୍ରା ଓଜନ ଶ୍ରେଣୀ ବିଭାଗ ରେ ସ୍ୱର୍ଣ୍ଣ ପଦକ, ଅଭୀପ୍ସା ସାହୁ ୫୨-୫୫ କେଜିରେ



ରୌପ୍ୟ ପଦକ, ସରିତା ନାୟକ -୪୦ କେଜିରେ ବ୍ରୋଞ୍ଜ ପଦକ, ମଧୁସ୍ମିତା ମିଶ୍ର ୪୬-୪୯ କେଜିରେ ବ୍ରୋଞ୍ଜ ପଦକ ଓ ଜଗନ୍ନାଥ ମେହେର ୫୧-୫୫ କେଜି ବାଳକ ଶ୍ରେଣୀ ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ପାଇଁ ସରକାରୀ ବଲାଙ୍ଗିର କଲେଜ ପକ୍ଷରୁ ଅସୀମ ଭୋଇଙ୍କୁ କୋଚ ଭାବରେ ମନୋନିତ କରାଯାଇଥିବା କଲେଜ ତରଫରୁ ସୂଚନା ଦିଆଯାଇଛି। ଏହି ପ୍ରତିଯୋଗିତା ପାଇଁ ବଲାଙ୍ଗିର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ କୋଚ ଅସୀମ ଭୋଇ ବିନା ମୂଲ୍ୟରେ ନିଃସ୍ୱାର୍ଥପର ଭାବରେ ଟାଇକୋଣ୍ଡୋ ପ୍ରଶିକ୍ଷଣ ପ୍ରଦାନ କରିଥିବା ଛାତ୍ର ଛାତ୍ରୀ ତଥା ଅଧ୍ୟାପକମାନେ ପ୍ରକାଶ କରିଛନ୍ତି। କୋଚ ଶ୍ରୀ ଭୋଇଙ୍କ ଏପରି ନିଃସ୍ୱାର୍ଥପର ସେବା ଓ ଉତ୍ସର୍ଗୀକୃତ ଭାବନାକୁ କଲେଜ ଅଧ୍ୟକ୍ଷ ଡ. କୌତୁକ କନ୍ଦର ଭୂୟସୀ ପ୍ରଶଂସା କରିଛନ୍ତି। ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା କ୍ରୀଷ୍ଣ ମେହେର ଆଗାମୀ ନଭେମ୍ବର ରେ ରାଂଚି ଠାରେ ହେବାକୁ ଥିବା ସିଏଚ୍‌ଏସ୍‌ଇ (ଏସ୍‌ଜିଏଫ୍‌ଆଇ) ଜାତୀୟ ସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି କଲେଜ ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ର ଛାତ୍ରୀମାନଙ୍କ ଏହି ଗୌରବ ଜନକ ସଫଳତା ଏବଂ କୋଚଙ୍କ ନିଃସ୍ୱାର୍ଥପର ପ୍ରୟାସ ପାଇଁ ବଲାଙ୍ଗିର କଲେଜର ସମସ୍ତ ଅଧ୍ୟାପକ, କ୍ରିଡ଼ାପ୍ରେମୀ ଏବଂ ଜିଲ୍ଲାବାସୀ ଅତ୍ୟନ୍ତ ଖୁସି ପ୍ରକାଶ କରିବା ସହ ସମସ୍ତ ବିଜେତା ଏବଂ କୋଚ ଶ୍ରୀ ଭୋଇଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଜହିରଙ୍କ ଡେପୁଟି ହେଲେ ମୋର୍କେଲ

ନୂଆଦିଲ୍ଲୀ, ୨୭।୧୦: ଆସନ୍ତା ବର୍ଷର ଆଇପିଏଲ ପୂର୍ବରୁ କୋଚିଂ ଟିମର ନବକଳେବର କରିଛି କରିଛି ୫ଥରର ବିଜେତା ଚେନ୍ନାଇ ସୁପର କିଙ୍ଗସ। ପ୍ରଥମେ ଦଳ ଟିମ ଇଣ୍ଡିଆର ପୂର୍ବତନ ଦ୍ରୁତ ବୋଲର ଜହିର ଖାନଙ୍କୁ ମୁଖ୍ୟ କୋଚ୍ କରିଥିଲା ।ଏବେ ତାଙ୍କ ଡେପୁଟି ଭାବେ ଦକ୍ଷିଣ ଆଫ୍ରିକାର ପୂର୍ବତନ ଖେଳାଳି ଆଲବି ମୋର୍କେଲଙ୍କୁ



ନିଯୁକ୍ତ କରିଛି। ସେହିପରି ସମସ୍ତଙ୍କୁ ଚକିତ କରି ଭାରତର ପୂର୍ବତନ ଖେଳାଳି ମୋହିତ ଶର୍ମାଙ୍କୁ ଚେନ୍ନାଇ ବୋଲିଂ କୋଚ୍ ଦାୟିତ୍ୱ ଦେଇଛି। ୫ଥରର ବିଜେତା ଚେନ୍ନାଇ ଆଇପିଏଲର ବିଗତ କିଛି ସଂସ୍କରଣରେ ଆଖି ଦୃଶିଆ ପ୍ରଦର୍ଶନ କରିପାରି ନାହିଁ। ଏଥିଯୋଗୁ ଜହିର ଖାନ ମୁଖ୍ୟ କୋଚ୍ ହେବା ପରେ ଦଳ ପକ୍ଷରୁ ତାଙ୍କୁ କୋଚିଂ ଟିମରେ ନିଜ ପସନ୍ଦର ସଦସ୍ୟଙ୍କୁ ଦାୟିତ୍ୱ ଦେବାକୁ କହିଥିଲେ ।ଆଉ ଏହାପରେ ଜହିର ଖାନ ମୋର୍କେଲ ଓ ମୋହିତ ଶର୍ମାଙ୍କୁ ଚେନ୍ନାଇର କୋଚିଂ ଟିମରେ ସାମିଲ କରିଛନ୍ତି। ମୋର୍କେଲ ଓ ମୋହିତଙ୍କ ବ୍ୟତୀତ ଚେନ୍ନାଇ ପକ୍ଷରୁ ଇଂଲଣ୍ଡର ପୂର୍ବତନ ସ୍ପିନର ଗାର୍ଥ ବାଟୀଙ୍କୁ ମଧ କୋଚିଂ ସେଟ୍‌ଅପ୍‌ରେ ସାମିଲ କରିବାକୁ ନିଷ୍ପତ୍ତି ନେଇଛି ।ମିନି ନିଲାମ ପୂର୍ବରୁ ଖେଳାଳି ରିଲିଜ ଓ ରିଟେନ କରିବାର ଶେଷ ତାରିଖ ହେଉଛି ନଭେମ୍ବର ୧୫। ଏହାପୂର୍ବରୁ ଚେନ୍ନାଇ ପ୍ରଥମେ ନିଜ କୋଚିଂ ଟିମର ନବକଳେବର କରିଛି। ୩୮ ବର୍ଷୀୟ ମୋହିତ ଶର୍ମାଙ୍କୁ ଚେନ୍ନାଇ ବୋଲିଂ କୋଚ କରିବା ସଂପୂର୍ଣ୍ଣ ଭାବେ ଅପ୍ରତ୍ୟାଶିତ।

ମୋହିତ ଶର୍ମା। ୨୦୧୩ରେ ଚେନ୍ନାଇ ପାଇଁ ଆଇପିଏଲରେ ଡେବ୍ୟୁ କରିଥିଲେ। ସେ ୨୦୧୫ ଯାଏ ଦଳ ସହ ରହିଥିଲେ। ଏହାପରେ ଦଳ ତାଙ୍କୁ ରିଲିଜ କରି ଦେଇଥିଲା। କିନ୍ତୁ ୨୦୧୯ରେ ସେ ପୁଣି ଚେନ୍ନାଇକୁ ଫେରିଥିଲେ। ଚେନ୍ନାଇରୁ ସେ ଗୁଜରାଟ ଟାଇଟନ୍ସକୁ ଯାଇଥିଲେ ଓ ୨୦୨୩ ଆଇପିଏଲରେ ନିଜର ଯାଦୁ ଦେଖାଇଥିଲେ। ଶେଷଥର ମୋହିତ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳିଥିଲେ ଓ ୨୦୨୫ ଡିସେମ୍ବରରେ ହିଁ କ୍ରିକେଟର ସବୁ ଫର୍ମାଟକୁ ଅଲବିଦା କହିଥିଲେ ।ଏବେ ସେ ଚେନ୍ନାଇର ବୋଲିଂ କୋଚ ଦାୟିତ୍ୱରେ ଥିବା ଏରିକ ସିମନ୍ସଙ୍କ ସ୍ଥାନ ନେବେ। ମୋହିତ ଆଇପିଏଲର ୧୨୦ଟି ମ୍ୟାଚ୍ ଖେଳି ୧୩୪ଟି ୱିକେଟ ନେବାର ଅଭିଜ୍ଞତା ରଖିଛନ୍ତି ।ହିର ଖାନଙ୍କ ଡେପୁଟି ହୋଇଥିବା ଆଲବି ମୋର୍କେଲ ମଧ ଚେନ୍ନାଇ ପାଇଁ ପୂର୍ବରୁ ଖେଳି ସାରିଛନ୍ତି। ୨୦୦୮ରୁ ୨୦୧୩ ଯାଏ ସେ ଚେନ୍ନାଇ ସହ ରହିଥିଲେ। ଏହି ସମୟରେ ଚେନ୍ନାଇ ଏକାଧିକ ଥର ଆଇପିଏଲ ଟାଇଟଲ ମଧ ହାତେଇଥିଲା।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate, Bhubaneswar-751010, Near NSIC Office, Dist - Khordha (Odisha), Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର